# ଅଲିଭର ଟୁଇଷ୍ଟ



ଗ୍ରନ୍ଥମନ୍ଦିର

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା :

# ଅଲିଭର୍ ଟୁଇଷ୍ଟ

[ ଚାର୍ଲସ୍ ଡିକେନ୍ସଙ୍କ
*Oliver Twist* ବହିର
ଓଡ଼ିଆ ରୂପାନ୍ତର ]

ଅନୁବାଦକ :
ଅଧ୍ୟାପକ ଶ୍ରୀଧର ଦାସ

ପ୍ରକାଶକ :
ଅଭିରାମ ମହାପାତ୍ର
ଗ୍ର ନ୍ଥ ମ ନ୍ଦି ର
କଟକ-୨ : ବ୍ରହ୍ମପୁର-୧

ମୁଦ୍ରଣ :
ଗ୍ର ନ୍ଥ ପ୍ର କା ଶି ନୀ
କଟକ-୧

ପ୍ରଥମ ମୁଦ୍ରଣ :
ଜାନୁୟାରୀ, ୧୯୭୨
ପୁନର୍ମୁଦ୍ରଣ, ଏପ୍ରିଲ, ୧୯୭୪

ମୂଲ୍ୟ :
ଟ ୩·୨୫

1/1 (J 72) 2/1 (A 74)

# ଏକ

ଅନେକ ଦିନ ତଳର କଥା । ସେ କାଳରେ ଇଂଲଣ୍ଡର ଅନାଥାଶ୍ରମଗୁଡ଼ିକର ଅବସ୍ଥା ଅତି ଶୋଚନୀୟ ଥିଲା । ସେଥିରେ ରହୁଥିବା ଦରିଦ୍ର ବାଳକମାନେ ଅତି ଘୃଣିତ ଜୀବନ ଯାପନ କରିବାକୁ ବାଧ୍ୟ ହେଉଥିଲେ । ସେମାନଙ୍କୁ ନାନା ଦୁର୍ବ୍ୟବହାର ସହିବାକୁ ପଡ଼ୁଥିଲା ।

ଏହିପରି ଏକ ଅନାଥାଶ୍ରମରେ ଗୋଟିଏ ହତଭାଗ୍ୟ ଶିଶୁ ଦେଖାଦେଲା । ତାହାର ମାଆ ଅତି ଘୃଣିତ ଭାବରେ ନାନାଆଡ଼େ ବୁଲି ବୁଲି ସେଠାରେ ଉପସ୍ଥିତ ହୋଇଥିଲା । ସେ ଅନାଥାଶ୍ରମର ଦ୍ୱାରରେ ପହଞ୍ଚି ନିଜର କୌଣସି ପରିଚୟ ଦେଇ ନଥିଲା । ସେ କେତେକ ସମୟ ଗର୍ଭଯନ୍ତ୍ରଣା ଭୋଗିଲାପରେ ଏହି ଶିଶୁଟି ଭୂମିଷ୍ଠ ହେଲା । ଶିଶୁଟିକୁ ଜନ୍ମ ଦେବାପରେ ସେ ତାକୁ ଥରେମାତ୍ର ଚୁମ୍ବନ ଦେଇ ଚିରଦିନ ପାଇଁ ଆଖି ବୁଜିଦେଲା । ସ୍ତ୍ରୀଲୋକଟି ବିଷୟରେ କିଛି ହେଲେ ଜଣାନଥିଲା । ତେଣୁ ଅନାଥାଶ୍ରମର କର୍ତ୍ତାମାନେ ଶିଶୁଟିକୁ ମିସେସ୍ ମାନ୍ ବୋଲି ଜଣେ ସ୍ତ୍ରୀଲୋକଙ୍କ ନିକଟକୁ ପଠାଇଦେଲେ । ଏହି ଶିଶୁ ପରି ଅନାଥ, ଗୃହଶୂନ୍ୟ ଶିଶୁମାନଙ୍କୁ ଲାଳନପାଳନ କରିବାର ଭାର ସେ ଗ୍ରହଣ କରୁଥିଲେ । ଅନାଥାଶ୍ରମର କର୍ତ୍ତାମାନେ ଶିଶୁମାନଙ୍କର ବ୍ୟୟ ନିମନ୍ତେ ମିସେସ୍-ମାନଙ୍କୁ ସତ୍‌କିଞ୍ଚିତ୍ ଅର୍ଥ ଦେଉଥିଲେ । ସେ ଯାହା ପାଉଥିଲେ,

ସେ ସମସ୍ତ ଯେ ଶିଶୁମାନଙ୍କର ଖାଦ୍ୟ ଓ ପରିଧେୟରେ ବ୍ୟୟିତ ହେଉଥିଲା, ତାହା ନୁହେଁ । ସେ ନିଜେ ପ୍ରଥମେ ବଞ୍ଚିବା ଦରକାର; ତା ନ ହେଲେ ପିଲାଗୁଡ଼ିକଙ୍କର କଥା ବୁଝିବେ କପରି ?

ଏହି ଶିଶୁଟିର କ୍ଷୁଦ୍ର ଶରୀର ଓ ତାର ଜୀବନ ଏକତ୍ର ରହିପାରିବ କି ନା ଏ ବିଷୟରେ ଘୋର ସଂଘର୍ଷ ରହିଥିଲା । କିନ୍ତୁ ଶିଶୁଟି କୌଣସି ପ୍ରକାରେ ଏହି ସଂଘର୍ଷ ମଧ୍ୟରେ ବର୍ତ୍ତିଗଲା । ଦିନ ପରେ ଦିନ ଗଡ଼ିଚାଲିଲା । ପିଲାଟିକୁ ଆଠବର୍ଷ ପୂରିଗଲା । ସେତେବେଳକୁ ତାର ଦେହଟି ଶୁଷ୍କ, ନୀରସ; ଚମଡ଼ା ତଳେ କେତେଖଣ୍ଡି ହାଡ଼ ମାତ୍ର ଥାଏ ।

ବାଳକଟିର ନବମ ଜନ୍ମଦିବସ ଉପସ୍ଥିତ । ତା ପକ୍ଷରେ ଜନ୍ମଦିବସ ଓ ଅନ୍ୟ ଦିବସ ମଧ୍ୟରେ କୌଣସି ପ୍ରଭେଦ ନ ଥିଲା । ଏହିପରି ଆଠଟି ଜନ୍ମଦିବସ ଚାଲିଯାଇଛି; କିନ୍ତୁ ସେ ଏହି ଦିବସର କୌଣସି ବିଶେଷତ୍ୱ ଥିବାର କେବେ ଅନୁଭବ କରିନାହିଁ । ପ୍ରତ୍ୟହ ସେହି ସ୍ୱଳ୍ପାହାର, ସେହି ଛିନ୍ନ ବସ୍ତ୍ର ପରିଧାନ—ସଂକ୍ଷେପରେ ଚିରନ୍ତନ ଜୀବନମରଣ ସଂଗ୍ରାମ ମଧ୍ୟରେ ଅବସ୍ଥାନ ।

କିନ୍ତୁ ଏହି ନବମ ଜନ୍ମଦିବସରେ ଗୋଟିଏ ନୂତନ ଘଟଣା ଘଟିଲା । ଅନାଥାଶ୍ରମର ଜଣେ ଅଧସ୍ତନ କର୍ମଚାରୀ ଆସି ମିସେସ୍ ମାନ୍‌ଙ୍କ ଘରେ ଉପସ୍ଥିତ । ତାଙ୍କର ନାମ ମିଷ୍ଟର ବମ୍ବଲ୍ । ତାଙ୍କ ଶରୀରଟି ଅତିମାତ୍ରାରେ ସ୍ଥୂଳ । ସେ ଯେଉଁ କୋଟ୍ ପିନ୍ଧିଥିଲେ, ତାର ପିତଳ ବୋତାମଗୁଡ଼ିକ ଚକ୍ ଚକ୍ ଦିଶୁଥିଲା । ମିଷ୍ଟର ବମ୍ବଲ୍ ହେଉଛନ୍ତି ଅନାଥାଶ୍ରମର ପ୍ରଧାନ ତପସିଲ ।

ମିଷ୍ଟର ବମ୍ବଲ୍ ମିସେସ୍‌ମାନଙ୍କୁ ଅଭିବାଦନ ଜଣାଇ ପକେଟରୁ ଚମଡ଼ା ମଲାଟଦିଆ ଗୋଟିଏ ଛୋଟ ନୋଟ୍ ବହି ବାହାର କଲେ । ତାକୁ ଖୋଲି କହିଲେ, "ମିସେସ୍ ମାନ୍,

ଯେଉଁ ପିଲାଟିକୁ ଅଲିଭର୍ ଟୁଇଷ୍ଟ ନାଁ ଦିଆଯାଇଥିଲା ଆଜି ତାକୁ ନଅ ବର୍ଷ ପୂରିଲା ।"

ମିସେସ୍ ମାନ୍ ରୁମାଲରେ ଆଖି ପୋଛୁ ପୋଛୁ କହିଲେ, "ହଁ, ଈଶ୍ୱର ତାକୁ ଆୟୁଷ ଦେଇଥାନ୍ତୁ ।"

ଏହିମଧ୍ୟରେ ସେ ମିଷ୍ଟର ବମ୍ବଲ୍‌ଙ୍କର ଅଭ୍ୟର୍ଥନା ପାଇଁ କିଛି ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରି ଆସିବାରୁ ମିଷ୍ଟର ବମ୍ବଲ୍ କହିଲେ, "ଅନାଥାଶ୍ରମ ପକ୍ଷରୁ ବାରମ୍ବାର ବିଜ୍ଞାପନ ଦିଆଗଲା । ପିଲାଟିର ବାପ କିଏ, ମାଆର ନାମ କଅଣ, ସେମାନଙ୍କର ଘର କେଉଁଠି, ଏ ସବୁ ସମ୍ବାଦ ଜଣାଇବାକୁ ।"

ମିସେସ୍ ମାନ୍ ଏ କଥାର ଉଦ୍ଦେଶ୍ୟ ବୁଝି ନପାରି କେବଳ ବିସ୍ମିତ ହେଲେ । କିଛି ସମୟ ଚିନ୍ତା କରି ପଚାରିଲେ, "ତେବେ ଆପଣ ପିଲାଟିର ନାଆଁ ପାଇଲେ କିପରି ? ମୁଁ ଭାବିଥିଲି ଯେ ପିଲାର ବାପାଙ୍କ ନାମ ଟୁଇଷ୍ଟ ହୋଇଥିବ ।"

ମିଷ୍ଟର ବମ୍ବଲ୍ ମିସେସ୍ ମାନ୍‌ଙ୍କର ଆତିଥ୍ୟ ଗ୍ରହଣ କରୁ କରୁ ମୁହଁରେ ଗର୍ବର ଭାବ ଦେଖାଇ କହିଲେ, "ବୁଝିଲ, ସେଇଟା ହେଲା ମୋର ଉଦ୍‌ଭାବନ ।"

ମିସେସ୍ ମାନ୍—ଆପଣଙ୍କର ଉଦ୍ଭାବନ ! ତାର ଅର୍ଥ...?

ମିଷ୍ଟର ବମ୍ବଲ—ମିସେସ୍ ମାନ୍, ଆମେ ଏ ଅନାଥାଶ୍ରମର ଶିଶୁମାନଙ୍କର ନାମ ଆମ ବର୍ଣ୍ଣମାଳାର କ୍ରମ ଅନୁସାରେ ଦେଇଥାଉଁ । ଏ ପିଲା ଆସିବା ପୂର୍ବରୁ ଯେଉଁ ପିଲାଟି ଆସିଥିଲା ସେ ଥିଲା ଏସ୍ (S) । ତାର ନାଁ ଦେଇଥିଲି ଶବ୍‌ବଲ୍ । ଏସ୍ (S) ପରେ ଟି (T); ଶବ୍‌ବଲ୍ ପରେ ଏ ପିଲାଟି ଆସିଲା । ତେଣୁ ତାର ନାଆଁ ଦେଲି ଟି (T) ରେ ଟୁଇଷ୍ଟ (Twist) ।

ଏହା ପରେ ଯେଉଁ ପିଲା ଆସିବ, ତାର ନାଆଁ ହେବ ଇଉ (U) ରେ ଅନଉଇନ୍ (Unwin), ତା ପରେ ଯିଏ ଆସିବ ତାର ନାଆଁ ହେବ ଭି (V) ରେ ଭିଲ୍‌କିନସ୍ । ମୋ ପାଖରେ ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷରର ନାଆଁ ମହଜୁଦ୍ ଅଛି । ଯେତେବେଳେ ଶେଷ ଅକ୍ଷର ଜେଡ୍ (Z) ରେ ପହଞ୍ଚିବ, ସେତେ-ବେଳେ ପୁଣି ପ୍ରଥମ ଅକ୍ଷର ଏ (A) ଠାରୁ ଆରମ୍ଭ ହେବ ।

ମିସେସ୍ ମାନ୍ ହସି ହସି କହିଲେ, "ମୁଁ ଦେଖୁଛି, ଆପଣ ଜଣେ ବଡ଼ ସାହିତ୍ୟିକ ।"

ଏ ପ୍ରକାର ପ୍ରଶଂସା ଶୁଣି ମିଷ୍ଟର ବମ୍ବଲ୍ ଟିକିଏ ଆନନ୍ଦିତ ହେଲାପରି ଜଣାଗଲା । ସେ କହିଲେ, "ହଁ, ତା ହୋଇପାରେ । ମୋର ଏଠାକୁ ଆସିବାର ଉଦ୍ଦେଶ୍ୟ କହେଁ । ଅଲିଭର୍ ଟୁଇଷ୍ଟ ବଡ଼ ହୋଇଗଲାଣି । ତେଣୁ ଆମ କର୍ତ୍ତାମାନଙ୍କର ଇଚ୍ଛା ଯେ ଏଣିକି ତାକୁ ଅନାଥାଶ୍ରମରେ ରଖାଯିବ । ତାକୁ ସେଠାକୁ ନେବା ପାଇଁ ମୁଁ ନିଜେ ଆସିଛି । ତାକୁ ଆଣ, ଦେଖିବା ।"

ମିସେସ୍ ମାନ୍ କହିଲେ, "ମୁଁ ଯାଉଛି, ଏହିକ୍ଷଣି ନେଇ-ଆସିବି ।" ସେ ଘରଭିତରକୁ ଯାଇ ଅଲିଭର୍‌ର ଦେହ ଓ ମୁହଁକୁ ଧୋଇ ଯଥାସମ୍ଭବ ମଇଳା ପୋଛି ଓ ଖଣ୍ଡେ ସଫା କୁରୁତା ପିନ୍ଧାଇ ତାଙ୍କୁ ମିଷ୍ଟର ବମ୍ବଲ୍‌ଙ୍କ ନିକଟକୁ ଘେନିଆସିଲେ ।

ମିସେସ୍ ମାନ୍ ଅଲିଭର୍‌କୁ କହିଲେ, "ଅଲିଭର୍ ଏହି ଭଦ୍ରଲୋକମାନଙ୍କୁ ନମସ୍କାର କର ।"

ଅଲିଭର୍ ନମସ୍କାର କଲା, କିନ୍ତୁ ସେ ନମସ୍କାରଟା ମିଷ୍ଟର ବମ୍ବଲ୍‌ଙ୍କୁ କି ତାଙ୍କ ଟୋପିକୁ, ଠିକ୍ ଜଣା ଯାଉ ନଥିଲା ।

ମିଷ୍ଟର ବମ୍ବଲ୍ ଗମ୍ଭୀରଭାବରେ ପଚାରିଲେ, "ଅଲିଭର୍, ତୁ ମୋ ସାଥିରେ ଯିବୁ ?"

ଅଲିଭର୍ ମିସେସ୍ ମାନ୍‌ଙ୍କଠାରୁ ଯେ ପ୍ରକାର ଲାଳନପାଳନ ପାଉଥିଲା, ସେଥିରେ ସେ ଯେକୌଣସି ସ୍ଥାନକୁ ଯିବାପାଇଁ ପ୍ରସ୍ତୁତ ଥିଲା । ସେ ସେହି ମନୋଭାବ ପ୍ରକାଶ କରିବାକୁ ଯାଉଛି, ଏହି ସମୟରେ ତାର ଆଖି ପଡ଼ିଲା ମିସେସ୍ ମାନ୍‌ଙ୍କ ଉପରେ । ସେ ମିଷ୍ଟର ବମ୍ବଲ୍‌ଙ୍କ ଚଉକିପଛରେ ଛିଡ଼ା ହୋଇଥିଲେ । ତାଙ୍କର ହସ୍ତ ମୁଷ୍ଟିବଦ୍ଧ, ମୁଖରେ ବିରକ୍ତିର ଚିହ୍ନ । ଏଥିରୁ ଅଲିଭର୍ ତାଙ୍କ ଉଦ୍ଦେଶ୍ୟ ବୁଝି ନେଲା; କାରଣ ଏଥିପୂର୍ବରୁ ସେ ମୁଷ୍ଟି ସହିତ ଅଲିଭର୍ କ୍ଷୁଦ୍ର ଶରୀରର ମଧୁର ମିଳନ ବହୁବାର ଘଟିଥିଲା ।

ଅଲିଭର୍ କହିଲା, "ମାଆ ମୋ ସହିତ ଯିବେ ତ ?"

ମିଷ୍ଟର ବମ୍ବଲ୍—"ନା, ସେ କପରି ଯିବେ ? ତେବେ ସେ ବେଳେ ବେଳେ ଯାଇ ତତେ ଦେଖି ଆସୁଥିବେ ।"

ମିସେସ୍ ମାନ୍ ମଝିରେ ଯାଇ ତାକୁ ଦେଖି ଆସିବେ, ଏଥିରେ ତାର ଅବଶ୍ୟ ଆଶ୍ୱାସନାର କୌଣସି କାରଣ ନଥିଲା । କ୍ଷୀଣ, ଦୁର୍ବଳ ପିଲାଟିଏ ହେଲେ ସୁଦ୍ଧା ତାର ବୁଦ୍ଧି ଥିଲା । ମିସେସ୍ ମାନ୍‌ଙ୍କୁ ଛାଡ଼ି ଯିବାରେ ସେ ବିଶେଷ ଦୁଃଖିତ ହେଉଥିବାର ଛଳନା କଲା । ଦୁଃଖର ଚିହ୍ନ ସ୍ୱରୂପ ଆଖିରୁ କେତେ ଟୋପା ଲୁହ ଗଡ଼ାଇ ଦେଲା । ଆଖିରୁ ଲୁହ ବୁହାଇବା ତା ପକ୍ଷରେ କଷ୍ଟକର ନ ଥିଲା । ପେଟରେ କ୍ଷୁଧା ଓ ଦେହ ପ୍ରତି ଅତ୍ୟାଚାରର ଯେ କୌଣସି ପିଲାର ଆଖିରୁ ଅତି ସହଜରେ ଲୁହ ବୁହାଇପାରେ । ଅଲିଭର୍ ଏ ଦୁଇଟିଯାକ ଯଥେଷ୍ଟ ପରିମାଣରେ ଭୋଗିବା ବିଷୟରେ ସନ୍ଦେହ ନ ଥିଲା ।

ମିସେସ୍ ମାନ୍ ତାକୁ ଅନେକ ଥର ଆଲିଙ୍ଗନ କରି ଚୁମ୍ବନ ଦେଲେ । କିନ୍ତୁ ଅଲିଭର୍ ମନେ ମନେ ଭାବୁଥାଏ, 'ମୋତେ

ଭୋକ ହେଉଛି । ଅନାଥାଶ୍ରମରେ ପହଞ୍ଚିଲାବେଳକୁ ପେଟ ଜଳି ଯାଉଥିବ । ସେହି ଥର ଦ୍ୱିପ୍ରହର ଭୋଜନ ପରିବର୍ତ୍ତେ ଖଣ୍ଡିଏ ରୁଟି ଦେଲେ ମୋର ବେଶି ଉପକାର ହୁଅନ୍ତା ।’

ଅଲିଭର୍‌ର ଭାଗ୍ୟ ଭଲ ସେ ମିସେସ୍ ମାନ୍‌ଙ୍କଠାରୁ ଖଣ୍ଡିଏ ରୁଟି ପାଇଲା । ମିସେସ୍ ମାନ୍‌ଙ୍କ ଘରୁ ବିଦାୟ ନେଇ ଅଲିଭର୍ ମିଷ୍ଟର ବମ୍ବଲ୍‌ଙ୍କ ସଙ୍ଗେ ଅନାଥାଶ୍ରମକୁ ଚାଲିଲା । ଏହି ଘରେ ତାର ଜୀବନର ପୂରା ଆଠଟି ବର୍ଷ କଟିଯାଇଛି । କିନ୍ତୁ ସେ କେବେହେଲେ ଥରେ ମାତ୍ର ମିଠା କଥା ଶୁଣିଥିବାର ମନେ ପକାଇ ପାରିଲା ନାହିଁ । ତେଣୁ ମିସେସ୍ ମାନ୍‌ଙ୍କ ଘରୁ ବିଦାୟ ନେବାରେ ସେ ଆଦୌ ଦୁଃଖିତ ହୋଇ ନ ଥିଲା ।

ମିଷ୍ଟର ବମ୍ବଲ୍‌ଙ୍କ ପଛେ ପଛେ ଅଲିଭର୍ ଧାଇଁଥାଏ । ତାଙ୍କର ପାଦ ସଙ୍ଗେ ସମାନ ଗତି କରିବା ପାଇଁ ଅଲିଭର୍‌ର କ୍ଷୁଦ୍ର ଯଷ୍ଟି ସଦୃଶ ପାଦ ଦୁଇଟିର ସାମର୍ଥ୍ୟ ନଥିଲା । ତେଣୁ ସେ କିଛି ଦୂର ଧାଇଁବା ପରେ ପଚାରୁଥାଏ, “ଆମେ ଅନାଥାଶ୍ରମ ପାଖରେ ହେଲେଣି ?” ମିଷ୍ଟର ବମ୍ବଲ୍ ନିଜର ପଦମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ପାଇଁ ଅଲିଭର୍ ସହିତ କୌଣସି କଥାବାର୍ତ୍ତା କରିବାକୁ ଚାହୁଁ ନ ଥିଲେ । ତେଣୁ ସେ ତାର ପ୍ରଶ୍ନର ଉତ୍ତର ଗମ୍ଭୀର ସ୍ୱରରେ ଅତି ସଂକ୍ଷେପରେ ଦେଉଥିଲେ, “ନା ।”

ଅବଶେଷରେ ସେମାନେ ଅନାଥାଶ୍ରମରେ ପହଞ୍ଚିଲେ । ଏହି ନୂତନ ଘରଟି ଦେଖି ଅଲିଭର୍ ଟିକିଏ ଆନନ୍ଦିତ ହେଲା; କିନ୍ତୁ ସେ ଆନନ୍ଦ ସଙ୍ଗେ ଭୟ ମଧ୍ୟ ମିଶି ରହିଥିଲା ।

## ଦୁଇ

ଅଲଭର୍ ମିସେସ୍ ମାନ୍‌ଙ୍କ ଘରୁ ଆସିଲାବେଳେ ଯେଉଁ ଟୋକେ ରୁଟି ଖଣ୍ଡିକ ଆଣିଥିଲା, ସେ ଖଣ୍ଡିକ ସେ ଖାଇଦେଲା । ଏତିକବେଳକୁ ମିଷ୍ଟର ବମ୍ବଲ୍ ତାକୁ ଜଣେ ବୁଢ଼ୀ ଜିମାରେ ଛାଡ଼ିଦେଇ ଅନାଥାଶ୍ରମ ଭିତରକୁ ଗଲେ । କିଛି ସମୟ ପରେ ସେ ପୁଣି ଫେରି ଆସି କହିଲେ, "ଅଲଭର୍, ଆଜି ରାତିରେ ଅନାଥାଶ୍ରମର ବୋର୍ଡ଼ ବସିଛି । ଚାଲ୍, ସେଠାକୁ ଯିବା ।"

ମିଷ୍ଟର ବମ୍ବଲ୍ ଅଲଭର୍‌କୁ ନେଇ ସଭାଗୃହରେ ଉପସ୍ଥିତ ହେବାମାତ୍ରେ ତାକୁ ଆଦେଶ ଦେଲେ, "ବୋର୍ଡ଼କୁ ନମସ୍କାର କର ।" ବୋର୍ଡର ଅର୍ଥ ଯେ ଅନାଥାଶ୍ରମର କର୍ତ୍ତାମାନଙ୍କ ସଭା, ଏହା ଅଲଭର୍ ବୁଝି ପାରି ନ ଥିଲା । ସେ ଭାବୁଥିଲା, ଏଠାରେ ବୋଧହୁଏ ବୋର୍ଡ ବା କାଠପଟା ଥିବ । କିନ୍ତୁ ଗୋଟିଏ ଟେବୁଲ ଓ ତାର ଚାରିପାଖେ ବସିଥିବା କେତେକ ଭଦ୍ରଲୋକଙ୍କୁ ଦେଖି ସେ କାହାକୁ ନମସ୍କାର କରିବ ସ୍ଥିର କରିପାରିଲା ନାହିଁ । ତେଣୁ ଆଦେଶ ପାଳନ କରିବା ପାଇଁ ସେ ଟେବୁଲକୁ ନମସ୍କାର କଲା ।

ସେଠାରେ ଗୋଟିଏ ଉଚ୍ଚ ଚଉକିରେ ଜଣେ ଭଦ୍ରଲୋକ ବସିଥିଲେ । ସେ ପଚାରିଲେ, "ଆରେ ପିଲା, ତୋ ନାଆଁ କ'ଣ ?"

ଏତେଗୁଡ଼ିଏ ସୁସ୍ଥ ସବଳ ଭଦ୍ର ବ୍ୟକ୍ତିଙ୍କୁ ଦେଖି ଅଲଭର୍ ଭୟରେ ସ୍ତମ୍ଭୀଭୂତ ହୋଇ ଯାଇଥିଲା । ଏଣେ ମିଷ୍ଟର ବମ୍ବଲ୍ ତା ପଛଆଡ଼େ ଛିଡ଼ା ହୋଇ ତାକୁ ଠେଲୁଥିଲେ । ସେ କାନ୍ଦ କାନ୍ଦ ହୋଇ ନିଜର ନାଆଁ କହିଲା ସତ, କିନ୍ତୁ ଅତି ଧୀର ସ୍ୱରରେ

ରହି ରହି କହିଲା । ଧଳା ପେଣ୍ଟ କୋଟ୍ ପିନ୍ଧିଥିବା ଜଣେ ଭଦ୍ରଲୋକ କହି ଉଠିଲେ, "ପିଲାଟା ନିହାତି ବୋକା ।"

ସେ ପୁଣି କହିଲେ, "ଆରେ ପିଲା, ତୁ ଜାଣୁ ତ ତୋର ବାପା ନାହିଁ । ଅନାଥାଶ୍ରମ ଆଜିପାଏ ତୋର ଖାଇବା ପିଇବାକୁ ଦେଇ ବଢ଼ାଇ ଆସିଛି ।"

ଅଲିଭର୍ କାନ୍ଦି କାନ୍ଦି କହିଲା, "ହଁ ଆଜ୍ଞା !"

ଧଳା ଓଏଷ୍ଟ କୋଟ୍ ପିନ୍ଧିଥିବା ଭଦ୍ରଲୋକ ପଚାରିଲେ, "ଅରେ ପିଲା, ତୁ କାନ୍ଦୁଛୁ କାହିଁକି ?"

ବାସ୍ତବିକ ବଡ଼ ଆଶ୍ଚର୍ଯ୍ୟର କଥା, ପିଲାଟା କାନ୍ଦିଲା କାହିଁକି ? ଏଥିରେ କାନ୍ଦିବାର କି କାରଣ ଥିଲା ?

ଅନ୍ୟଜଣେ ଭଦ୍ରଲୋକ ରୁକ୍ଷ ସ୍ୱରରେ ପଚାରିଲେ, "ତୁ ପ୍ରତିଦିନ ଈଶ୍ୱରଙ୍କୁ ପ୍ରାର୍ଥନା କରୁ ? ଆଉ ଯେଉଁମାନେ ତୋତେ ଖାଇବାକୁ ଦେଉଛନ୍ତି, ତୋର ଯତ୍ନ ନେଉଛନ୍ତି, ଉପଯୁକ୍ତ ଖ୍ରୀଷ୍ଟିଆନ ପରି ସେମାନଙ୍କ ମଙ୍ଗଳପାଇଁ ପ୍ରାର୍ଥନା କରୁ ତ ?"

ଅଲିଭର୍ ଥଙ୍ଗେଇ ଥଙ୍ଗେଇ କହିଲା, "ହଁ ଆଜ୍ଞା !"

ବେଷ ଭଦ୍ରଲୋକଙ୍କ କଥାରେ ସତ୍ୟତା ଅଛି । ଯେଉଁମାନେ ଖାଇବାକୁ ପିଇବାକୁ ଦିଅନ୍ତି, ସେମାନଙ୍କର ମଙ୍ଗଳ ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଉତ୍ତମ ଖ୍ରୀଷ୍ଟିଆନ୍ ମାତ୍ର । କିନ୍ତୁ ଏକଥା କେହି କେବେ ଅଲିଭର୍‌କୁ ଶିକ୍ଷା ଦେଇ ନଥିଲେ । ଏଥିରେ ଦୋଷ କାହାର ?

ଉଚ୍ଚ ଚଉକିରେ ବସିଥିବା ଭଦ୍ରଲୋକ କହିଲେ, "ତୋତେ ଆମେ ଏଠିକି ଅଣେଇଛୁ । ଏଠାରେ ତୁ ପାଠ ପଢ଼ିବୁ ଓ ତାହା ସଙ୍ଗେ ସଙ୍ଗେ ଗୋଟାଏ କିଛି ବ୍ୟବସାୟ ଶିଖିବୁ ।"

ଧଳା ଓଏଷ୍ଟ କୋଟ୍ ପିନ୍ଧିଥିବା ଭଦ୍ରଲୋକ କହିଲେ, "ତୁ

କାଲି ସକାଳ ଛଅଟା ବେଳୁ ଛୁଣ୍ଡ୍ରା କଟା ଦଉଡ଼ି ଗୋଟାଇ ଆଣି ତାକୁ ସବୁ ଫିଟାଇ ଏକାଠି ରଖିବୁ ।"

ପାଠପଢ଼ା ଓ ବ୍ୟବସାୟ ଏ ଦୁଇଟି ଶିକ୍ଷାର ସୁନ୍ଦର ସମାଧାନ ହୋଇଗଲା, କେବଳ ଛୁଣ୍ଡ୍ରା ଦଉଡ଼ି ଗୋଟାଇ ଫିଟାଇବାରେ । ଅଲିଭର୍ ଏଥିପାଇଁ କର୍ତ୍ତାମାନଙ୍କ ନିକଟରେ କୃତଜ୍ଞତା ଜଣାଇବାକୁ ନମସ୍କାର କଲା । ତା ପଛରେ ଅବଶ୍ୟ ମିଷ୍ଟର ବମ୍ବଲ୍‌ଙ୍କର ଯଥେଷ୍ଟ ଇଙ୍ଗିତ ଥିଲା ।

ମିଷ୍ଟର ବମ୍ବଲ୍ ଅଲିଭର୍‌କୁ ଆଣି ଅନାଥାଶ୍ରମ ଅଗଣାରେ ଛାଡ଼ିଦେଇ ଗଲେ । ସେ ଭାବିଲା, "ମୁଁ ମହୁରଗରୁ ଆସି ଏବେ କାନ୍ତାରରେ ପଡ଼ିଲି ।" ଖଣ୍ଡିଏ କାଠପଟା ଉପରେ ବସି କାନ୍ଦି କାନ୍ଦି ତାକୁ ଯେ କେତେବେଳେ ନିଦ ଲାଗିଯାଇଛି, ସେ ଜାଣେ ନାହିଁ ।

ହତଭାଗ୍ୟ ଅଲିଭର୍ ଜାଣିପାରି ନଥିଲା ଯେ, ସେ ଏଣେ ଶୋଇ ପଡ଼ିଥିବା ବେଳେ ଅନ୍ୟ ଘରେ ଅନାଥାଶ୍ରମର କର୍ତ୍ତାମାନେ ତାର ଓ ତା'ଭଳି ଅନ୍ୟ ଅନାଥ ବାଳକମାନଙ୍କ ମଙ୍ଗଳ ନିମନ୍ତେ ଗୋଟିଏ ସିଦ୍ଧାନ୍ତ କରିସାରିଥିଲେ । ସିଦ୍ଧାନ୍ତଟି ଯେ ଗଭୀର ଚିନ୍ତା-ପ୍ରସୂତ ଓ ବିରାଟ ପ୍ରତିଭାର ପରିଚାୟକ ଏଥିରେ ସନ୍ଦେହ ନାହିଁ ।

ସେମାନେ ଦେଖିଲେ ଯେ ଦରିଦ୍ର ଲୋକ ଅନାଥାଶ୍ରମରେ ରହିବାପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁଅଛନ୍ତି । ଅବଶ୍ୟ ସାଧାରଣ ବୁଦ୍ଧିସମ୍ପନ୍ନ ଲୋକେ ଏତେ ବଡ଼ ତଥ୍ୟ ଆବିଷ୍କାର କରିପାରି ନଥାନ୍ତେ । ଯେଉଁ ମନୀଷୀମାନେ ଏ ସତ୍ୟ ବାହାର କଲେ, ସେମାନେ ତାହାର ସମାଧାନ ମଧ୍ୟ ସ୍ଥିର କରିଦେଲେ । ବୋର୍ଡ଼ ସ୍ଥିର କଲେ ଯେ ଅନାଥାଶ୍ରମରେ ଆଶ୍ରିତମାନଙ୍କର ଖାଦ୍ୟର ପରିମାଣ ଯଥେଷ୍ଟ କମାଇ ଦିଆଯିବ । ଯେତିକି ଖାଇଲେ ଜୀବନଟା ଦେହକୁ

ଗୁଡ଼ ଗୁଳିଯିବ ନାହିଁ ସେତିକରୁ ବେଶି ଖାଦ୍ୟ ଦେବା ଦରକାର କଅଣ ? ଖାଦ୍ୟର ପରିମାଣରୁ ଯେତିକ କମାଇ ଦିଆଗଲା, ତହିଁରୁ ଅଧିକ ପରିମାଣରେ ଜଳ ଦିଆଯିବାର ବ୍ୟବସ୍ଥା କରାଗଲା । ପ୍ରତ୍ୟେକଙ୍କ ପାଇଁ ଦୈନିକ ପାଣିଆ ଜାଉ ତିନିଥର ଓ କେବଳ ରବିବାର ଦିନ ଖଣ୍ଡେ ରୁଟି ଦିଆଯିବ ବୋଲି ସ୍ଥିରହେଲା ।

ଅଲିଭର୍ ଟୁଇଷ୍ଟ ଅନାଥାଶ୍ରମକୁ ଆସିବାର ପର ଦିନଠାରୁ ଏହି ନୂତନ ବ୍ୟବସ୍ଥା ଅକ୍ଷରେ ଅକ୍ଷରେ କାର୍ଯ୍ୟରେ ପରିଣତ କରାଗଲା । ଏହି ଅବସ୍ଥା ଫଳରେ ପ୍ରଥମେ ପ୍ରଥମେ ଅନାଥାଶ୍ରମର ବ୍ୟୟ କେତେକ ପରିମାଣରେ ବଢ଼ି ଯାଇଥିଲା । କାରଣ କେତେ ଦିନ ଯାଏ ପ୍ରତ୍ୟହ କେତୋଟି ଶବର ସଂସ୍କାର କରିବାକୁ ହେଉଥିଲା ଓ ପ୍ରତି ଶବପାଇଁ ଅନାଥାଶ୍ରମକୁ କିଛି ବ୍ୟୟ କରିବାକୁ ପଡ଼ୁଥିଲା । ଅଳ୍ପକାଳ ପରେ ଅନାଥାଶ୍ରମର ଆଶ୍ରିତଙ୍କ ସଂଖ୍ୟା ଖୁବ୍ କମିଗଲା । ଉଦ୍ଦେଶ୍ୟ ସିଦ୍ଧ ହେବା ଦେଖି କର୍ତ୍ତାମାନେ ନିଜ ବୁଦ୍ଧିର ଉଚ୍ଚ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଗର୍ବ ଅନୁଭବ କଲେ ।

ଗୋଟିଏ ବଡ଼ ପଥର ଘରେ ଅନାଥ ପିଲାମାନଙ୍କୁ ଖାଇବାକୁ ଦିଆ ଯାଉଥିଲା । ସେ ଘରର ଏକ କୋଣରେ ଗୋଟିଏ ବଡ଼ ପିତ୍ତଳ ହଣ୍ଡାରେ ଜାଉ ରଖାଯାଇଥାଏ । ଖାଇବା ବେଳକୁ ପିଲାମାନେ ଗୋଟାଏ ଲେଖାଏଁ ଗିନା ଓ ଗୋଟାଏ ଲେଖାଏଁ ଚାମଚ ଧରି ନିଜ ନିଜ ସ୍ଥାନରେ ଛିଡ଼ା ହୁଅନ୍ତି । ପୂଝାରୀ ମହାରାଜ ଓ ଦୁଇଜଣ ନାରୀ ଜାଉ ପରଷି ଦିଅନ୍ତି—ଗୋଟିଏ ଗ୍ଲେଟ ଡଙ୍କିରେ ଡଙ୍କିଏ ଲେଖାଏଁ । କାହାରିକୁ ଏଥିରୁ ଅଧିକ ଦେବା ନିଷିଦ୍ଧ ଥିଲା । କେବଳ ରବିବାର ଓ ପର୍ବଦିନମାନଙ୍କରେ ପ୍ରତ୍ୟେକଙ୍କୁ ଜାଉ ଛଡ଼ା ଦେଢ଼ ତୋଳା ଓଜନର ଖଣ୍ଡିଏ ଲେଖାଏଁ ରୁଟି ଦିଆଯାଉଥିଲା । ପିଲାମାନଙ୍କର ଗିନା ଓ ଚାମଚ ଧୋଇବା

ପାଇଁ କେବେ ପାଣି ଦରକାର ହେଉ ନ ଥିଲା । ପିଲାମାନେ ଗିନାରୁ ଚାମଚରେ ଜାଉ ଆଣି ଖାଇ ଦିଅନ୍ତି । ଆଉ ଯାହା କିଛି ଟିକିଏ ଟିକିଏ ଗିନାରେ ଲାଗିଥାଏ, ତାକୁ ଆଣିବାର ଚେଷ୍ଟା ଫଳରେ ଗିନା ସଫା ହୋଇଯାଏ । ତଥାପି କାଳେ ଜାଉର କୌଣସି ଅଦୃଶ୍ୟ ଅଂଶ ଗିନାରେ ଲାଗିଥିବ, ତାକୁ ଖାଇଦେବା ପାଇଁ ପିଲାମାନେ ଗିନା ଓ ଚାମଚକୁ ବହୁ ସମୟ ଯାଏ ଚାଟନ୍ତି । ଫଳରେ ଗିନା ଓ ଚାମଚ ଧୋଇବା ଆବଶ୍ୟକ ହୁଏ ନାହିଁ ; ଅଥଚ ସେଗୁଡ଼ିକ ଚକ୍ ଚକ୍ ଦିଶୁଥାଏ । ଗିନା ଓ ଚାମଚ ଚାଟି ସାରିବା ପରେ ପିଲାମାନେ ହଣ୍ଡା ଆଡ଼କୁ ଲୋଲୁପ ଦୃଷ୍ଟିରେ ଚାହାନ୍ତି । ବୋଧହୁଏ, ସୁବିଧା ପାଇଲେ ସେ ପିତ୍ତଳ ହଣ୍ଡାକୁ ଖାଇନେବେ ସବ ! ଅନେକ ଆଙ୍ଗୁଠିକୁ ଚାଟିବାରେ ଲାଗିଯାନ୍ତି— କାଳେ ଜାଉରୁ ବିନ୍ଦୁଏ ଭୁଲକ୍ରମେ ଆଙ୍ଗୁଠିରେ ପଡ଼ି ଯାଇଥିବ; ଏଇ ଆଶାରେ ।

ଛୋଟ ପିଲାଗୁଡ଼ାଙ୍କର ପେଟ ବଡ଼ । ସେମାନଙ୍କୁ ଯେତେ ଖାଇବାକୁ ଦିଅ, କେବେହେଲେ ସନ୍ତୁଷ୍ଟ ହେବେ ନାହିଁ । ଅନାଥାଶ୍ରମର ପିଲାମାନେ ବା ସନ୍ତୁଷ୍ଟ ହେବେ କପରି ? ଏହିପରି ତିନିମାସ ଯାଏ ଭୋକକଷ୍ଟ ସହି ସହି ପିଲାଗୁଡ଼ିକ ରାକ୍ଷସ ପରି ହିଂସ୍ର ହୋଇଗଲେ । ସେମାନଙ୍କର ବୁଦ୍ଧି ବିବେକ ରହିଲା ନାହିଁ । ସେମାନଙ୍କ ଭିତରେ ଜଣେ ଡେଙ୍ଗା ଟୋକା ଥିଲା । ତାର ବାପା ଗୋଟିଏ ହୋଟେଲରେ ଚାକର କରୁଥିଲେ । ତେଣୁ ସେ ଖାଦ୍ୟର ଅଭାବ ଆଗରୁ ଅନୁଭବ କରି ନ ଥିଲା । ବାପା ମରିଯିବାରୁ ତାକୁ ଅନାଥାଶ୍ରମରେ ଆଶ୍ରୟ ନେବାକୁ ହୋଇଥିଲା । ଦିନେ ସେ ଦେଖେଇ ଶୁଣେଇ କହିଲା, "ଆଜି ଯେବେ ଆଉ ଗିନାଏ ଜାଉ ଦିଆ ନ ଯାଏ, ତେବେ ରାତିକି ଯେ ମୋ ପାଖରେ ଶୋଇଥିବ ତାକୁ

ଖାଇଯିବ ।" ଦୈବଯୋଗକୁ ତା ପାଖରେ ଯିଏ ଶୁଏ, ସେ ଗୋଟିଏ ଅତି ଦୁର୍ବଳ ଛୋଟ ପିଲା । ଲଙ୍ଗା ଟୋକାର କୋରଡ଼ଗଳ ଆଖି, କହିବାର ଭଙ୍ଗୀ ଓ ନିଜ ନିଜ ଅବସ୍ଥାରୁ ସମସ୍ତେ ବିଶ୍ୱାସ କଲେ ଯେ ଟୋକାଟା ଯାହା କହୁଛି, ତାହା କାର୍ଯ୍ୟରେ ପରିଣତ କରିଦେବ ।

ପିଲାମାନେ ନିତାନ୍ତ ସ୍ତ୍ରସ୍ତ ହୋଇ ଗୋଟିଏ ସଭା କଲେ । ସେଥିରେ ସ୍ଥିର ହେଲା ଯେ ପ୍ରଥମ ଥର ଜାଉ ଖାଇ ସାରିଲେ ପର୍ଯ୍ୟବେକ୍ଷକ ମହାରାଜଙ୍କୁ ଆଉ ଥରେ ଜାଉ ମାଗିବାକୁ ହେବ । ପୁଣି ପ୍ରଶ୍ନ ଉଠିଲା—କିଏ ମାଗିବ ? ଗୁଳା ପଡ଼ିଲା । ସ୍ଥିର ହେଲା ଯେ, ଅଲିଭର୍ ଟୁଇଷ୍ଟ ମାଗିବ ।

ସନ୍ଧ୍ୟା ହେଲା । ପିଲାମାନେ ଆପଣା ଆପଣା ଜାଗାରେ ଗିନା ଓ ଚାମଚ ଧରି ଛିଡ଼ାହେଲେ । ପର୍ଯ୍ୟବେକ୍ଷକ ମହାରାଜ ଓ ତାଙ୍କୁ ସାହାଯ୍ୟ କରିବାକୁ ନାରୀ ଦୁହେଁ ଉପସ୍ଥିତ । ସମସ୍ତଙ୍କୁ ଗୋଟିଏ ଲେଖାଏଁ ପାଣିଆ ଜାଉ ଦିଆଗଲା । ଅଳ୍ପ ସମୟ ମଧ୍ୟରେ ସମସ୍ତଙ୍କ ଗିନାରୁ ଜାଉତକ ଉଭେଇଗଲା । ତାହା ପରେ ପିଲାମାନଙ୍କ ଭିତରେ ଫୁସ୍‌ଫାସ୍ ଚାଲିଲା । ସେମାନଙ୍କର ଆଖି ଥାଏ ଅଲିଭର୍ ଉପରେ । ତା ପାଖର ପିଲା ଦୁହେଁ ତାକୁ ଠେଲୁଥାନ୍ତି । ପିଲା ହେଲେ କଅଣ ହେବ, କ୍ଷୁଧା ଓ ଯନ୍ତ୍ରଣା ଭୋଗି ଭୋଗି ଅଲିଭର୍ ଯାହା କିଛି କରିବାକୁ ପ୍ରସ୍ତୁତ ଥିଲା । ସେ ହଠାତ୍ ପିଲାଙ୍କ ଧାଡ଼ିରୁ ବାହାରିପଡ଼ି ପର୍ଯ୍ୟବେକ୍ଷକଙ୍କ ପାଖକୁ ଯାଇ କହିଲା, "ପର୍ଯ୍ୟବେକ୍ଷକ ମହାରାଜ, ମୋତେ ଆଉ ଟିକିଏ ଜାଉ ଦିଅ ।"

ପର୍ଯ୍ୟବେକ୍ଷକ ମହାରାଜ ଟିକିଏ ମୋଟା ଲୋକ । ଛୋଟ ପିଲାଟାର ଏଭଳି ଦୁଃସାହସ ଦେଖି ସେ ପ୍ରଥମେ ସ୍ତମ୍ଭୀଭୂତ ହୋଇଗଲେ । ବିସ୍ମୟରେ ସେ ଅନେକ କ୍ଷଣଯାଏ ଅଲିଭର୍‌ର

ଖାଇଯିବ ।" ଦୈବଯୋଗକୁ ତା ପାଖରେ ଯିଏ ଶୁଏ, ସେ ଗୋଟିଏ ଅତି ଦୁର୍ବଳ ଗ୍ଲୋଟ ପିଲା । ବଡଙ୍ଗା ଟୋକାର କୋରଡ଼ିଆ ଆଖି, କହିବାର ଭଙ୍ଗୀ ଓ ନିଜ ନିଜ ଅବସ୍ଥାରୁ ସମସ୍ତେ ବିଶ୍ୱାସ କଲେ ଯେ ଟୋକାଟା ଯାହା କହୁଛି, ତାହା କାର୍ଯ୍ୟରେ ପରିଣତ କରିଦେବ ।

ପିଲାମାନେ ନିତାନ୍ତ ବ୍ୟସ୍ତ ହୋଇ ଗୋଟିଏ ସଭା କଲେ । ସେଥିରେ ସ୍ଥିର ହେଲା ଯେ ପ୍ରଥମ ଥର ଜାଉ ଖାଇ ସାରିଲେ ପୃଷ୍ଠାଗ୍ରୀ ମହାରାଜଙ୍କୁ ଆଉ ଥରେ ଜାଉ ମାଗିବାକୁ ହେବ । ପୁଣି ପ୍ରଶ୍ନ ଉଠିଲା—କିଏ ମାଗିବ ? ଗୁଳା ପଡ଼ିଲା । ସ୍ଥିର ହେଲା ଯେ, ଅଲିଭର୍ ଟୁଇଷ୍ଟ ମାଗିବ ।

ସନ୍ଧ୍ୟା ହେଲା । ପିଲାମାନେ ଆପଣା ଆପଣା ଜାଗାରେ ଗିନା ଓ ଗୁମଚ ଧରି ଛିଡ଼ାହେଲେ । ପୃଷ୍ଠାଗ୍ରୀ ମହାରାଜ ଓ ତାଙ୍କୁ ସାହାଯ୍ୟ କରିବାକୁ ନାମୀ ଦୁହେଁ ଉପସ୍ଥିତ । ସମସ୍ତଙ୍କୁ ଡଙ୍କିଏ ଲେଖାଏଁ ପାଣିଆ ଜାଉ ଦିଆଗଲା । ଅଳ୍ପ ସମୟ ମଧ୍ୟରେ ସମସ୍ତଙ୍କ ଗିନାରୁ ଜାଉତକ ଉଭେଇଗଲା । ତାହା ପରେ ପିଲାମାନଙ୍କ ଭିତରେ ଫୁସ୍‌ଫାସ୍ ଚାଲିଲା । ସେମାନଙ୍କର ଆଖି ଥାଏ ଅଲିଭର୍ ଉପରେ । ତା ପାଖର ପିଲା ଦୁହେଁ ତାକୁ ଠେଲୁଥାନ୍ତି । ପିଲା ହେଲେ କଅଣ ହେବ, କ୍ଷୁଧା ଓ ଯନ୍ତ୍ରଣା ଭୋଗି ଭୋଗି ଅଲିଭର୍ ଯାହା କିଛି କରିବାକୁ ପ୍ରସ୍ତୁତ ଥିଲା । ସେ ହଠାତ୍ ପିଲାଙ୍କ ଧାଡ଼ିରୁ ବାହାରିପଡି ପୃଷ୍ଠାଗ୍ରୀଙ୍କ ପାଖକୁ ଯାଇ କହିଲା, "ପୃଷ୍ଠାଗ୍ରୀ ମହାରାଜ, ମୋତେ ଆଉ ଟିକିଏ ଜାଉ ଦିଅ ।"

ପୃଷ୍ଠାଗ୍ରୀ ମହାରାଜ ଟିକିଏ ମୋଟା ଲୋକ । ଗ୍ଲୋଟ ପିଲାଟାର ଏଭଳି ଦୁଃସାହସ ଦେଖି ସେ ପ୍ରଥମେ ସ୍ତମ୍ଭୀଭୂତ ହୋଇଗଲେ । ବିସ୍ମୟରେ ସେ ଅନେକ କ୍ଷଣଯାଏ ଅଲିଭର୍‌ର

ମୁହଁକୁ କେବଳ ଗୃହିଁ ରହିଲେ । ପାଖରେ କାନ୍ଥଟା ନ ଥିଲେ ସେ ବୋଧହୁଏ ଆଶ୍ଚର୍ଯ୍ୟରେ ତଳେ ପଡ଼ି ଯାଇଥାନ୍ତେ । ନାମା ଦୁହେଁ ମଧ୍ୟ ଏଭଳି ଘଟଣାରେ ତାଟକା ହୋଇ ରହିଗଲେ । ଏଣେ ପିଲାଗୁଡ଼ିକ ମଧ୍ୟ ଏ ଅବସ୍ଥା ଦେଖି ଭୟରେ କାଠ ହୋଇଗଲେ ।

ପରିଶେଷରେ ପୃଷ୍ଠାଶ୍ରି ମହାରାଜ ଟିକଏ ପ୍ରକୃତିସ୍ଥ ହୋଇ କହିଲେ, "କଅଣ, କଅଣ ?"

ଅଲିଭର୍ କହିଲା, "ଆଜ୍ଞା, ଆଉ ଟିକଏ ଜାଉ ମିଳୁ ।"

ପୃଷ୍ଠାଶ୍ରିଙ୍କର ଧୈର୍ଯ୍ୟଚ୍ୟୁତ ହୋଇ ଆସିଥିଲା । ଏପରି ଘଟଣା ଏଥି ପୂର୍ବରୁ କେବେ ଘଟି ନ ଥିଲା । ସେ ଅଲିଭର୍‌ର କ୍ଷୁଦ୍ର ମୁଣ୍ଡକୁ ଲକ୍ଷ୍ୟ କରି ପିତଳ ଡଙ୍କିଟାକୁ ଫିଙ୍ଗିବାକୁ ବାହାରିଥିଲେ; କିନ୍ତୁ ପରି ମୁହୂର୍ତ୍ତରେ ସେଥିରୁ ବିରତ ହୋଇ ଅଲିଭର୍‌ର ହାତ ଦୁଇଟାକୁ ଧରିନେଲେ ଓ ଚିତ୍କାର କରି ମିଷ୍ଟର ବମ୍ବଲ୍‌ଙ୍କୁ ଡାକି ସବୁ ଘଟଣା ବର୍ଣ୍ଣନା କଲେ ।

ବୋର୍ଡ଼ର ସଭ୍ୟମାନେ ଗମ୍ଭୀର ଆଲୋଚନାରେ ରତ । ଏହି ସମୟରେ ମିଷ୍ଟର ବମ୍ବଲ୍ ବ୍ୟସ୍ତ ଭାବରେ ପ୍ରବେଶ କରି କହିଲେ, "ଆପଣମାନଙ୍କ କାର୍ଯ୍ୟରେ ବାଧା ଦେଲି; କ୍ଷମା କରିବେ । ଅଲିଭର୍ ଟୁଇଷ୍ଟ ଆହୁରି ଜାଉ ମାଗୁଛି ।"

ସଭ୍ୟମାନଙ୍କ ମଧ୍ୟରେ ଗୃଞ୍ଚଲ୍ୟ ଖେଳିଗଲା; ମୁଖମଣ୍ଡଳରେ ବିସ୍ମୟର ଚିହ୍ନ ଦେଖାଗଲା । ମିଷ୍ଟର ଳିମ୍‌କିନ୍‌ସ ନାମକ ଜଣେ ସଭ୍ୟ ବମ୍ବଲକୁ କହିଲେ, ତୁମେ କଅଣ କହୁଚ ଯେ ଆମର ଯେଉଁ ଖାଦ୍ୟର ବ୍ୟବସ୍ଥା ଅଛି, ତାହା ଖାଇସାରିବା ପରେ ସେ ଆହୁରି ମାଗିଲା ?"

ମିଷ୍ଟର ବମ୍ବଲ୍ ଉତ୍ତର କଲେ, "ଆଜ୍ଞା ହଁ ।"

ଧଳା ଓଏଷ୍ଟ କୋଟ୍ ପିନ୍ଧିଥିବା ଭଦ୍ରଲୋକ କହିଉଠିଲେ, "ମୁଁ ପରା ଜାଣେ, ସେ ପିଲାଟା ଦିନେ ଫାଶୀ ପାଇବ ।"

ସଭ୍ୟମାନଙ୍କ ଭିତରେ ତୁମୁଳ ଯୁକ୍ତିତର୍କ ଚାଲିଲା । ଶେଷରେ ହୁକୁମ ହେଲା—ଅଲିଭର୍‌କୁ ସାଥେ ସାଥେ ନେଇ ବନ୍ଦୀ କରି ରଖ । ଅନାଥାଶ୍ରମର ଫାଟକ ପାଖରେ ଗୋଟାଏ ବିଜ୍ଞାପନ ଦିଆଗଲା—କେହି ଭଦ୍ରବ୍ୟକ୍ତି ଯଦି ଅଲିଭର୍ ଟୁଇଷ୍ଟକୁ ନେଇ କୌଣସି କାର୍ଯ ଶିକ୍ଷା ଦେବାରେ ଲଗାନ୍ତି, ତେବେ ତାଙ୍କୁ ପାଞ୍ଚପାଉଣ୍ଡ ପୁରସ୍କା ଦିଆଯିବ ।

ଏହି ବିଜ୍ଞାପନ ଫଳରେ ମିଷ୍ଟର ଗ୍ରାମ୍‌ଫିଲ୍‌ଡ ନାମକ ଜଣେ ଲୋକ ଅଲିଭର୍‌କୁ ନେଇ ଧନୀ ଲୋକମାନଙ୍କର ଧୂଆଁ ନଳ କରିବା କାମରେ ଲଗାଇବାକୁ ଇଚ୍ଛା କଲା । କିନ୍ତୁ ଆଇନ ଅନୁସାରେ ଅଳ୍ପ ବୟସର ପିଲାମାନଙ୍କୁ ଏପରି କାର୍ଯ୍ୟରେ ଲଗାଇବାକୁ ହେଲେ ପିଲାର ସ୍ୱୀକୃତି ଆବଶ୍ୟକ । ସ୍ଥାନୀୟ ମାଜିଷ୍ଟ୍ରେଟ ପିଲାର ସ୍ୱୀକୃତି ଥିବାର ଜାଣିଲେ ତାହାକୁ ନିଯୁକ୍ତ କରିବା ପାଇଁ ଅନୁମତି ଦିଅନ୍ତି । ମିଷ୍ଟର ବମ୍ବଲ୍ ଭୟ ଦେଖାଇ ଅଲିଭର୍‌କୁ ଶିକ୍ଷା ଦେଲେ ଯେ ସେ ଧୂଆଁ ନଳ ସଫା କରିବା କାମରେ ରହିବାକୁ ଇଚ୍ଛୁକ ବୋଲି ମାଜିଷ୍ଟ୍ରେଟଙ୍କ ଆଗରେ ସ୍ୱୀକାର କରିବ ।

ମିଷ୍ଟର ବମ୍ବଲ୍ ଓ ମିଷ୍ଟର ଗ୍ରାମ୍‌ଫିଲ୍‌ଡ ଅଲିଭର୍‌କୁ ନେଇ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଉପସ୍ଥିତ ହେଲେ ଏବଂ ଅଲିଭର୍ ମିଷ୍ଟର ଗ୍ରାମ୍‌ଫିଲ୍‌ଡଙ୍କ ପାଖରେ ରହି ଧୂଆଁ ନଳ ସଫା କାମ କରିବ ବୋଲି ଅନୁମତି ପ୍ରାର୍ଥନା କଲେ । ମାଜିଷ୍ଟ୍ରେଟ ଏହି ବିଷୟରେ ମିଷ୍ଟର ଗ୍ରାମ୍‌ଫିଲ୍‌ଡ ଓ ମିଷ୍ଟର ବମ୍ବଲ୍‌ଙ୍କ ସହିତ କିଛି ସମୟଯାଏ କଥାବାର୍ତ୍ତା ହେଲେ । ଉଭୟ ପକ୍ଷର ଚୁକ୍ତିପତ୍ର ଲେଖା ହେଲା । ସେଥିରେ ମାଜିଷ୍ଟ୍ରେଟ ସ୍ୱାକ୍ଷର କଲେ ହେଲା ।

ଏହି ସମୟରେ ଅଲିଭର୍ ମିଷ୍ଟର ଗ୍ରାମ୍‌ଫିଲ୍‌ଡଙ୍କ ମୁହଁକୁ ଚାହିଁ ଭୟରେ ଥରିଗଲା । ସେ ବ୍ୟାକୁଳ ହୋଇ କାନ୍ଦିଲା । ମାଜିଷ୍ଟ୍ରେଟ

ଲିଭର୍‌ର ଏ ପ୍ରକାର ଅବସ୍ଥା ଦେଖି ମଧୁର ସ୍ୱରରେ ପଚାରିଲେ, ଅଲିଭର୍, ତୁ ଏପରି କାନ୍ଦୁଛୁ କାହିଁକି ? ତୋର ମନର କଥା ମୋତେ କହ ।”

ଅଲିଭର୍ ଆଣ୍ଠୋଇ ପଡ଼ି ହାତ ଯୋଡ଼ି କରୁଣ ସ୍ୱରରେ ଲା, “ଏମାନେ ମୋତେ ଅନ୍ଧାର ଘରେ ବନ୍ଦୀ କରି ବେ, ଖାଇବାକୁ ଦେବେ ନାହିଁ; ମାଡ଼ ଦେବେ । ଏପରି ମଲେ ଛ ମରିବି, କିନ୍ତୁ ମିଷ୍ଟର୍ ଗ୍ରାମ୍‌ଫିଲ୍‌ଡ଼ଙ୍କ ପାଖରେ ରହି ପାରିବି ।”

ମିଷ୍ଟର ବମ୍ବଲ ଏହା ଶୁଣି କହିପକାଇଲେ—ଏହା ଭଳି ହାରାମ ପିଲା ମୋ ଜୀବନରେ ଦେଖିନାହିଁ ।

ମାଜିଷ୍ଟ୍ରେଟ ମିଷ୍ଟର ବମ୍ବଲ୍‌ଙ୍କୁ ଚାହିଁ କହିଲେ, “ଚୁପ୍ ।”

ଅଲିଭର୍‌ର କଥାରେ ତାଙ୍କର ବିଶ୍ୱାସ ଜନ୍ମିଲା ଯେ ରେ ସେ ମିଷ୍ଟର ଗ୍ରାମ୍‌ଫିଲ୍‌ଡଙ୍କ ପାଖରେ କାମ କରିବାକୁ ନାହିଁ; ମିଷ୍ଟର ବମ୍ବଲ୍ ତାକୁ ଧମକ ଦେଖାଇ ଗ୍ରାମ୍‌ଫିଲ୍‌ଡ଼ଙ୍କ ଖେ ରଖାଇବାର ଚେଷ୍ଟା କରୁଥିଲେ । ତେଣୁ ସେ ଚୁକ୍ତିପତ୍ରରେ ସ୍ତର ଦେବା ପରିବର୍ତ୍ତେ ତାକୁ ଚିରି ଫିଙ୍ଗିଦେଲେ ଏବଂ ଆଦେଶ ଲେ—“ମୁଁ ଏ କ୍ଷେତ୍ରରେ ଅନୁମତି ଦେବା ଉଚିତ ମନେ ରୁନାହିଁ । ମିଷ୍ଟର ବମ୍ବଲ୍, ପିଲାକୁ ଅନାଥାଶ୍ରମକୁ ଫେରାଇନିଅ ତାହା ପ୍ରତି ସଦୟ ବ୍ୟବହାର କର ।”

ଅଲିଭର୍ ଗୋଟାଏ ବିପଦରୁ ଉଦ୍ଧାର ପାଇଗଲା ।

ତାହା ପରଦିନ ଅନାଥାଶ୍ରମର ଫାଟକରେ ପୁଣି ଏକ ଜ୍ଞାପନ ଦିଆଗଲା—କେହି ଯଦି ଅଲିଭର୍ ଟୁଇଷ୍ଟକୁ ଶିକ୍ଷାନବିଶ ନେଅନ୍ତି, ତାଙ୍କୁ ପାଞ୍ଚପାଉଣ୍ଡ ପୁରସ୍କାର ଦିଆଯିବ ।

## ତିନି

ବିଜ୍ଞାପନ ଦିଆଗଲା ସତ; କିନ୍ତୁ ତିନି ଚାରିମାସ ଗଲେ ସୁଦ୍ଧା ଅଲିଭର୍‌କୁ ଶିକ୍ଷାନବିସ ରୂପେ ଗ୍ରହଣ କରି ପାଞ୍ଚପାଉଣ୍ଡ ପୁରସ୍କାର ନେବାକୁ କେହି ଆସିଲେ ନାହିଁ । ବୋର୍ଡ଼ର କର୍ତ୍ତାମାନେ ଚିନ୍ତିତ ହୋଇପଡ଼ିଲେ । ସେମାନଙ୍କ ଆଦେଶରେ ମିଷ୍ଟର ବମ୍ବଲ୍ କେତେକ ଜାହାଜର କପ୍ତାନଙ୍କ ସଙ୍ଗେ କଥାବାର୍ତ୍ତା କଲେ । ଯଦି କେହି ଗୋଟିଏ ବନ୍ଧୁହୀନ ଅନାଥ ବାଳକକୁ ନେଇ ଜାହାଜରେ କାମ-କରାଇବ । କିନ୍ତୁ ମିଷ୍ଟର ବମ୍ବଲ୍‌ଙ୍କ ଚେଷ୍ଟା ବିଫଳ ହେଲା ।

ଦିନେ ସେ ଅନାଥାଶ୍ରମକୁ ଆସୁଥିବା ସମୟରେ ବାଟରେ ତାଙ୍କର ମିଷ୍ଟର ସାଓରବେରଙ୍କ ସଙ୍ଗେ ଦେଖା ହେଲା । ହଠାତ୍ ମିଷ୍ଟର ବମ୍ବଲ୍‌ଙ୍କ ମଥାରେ ଗୋଟାଏ ବୁଦ୍ଧି ଖେଳିଗଲା । ମୃତ ଦେହକୁ ସମାଧି ଦେବା ପୂର୍ବରୁ ଯେଉଁ କାଠ ବାକ୍‌ସରେ ରଖାଯାଏ, ତାକୁ କଫିନ୍ କୁହାଯାଏ । କଫିନ୍ ତିଆରି କରିବା ଥିଲା ମିଷ୍ଟର ସାଓରବେରଙ୍କର ପ୍ରଧାନ ବ୍ୟବସାୟ । ଅଲିଭର୍‌କୁ ଏହି କଫିନ୍ ତିଆରି କାମରେ ଲଗାଇବାକୁ ମିଷ୍ଟର ବମ୍ବଲ୍ ସାଓରବେରଙ୍କୁ ପ୍ରସ୍ତାବ ଦେଲେ । ସହଜରେ ଏହି ପ୍ରସ୍ତାବ ଗୃହୀତ ହୋଇଗଲା । ଏଥିପୂର୍ବରୁ ସେ ଦୁହିଁଙ୍କ ଭିତରେ ବନ୍ଧୁତା ଥିଲା; କାରଣ ସାଓର-ବେରି ଅନାଥାଶ୍ରମର ବହୁ ସଂଖ୍ୟକ ଶବ ସତ୍କାର ପାଇଁ କଫିନ୍ ଯୋଗାଇଥିଲେ । ତେଣୁ ପ୍ରସ୍ତାବଟିରେ ସାଓରବେରି ରାଜି ହେବାରେ ବିସ୍ମୟର କାରଣ ନାହିଁ ।

ପରଦିନ ସକାଳେ ଅନାଥାଶ୍ରମର ବୋର୍ଡ଼ ବସିଲା । ଅଲିଭର୍ ସମ୍ବନ୍ଧରେ ନିଷ୍ପତ୍ତି କରାଗଲା ଯେ ସେ ମିଷ୍ଟର ସାଓରବେରଙ୍କ

କଫିନ୍ ଦୋକାନରେ କାମ ଶିଖିବ । ଏହି ନିଷ୍ପତ୍ତି କାର୍ଯ୍ୟରେ ପରିଣତ କରିବାରେ ଲବମାତ୍ର ବିଳମ୍ବ ଘଟିଲା ନାହିଁ । ମିଷ୍ଟର ବମ୍ବଲ ସଙ୍ଗେ ସଙ୍ଗେ ଅଲିଭର୍‌କୁ ନେଇ ସାଓ୍ବରବେରିଙ୍କ ଦୋକାନରେ ହାଜର କରିଦେଲେ । ଅଲିଭର୍ ଯିବାବେଳେ ତାର ସମସ୍ତ ଜିନିଷ ଗୋଟିଏ ଖବରକାଗଜରେ ପୁଡ଼ିଆ ବାନ୍ଧି ନେଇଥିଲା ।

ସେତେବେଳକୁ ମିଷ୍ଟର ସାଓ୍ବରବେରି ଦୋକାନ ବନ୍ଦ କରୁଥିଲେ । ମିଷ୍ଟର ବମ୍ବଲ୍ କହିଲେ, "ଦେଖ, ମୋ କଥା ରଖି ମୁଁ ସେ ପିଲାକୁ ନେଇ ଆସିଛି ।"

ମିଷ୍ଟର ସାଓ୍ବରବେରି—"ଓଃ, ଏଇ ପିଲା କଥା କହୁଥିଲ ? ଆଚ୍ଛା ହେଲା ।"

ଏହା ପରେ ସେ ଆଦର କରି ଟିକିଏ ଆସିବାପାଇଁ ନିଜର ସ୍ତ୍ରୀଙ୍କୁ ଡାକିଲେ । ଦୋକାନ ପଛପଟ ଘରୁ ମିସେସ୍ ସାଓ୍ବରବେରି ଆସିଲେ । ତାଙ୍କର ଶରୀର ଅତି କ୍ଷୀଣ; ମୁହଁକୁ ଦେଖିଲାମାତ୍ରେ ଜଣାଯାଏ ଯେ ସେ ବଡ଼ ବଦ୍‌ରାଗୀ । ମିଷ୍ଟର ସାଓ୍ବରବେରି ଅଲିଭର୍‌କୁ ଦେଖାଇ ସ୍ତ୍ରୀଙ୍କୁ କହିଲେ, "ମୁଁ ଅନାଥାଶ୍ରମର ଯେଉଁ ପିଲାଟି କଥା କାଲି ରାତିରେ କହୁଥିଲି, ସେଇଟି ଇଏ ।"

ମିସେସ୍ ସାଓ୍ବରବେରି ଗୋଟିଏ ଛୋଟ କବାଟ ଫିଟାଇ ଅଲିଭର୍‌କୁ ସେଇ ବାଟେ ଗୋଟିଏ ଅନ୍ଧାରୁଆ ଘରକୁ ଠେଲି-ଦେଲେ । ଏ ଘରଟି ଅନ୍ୟ ଘରମାନଙ୍କଠାରୁ ଖୁବ୍ ଖାଲୁଆ ଓ ସେଥିରେ ରନ୍ଧାବଢ଼ା ହୁଏ । ଘର ଭିତରେ ଜଣେ ଚାକରାଣୀ ବସିଥିଲା । ତାର ବେଶବାସ ଅତି କୁତ୍ସିତ ଓ ମଇଳା ।

ତାକୁ ଲକ୍ଷ୍ୟ କରି ମିସେସ୍ ସାଓ୍ବରବେରି କହିଲେ, "ଚାର୍ଲୋଟ୍, କୁକୁର ପାଇଁ ଯେଉଁ ଅଇଁଠା ରୁଟି ଓ ମାଉଁସ ରଖିଥିଲୁ,

ହେଥିରୁ କିଛି ଏ ପିଲାକୁ ଖାଇବାକୁ ଦେ ।" ଅଲିଭର୍ ଏପରି କ୍ଷୁଧାର୍ତ୍ତ ହୋଇଥିଲା ଯେ ସେ କୁକୁର ଖାଦ୍ୟ ମଧ ଖାଇବାକୁ କୁଣ୍ଠିତ ହେଲା ନାହିଁ । ସେ ଖାଇଲାବେଳେ ମିସେସ୍ ସାଓ୍ୱରବେରି ତାକୁ ଚାହିଁ ରହି ମନେ ମନେ ହିସାବ କରୁଥାନ୍ତି, ପିଲାଟାର ଖାଇବାରେ କେତେ ଖରଚ ହେବ ।

ତାର ଖାଇବା ସରିଲାକ୍ଷଣି ମିସେସ୍ ସାଓ୍ୱରବେରି ହାତରେ ଗୋଟିଏ ଲଣ୍ଠନ ଧରି ତାକୁ ଉପରେ ମହଲାକୁ ନେଇଗଲେ । ଦୋକାନ ଘରଟି ଦେଖାଇ ସେ କହିଲେ, "ହେ ପିଲା, ଏ ଘରେ ଗୁଡ଼ାଏ କଫିନ୍ ଛଡ଼ା ଅଉ କିଛି ନାହିଁ । କେତେଟା କଫିନ୍ ସନ୍ଧିରେ ଶୋଇବୁ । ଯାଆ, ଚଞ୍ଚଳ ଶୋଇପଡ଼ ।

ଘରେ ଗୋଟିଏ ଶ୍ଳେଟ ଥାପ ରଖିଦେଇ ମିସେସ୍ ସାଓ୍ୱର-ବେରି ଚାଲିଗଲେ । କଫିନ୍ ଫାଙ୍କ ଭିତରେ ଅଲିଭର୍ ଶୋଇବାକୁ ଗଲା । ବଡ଼ କ୍ଳାନ୍ତ ହୋଇଥିବାରୁ ସଙ୍ଗେ ସଙ୍ଗେ ତାକୁ ନିଦ ଆସିଗଲା ।

## ଚାରି

ସକାଳ ହେଲାବେଳକୁ କିଏ ଜଣେ ଆସି ଅଲିଭର୍ ଶୋଇଥିବା ଘରର କବାଟରେ ବାରମ୍ବାର ଗୋଇଠା ମାରି ବଡ଼କ୍ତ ସ୍ୱରରେ କହିଲା, "ଆବେ, କବାଟ ଫିଟା ।" ଅଲିଭର୍ ନିଦରୁ ଉଠି କବାଟ ଫିଟାଇଲା ମାତ୍ରେ ତାଠାରୁ ଟିକିଏ ବେଶି ବୟସର ଓ ବେଶି ଡେଙ୍ଗା ଗୋଟିଏ ଟୋକା ଘର ଭିତରକୁ ପଶି ଆସି କହିଲା, "ମୁଁ ହେଉଛି, ମିଷ୍ଟର ନୋଆ କ୍ଲେପୋଲ । ତୁ ମୋ

ହୁକୁମ ମାନି କାମ କରିବୁ । ଚାଲକୁ ଚାଲ, ଶୀଘ୍ର ଖାଇଦେଇ ଦୋକାନ ଜଗି ରହ ।" ଏହା କହି ସେ ଅଲିଭର୍‌କୁ ଗୋଟାଏ ଗୋଇଠା ମାରିଲା ।

ଅଳ୍ପ କେତୋଟି ଦିନ ଭିତରେ ଅଲିଭର୍ ଟୁଇଷ୍ଟ ବୁଝି ପାରିଲା ଯେ ଏପରି ଶିକ୍ଷାନବିସ୍ ହେବା ଯାହା, ଅନାଥାଶ୍ରମରେ ରହିବା ତାହା । ଯେତେ କାମ କଲେ ସୁଦ୍ଧା ତାକୁ ପେଟପୂରା ଖାଇବାକୁ ମିଳେ ନାହିଁ; ତା ପ୍ରତି ଅତ୍ୟାଚାରର ମାତ୍ରା ଊଣା ହୁଏ ନାହିଁ । ବିଶେଷତଃ ମିସେସ୍ ସାଓରବେରି ଓ ନୋଆ କ୍ଲେପୋଲଙ୍କର ଅତ୍ୟାଚାର ତା ପକ୍ଷରେ ଅସହ୍ୟ ହୋଇଉଠିଲା । କ୍ଲେପୋଲର ଗୋଟାଏ ଦୁରଭ୍ୟାସ ଥିଲା । ତାଠାରୁ ସ୍ରେଷ୍ଠ ଦୁର୍ବଳ ପିଲାଙ୍କ ପ୍ରତି ସେ ଦୁର୍ବ୍ୟବହାର କରୁଥିଲା । ଅଲିଭର୍ ସବୁ ଅନ୍ୟାୟ ଅତ୍ୟାଚାର ସହି ଯାଉଥାଏ ।

ଦିନେ ଅଲିଭର୍ ଓ କ୍ଲେପୋଲ ଦୁହେଁଯାକ ଖାଇବା ପାଇଁ ରୋଷେଇ ଘରେ ଅପେକ୍ଷା କରି ରହିଥିଲେ । ଆଉ କେହି ଘର ଭିତରେ ନଥିଲେ । କ୍ଲେପୋଲ ଭାବିଲା—ଖାଲି ବସିବି କାହିଁକି ? ଅଲିଭର୍‌କୁ ଚିଡ଼େଇ ଦେଲେ ଗୋଟାଏ ମଜା ହେବ । ସେ ଅଲିଭର୍‌ର ମୁଣ୍ଡର ବାଳକୁ ଧରି ଟାଣିଲା, ତାକୁ ଚିମୁଟିଲା । କିନ୍ତୁ ଏହା ସତ୍ତ୍ୱେ ଅଲିଭର୍ କାନ୍ଦିଲା ନାହିଁ କି କିଛି କହିଲା ନାହିଁ । ତହୁଁ କ୍ଲେପୋଲ କହିଲା, "ଆବେ, ତୋ ମାଆ କେମିତି ଅଛି ?"

ଅଲିଭର୍ ଉତ୍ତର କଲା, "ମୋ ମାଆ ମରିଯାଇଛି; ମୋତେ ମୋ ମାଆ ବିଷୟରେ କିଛି କହିବା ଦରକାର ନାହିଁ ।" ଏତିକି କହି ସେ ଆଖିର ଲୁହ ପୋଛିଲା ।

କ୍ଲେପୋଲ କହିଲା, "ଆରେ, ତୁ କାନ୍ଦୁଛୁ କାହିଁକି ?"

ଅଲିଭର୍—"ମୁଁ କହୁଛି ଦେଖ, ମୋତେ ମୋ ମାଆ ବିଷୟରେ କିଛି କହିବ ନାହିଁ ।"

କ୍ଲେପୋଲ—"ଓଃ ଯେଉଁ ମାଆ ! ପୁଣି ତା କଥା କହିବ ନାହିଁ ! ତା ଭଳି ଗୋଟାଏ ଖରାପ ସ୍ତ୍ରୀଲୋକ ଦୁନିଆରେ ଆଉ ନ ଥିବେ । ସେ ମରିଯାଇଛି, ଭଲ ହୋଇଛି । ନ ହେଲେ ସେ ଏତେବେଳକୁ ଜେଲଖାନାରେ ଥାଆନ୍ତା ।"

ଏତେବେଳ ପର୍ଯ୍ୟନ୍ତ ଅଲିଭର୍ ଗୋଟିଏ ନିରୀହ ପିଲା ପରି ସବୁ ସହିଯାଉଥିଲା । କିନ୍ତୁ ଶେଷ କେତେ ପଦ ଶୁଣିଲା କ୍ଷଣି ତାର ରକ୍ତ ଗରମ ହୋଇଗଲା । ସେ ଚଉକି ଟେବୁଲ ଫିଙ୍ଗିଦେଇ କ୍ଲେପୋଲର ବେକକୁ ମାଡ଼ି ବସିଲା । ରାଗରେ ଦାନ୍ତ କଡ଼ମଡ଼ କରି ଦେହର ସମସ୍ତ ଶକ୍ତି ପ୍ରୟୋଗ କରି ସେ କ୍ଲେପୋଲକୁ ତଳେ ଠକାଇଦେଲା । ତାର ଦୁର୍ବଳ ଶରୀରରେ ଯେ ଏତେ ସାମର୍ଥ୍ୟ ଥିଲା, ଏ କଥା ସେ ନିଜେ ମଧ୍ୟ ଏଥିପୂର୍ବରୁ ଜାଣିପାରି ନ ଥିଲା ।

କ୍ଲେପୋଲ ତଳେ ପଡ଼ି ଡାକଛାଡ଼ିଲା, "ହେ ଗ୍ୱର୍ଲୋଟ, ଦଉଡ଼ି ଆ । ମୋତେ ମାରି ପକାଇଲା । ମିସେସ୍ ସାଓରବେରି, ଧାଇଁଆସି ମୋତେ ରକ୍ଷା କର । ଶୀଘ୍ର ଦଉଡ଼ିଆସ; ଅଲିଭର୍ ପାଗଳ ହୋଇ ମତେ ମାରିପକାଉଛି ।"

ତାର ଏ ପ୍ରକାର ଚିତ୍କାର ଶୁଣି ଘରର ଚାକରାଣୀ ଗ୍ୱର୍ଲୋଟ ଦଉଡ଼ି ଆସି ଘଟନା ସ୍ଥଳରେ ଉପସ୍ଥିତ ହେଲା । ସେଠାରେ ପହଞ୍ଚିଲାକ୍ଷଣି ସେ ତାର ସମସ୍ତ ଶକ୍ତି ପ୍ରୟୋଗ କରି ଅଲିଭର୍ ଟ୍ୱିଷ୍ଟକୁ ମାଡ଼ିବସିଲା । ଶାରୀରିକ ଶକ୍ତିରେ ସେ ନିଶ୍ଚୟ ଯେ କୌଣସି ପୁରୁଷର ସମକକ୍ଷ ଥିଲା; ବରଂ ଅନେକ ପୁରୁଷଙ୍କ ଠାରୁ ଖୁବ୍ ଉଚ୍ଚରେ । ସେ ଚିତ୍କାର କରଉଥିଲା, "ହ-ଇ-ରେ-ସ-ଇ-ତା-ନ୍ ନି-ମ-କ-ହା-ରା-ମ-ଟୋ-କା !" ତୁଣ୍ଡରୁ ଗୋଟିଏ ଗୋଟିଏ ଅକ୍ଷର

ବାହାରିବା ସଙ୍ଗେ ତା ହାତରେ ଗୋଟିଏ ଲେଖାଏଁ ବାଧା ଅଲିଭର୍ ଉପରେ ପଡୁଥିଲା ।

ଏତିକରେ ଅଲିଭର୍‌ର ଦୁର୍ଦ୍ଦଶା ଶେଷ ହେଲା ନାହିଁ । ଘରଣୀ ମିସେସ୍ ସାଓରବେରି ମଧ୍ୟ ଉପସ୍ଥିତ ହୋଇଗଲେ । ଅଲିଭର୍‌ର କ୍ରୋଧ ଶାନ୍ତ ପାଇଁ ଚାର୍ଲୋଟର ମୁଷ୍ଟିର ଆଘାତ କାଳେ ଯଥେଷ୍ଟ ହୋଇ ନ ଥିବ, ଏହି ଆଶଙ୍କାରେ ସେ ଗୋଟାଏ ହାତରେ ଅଲିଭର୍‌କୁ ଧରି ଆର ହାତରେ ତାର ମୁହଁକୁ ଚିମ୍ପି ବିଦାରି ପକାଇଲେ । ଏହି ସୁବିଧା ପାଇ କ୍ଲେପୋଲ ତଳୁ ଉଠି ତାର ପିଠିରେ ମାଡ଼ଦେବାକୁ ଲାଗିଲା । ଏ ବିଷମ ଯୁଦ୍ଧରେ ଏକ ପକ୍ଷରେ ଏକାକୀ ଅଲିଭର୍; ଅନ୍ୟ ପକ୍ଷରେ ତିନିଜଣ । ଅଲିଭର୍ ପକ୍ଷରେ ସେମାନଙ୍କ ଆକ୍ରମଣ ପ୍ରତିରୋଧର ଏକମାତ୍ର ଉପାୟ ଥିଲା ସହ୍ୟ କରିବା । ତଥାପି ଏପରି ଯୁଦ୍ଧ ବେଶି ସମୟ ଚାଲିପାରେ ନା । କିଛି ସମୟ ପରେ ସେମାନେ କ୍ଲାନ୍ତ ହୋଇ ଆଉ ମାଡ଼ ଦେଇ-ପାରିଲେ ନାହିଁ । ତତ୍ପରେ ସମସ୍ତେ ମିଶି ଅଲିଭର୍‌କୁ ଘୋଷାରି ଘୋଷାରି ନେଇ ଗୋଟାଏ ମଇଳା ଘରେ ବନ୍ଦ କରି ରଖିଲେ । ବାହାର ପାଖରୁ ଦ୍ବାର ବନ୍ଦ କରିଦିଆଗଲା ।

ଏହା ପରେ ମିସେସ୍ ସାଓରବେରି କ୍ଲେପୋଲକୁ କହିଲେ, "ତୁ ଯାଆ, ମିଷ୍ଟର ବମ୍ବଲ୍‌କୁ କହିଦେବୁ ସେ ଶୀଘ୍ର ଆସିବେ । ଘରେ ପୁରୁଷ ଲୋକ କେହି ନାହାନ୍ତି । ସେ ଟୋକା ଗୋଇଠା ମାରି କବାଟଟା ଭାଙ୍ଗି ଦେଇପାରେ ।"

କ୍ଲେପୋଲ ଦଉଡ଼ି ଯାଇ ଅନାଥାଶ୍ରମରେ ପହଞ୍ଚି ମିଷ୍ଟର ବମ୍ବଲ୍‌କୁ କହିଲା—

ସେ ସଇତାନ୍‌ଟା ମୋତେ ପ୍ରାଣରେ ମାରିଦେବାକୁ ବସିଥିଲା । ଖାଲି ମୋତେ ନୁହେଁ, ଚାର୍ଲୋଟକୁ, ମିସେସ୍ ସାଓରବେରିଙ୍କୁ ମଧ୍ୟ

ମାରିଦେଉ ଥାଆନ୍ତା । ଆପଣ ଶୀଘ୍ର ଆମଘରକୁ ଆସି ତାକୁ ମାଡ଼ ନ ଦେଲେ ଚଳିବ ନାହିଁ । ଦୈବଯୋଗୁଁ ମିଷ୍ଟର ସାଓରବେରି ଘରେ ନାହାନ୍ତି । ଆପଣଙ୍କୁ ଶୀଘ୍ର ଯିବାକୁ ପଡ଼ିବ ।"

ମିଷ୍ଟର ବମ୍ବଲ୍‌ଙ୍କ ସହିତ ନୋଆ କ୍ଲେପୋଲ ସାଓରବେରିଙ୍କ ଦୋକାନ ପାଖରେ ପହଞ୍ଚିଲା । ସେତେବେଳକୁ ଅଲିଭର୍ କବାଟରେ ଗୋଇଠା ମାରି ଘରଭିତରେ ପାଟି କରୁଥାଏ। ମିସେସ୍ ସାଓରବେରି କହିଲେ, "ସେଇଟା ପାଗଳ ହୋଇ-ଯାଇଛି । ମୁଣ୍ଡ ଠିକ୍ ଥିଲେ ସେ କଅଣ ଏପରି ହୁଅନ୍ତା ?"

ମିଷ୍ଟର ବମ୍ବଲ୍ କହିଲେ, "ନା ନା, ଏଇଟା ପାଗଳାମି ନୁହେଁ । ଏ ହେଉଛି ତାକୁ ମାଂସ ଖୁଆଇବାର ଫଳ । ତାକୁ ପେଟଫଟା ଗ୍ରାସ ଦେବାରୁ ସେ ଏପରି ହେଉଛି । ତାକୁ ଖୁବ୍ ଅଳ୍ପ ଖାଇବାକୁ ଦେଇଥିଲେ ଏହା ଘଟି ନ ଥାନ୍ତା । ଏବେ ତାକୁ ସେଇ ଘର ଭିତରେ ଦିନେ ଦୁଇଦିନ ଉପାସ ପକାଇଦେଲେ ପିଲା ଠିକ୍ ବାଟକୁ ଆସିବ । ଗ୍ରେଟ ଲୋକର ପିଲା ତ, ଆଉ କଅଣ ହୁଅନ୍ତା ?"

ଏଥିମଧ୍ୟରେ ମିଷ୍ଟର ସାଓରବେରି ଘରକୁ ଆସି ସବୁ କଥା ଶୁଣି ଖଣ୍ଡେ ବେତରେ ଅଲିଭର୍‌କୁ ପିଟିଦେଇଗଲେ । କେବଳ ମାଡ଼ ଖାଇ ଖାଇ ଅଲିଭର୍ କଫିନସନ୍ଧିରେ ଶୋଇବାକୁ ଗଲା ।

ଗଭୀର ରାତି । ଥଣ୍ଡାରେ ଦେହ ବରଫ ପରି ଲାଗୁଛି । ତାରାଗୁଡ଼ିକ ଦୂର ଆକାଶରେ ଆଖି ମିଟିମିଟି କରୁଥାନ୍ତି । ଚନ୍ଦ୍ରକିରଣ ପଡ଼ୁଛି । ଗଛର ଛାଇସବୁ ପ୍ରକାଣ୍ଡ ଦୈତ୍ୟ ଶୋଇଥିଲା ପରି ତାକୁ ବୋଧ ହେଉଥାଏ । ଅଲିଭର୍ କଫିନସନ୍ଧିରେ ପଡ଼ିରହି ତାର ଭବିଷ୍ୟତ କାର୍ଯ୍ୟପନ୍ଥା ଚିନ୍ତା କଲା । ଶେଷରେ ସେ ସ୍ଥିର କଲା ଯେ ପରଦିନ ସକାଳୁ ଲଣ୍ଡନ ନଗରକୁ ପଳାଇଯିବ ।

ସକାଳର ସୂର୍ଯ୍ୟକିରଣ କବାଟ ଓ ଝରକାର ଫାଙ୍କବାଟେ ଘରମଧ୍ୟରେ ପ୍ରବେଶ କରିବାର ଦେଖି ଅଲିଭର୍ ଉଠି ଠିଆହେଲା । ସେ କବାଟ ଖୋଲି ଥରେ ଚାରିଆଡ଼କୁ ଚାହିଁଲା । କାହାରିକୁ ଦେଖିବାକୁ କିମ୍ବା କିଛି ଶୁଣିବାକୁ ପାଇଲା ନାହିଁ । ଟିକିଏ ଚିନ୍ତାକରି ସେ ରାସ୍ତାଉପରକୁ ଚାଲିଗଲା । ପଳାଇ ଯାଇ ସେ ମୁକ୍ତି ପାଇଛି ବୋଲି ମନେକଲା ।

## ପାଞ୍ଚ

କାଳେ କିଏ ପଛରୁ ଆସି ତାକୁ ଧରିବ ବୋଲି ଭୟ କରି ଅଲିଭର୍ ପ୍ରଥମେ ଦଉଡ଼ିବାକୁ ଆରମ୍ଭ କଲା । ପ୍ରାୟ ମାଇଲିଏ ଦଉଡ଼ିବା ପରେ ସେ ଚାଲିବାକୁ ଲାଗିଲା । ଦିନ ଦୁଇ ପହର ବେଳକୁ ସେ ସହରଠାରୁ ପାଞ୍ଚ ଛଅ ମାଇଲ ଦୂରରେ ପହଞ୍ଚିଥିଲା । ବିଶ୍ରାମ ନେବାପାଇଁ ସେ ରାସ୍ତାଧାରରେ ବସିପଡ଼ିଲା ।

ଲଣ୍ଡନ ସେଠାରୁ କେତେ ଦୂର; ଏହିପରି ଚାଲି ଚାଲି ଗଲେ କେତେ ଦିନରେ ସେ ଲଣ୍ଡନରେ ପହଞ୍ଚିବ ଏ ବିଷୟରେ ତାର କୌଣସି ଧାରଣା ନ ଥିଲା । ଦୈବାତ୍ ରାସ୍ତା କଡ଼ର ଗୋଟିଏ ପଥର ଉପରେ ତାର ନଜର ପଡ଼ିଲା । ସେଥିରେ ଲେଖାଥିଲା— ସେଠାରୁ ଲଣ୍ଡନ ୭୦ ମାଇଲ । ସେ ଶୁଣିଥିଲା ଯେ କାମ କଲେ ଲଣ୍ଡନରେ କାହାରିକୁ ଉପାସ ରହିବାକୁ ହେବ ନାହିଁ । ତେଣୁ ସେ ଭାବିଲା— ଲଣ୍ଡନ ଯାଏ ଚାଲିଗଲେ ମୋର ସବୁ ଦୁଃଖ ଉଭେଇ ଯିବ । ସେ ଦିନ ସେ ଖୁବ୍ ଉତ୍ସାହରେ କୋଡ଼ିଏ ମାଇଲ ବାଟ ଚାଲିଗଲା । ବାଟରେ ଜଣକ ଦୁଆରେ ଖାଇବାକୁ ମାଗିବାରୁ

ଘରବାଲା ତାକୁ ଖଣ୍ଡିଏ ରୁଟି ଦେଇଥିଲା । ସେ ଦିନଟି ସେହି ରୁଟି ଖଣ୍ଡିକ ଖାଇ ଓ କିଛି ପାଣି ପିଇ ସେ କଟାଇଦେଲା । ରାତିରେ ତାକୁ ମେଲା ପଡ଼ିଆରେ ଶୋଇବାକୁ ହେଲା । ପେଟରେ ଭୋକ । ଦେହ ଶୀତରେ ଥରୁଥାଏ । କିନ୍ତୁ କ୍ଳାନ୍ତ ହେଉଥିବାରୁ ତାକୁ ନିଦ ହୋଇଗଲା ।

ଦିନ ପରେ ଦିନ ସେ ଚାଲିବାକୁ ଲାଗିଲା । ବାଟରେ ମାଗି ଯାଚି ଯାହା ମିଳେ ଖାଏ, ରାତିରେ ଗଛମୂଳେ ବା କାହା ଓଳିତଳେ ଶୋଇପଡ଼େ । ଏହିପରି ଛଅ ଦିନ ଚାଲିଗଲା । ସପ୍ତମ ଦିନ ସକାଳେ ସେ ରାସ୍ତା କଡ଼ର ଗୋଟିଏ ପଥରରୁ ଜାଣି ପାରିଲା ଯେ ଲଣ୍ଡନ ସେଠାରୁ ଆଉ ଦଶ ମାଇଲ । ସେତେବେଳକୁ ଚାଲି ଚାଲି ତା ପାଦରେ ଘାଆ ହୋଇ ସେଥିରୁ ରକ୍ତ ବୋହୁଥାଏ । ତା ଦେହସାକ ଧୂଳିରେ ବୁଡ଼ି ଯାଇଥାଏ । ଥକା ମାରିବା ପାଇଁ ସେ ଜଣକର ଦାଣ୍ଡ ପାହାଚ ଉପରେ ବସି ପଡ଼ିଲା ।

ରାସ୍ତା ଉପରେ ଗୋଟିଏ ପିଲା ଚାଲିଗଲା । ଗଲାବେଳେ ତାର ଦୃଷ୍ଟି ଅଲିଭର୍ ଉପରେ ପଡ଼ିଲା । କିଛି ଦୂର ଗିବାପରେ କଅଣ ବିଚାରି ସେ ଫେରି ଆସି ଅଲିଭର୍‌କୁ ନିରେଖି ଦେଖିଲା । ତହୁଁ ଅଲିଭର୍ ମୁଣ୍ଡ ଟେକି ତାକୁ ଚାହିଁଲା । ପିଲାଟି ତାକୁ କିଛି ସମୟ ଚାହିଁ ପଚାରିଲା, "କିରେ ଭାଇ; ଏଠି କଅଣ କରୁଛୁ ?

ପିଲାଟି ଅଲିଭର୍‌ର ପ୍ରାୟ ସମବୟସ୍କ । ତାର ଚେହେରା ଯେପରି ଅଦ୍ଭୁତ, ଢଙ୍ଗଢାଙ୍ଗ ମଧ୍ୟ ସେହିପରି ଅଦ୍ଭୁତ । ତାର ନାକଟା ଟିକିଏ ଚେପ୍‌ଟା, ଗୋଡ଼ ଦୁଇଟା ବଙ୍କା; ଦେହ ଧୂଳିଧୂସର, ପୋଷାକ ମଧ୍ୟ ମଇଳା । ପିଲା ହେଲେହେଁ ତାର କଥାବାର୍ତ୍ତା ବଡ଼ ମଣିଷଙ୍କ କଥାବାର୍ତ୍ତା ପରି । ଗୋଟିଏ ବଡ଼ ମଣିଷର କୋଟ୍ ପିନ୍ଧିଥିବାରୁ, କୋଟ୍‌ଟି ତାର ପାଦଯାଏ ପଡ଼ୁଥିଲା । ସେ କୋଟ୍‌ର

ହାତ ଅଧରୁ ଓଲଟାଇ ଭାଙ୍ଗି ଦେଇଥିଲା । ହାତର ଅବଶିଷ୍ଟ ଅଂଶଟି ସେ ତାର ପେଣ୍ଟ ପକେଟରେ ପୂରାଇଥିଲା ।

ଅଲିଭର୍ କିଛି ସମୟ ପର୍ଯ୍ୟନ୍ତ କୌଣସି ଉତ୍ତର ଦେଇ ନ ପାରି କେବଳ ତାକୁ ଚାହିଁରହିଲା । ପୁଣି ସେହି ପ୍ରଶ୍ନ ହେଲା, "ଏଠି କଣ କରୁଛୁ ?" ତହୁଁ ଅଲିଭର୍ କହିଲା, "ମୁଁ ଚାଲି ଚାଲି ଥକି ପଡ଼ିଛି । ଚାରି ପାଞ୍ଚ ଦିନ ହେଲା ମୋ ପେଟରେ ଆହାର ପଡ଼ିନାହିଁ । ଭୋକରେ ମୋର ହଂସା ଉଡ଼ିଯାଉଛି । ଆଜିକି ସାତ ଦିନ ହେଲାଣି ମୁଁ ଖାଲି ଚାଲୁଛି ।" ଏହା କହୁ କହୁ ଅଲିଭର୍ ନିଜର ପାଦକୁ ଚାହିଁଲା । ତାର ଆଖିରୁ ଲୁହ ବୋହି ଯାଉଥାଏ ।

ଆଉ କିଛି କଥାବାର୍ତ୍ତା ପରେ ସେହି ପିଲାଟି ତାକୁ ଗୋଟିଏ ଜଳଖିଆ ଦୋକାନକୁ ଡାକି ନେଇ କିଛି ଖୁଆଇଲା । ସେ ଖାଉଥିବାବେଳେ ସେ ପିଲାଟି ଖୁବ୍ ମନୋଯୋଗ ଦେଇ ତାକୁ ଚାହିଁ ରହିଥାଏ । ଅଲିଭର୍ ଖାଇ ସାରିଲା ପରେ ପିଲାଟି ପୁଣି ପଚାରିଲା, "କଅଣ ଲଣ୍ଡନ ସହରକୁ ଯାଉଛୁ ?"

ଅଲିଭର୍ ସାହସ କରି ପଚାରିଲା, "ତୁମେ କଅଣ ଲଣ୍ଡନରେ ରହ ?" ନବାଗତ ବାଳକଟି କହିଲା, "ହିଁ ହିଁ, ମୁଁ ଲଣ୍ଡନରେ ରହେଁ । ତୁ ମୋ ସାଙ୍ଗରେ ଯିବୁ ? ସେଠାରେ ଜଣେ ବୁଢ଼ା ଭଦ୍ରଲୋକଙ୍କ ସାଥିରେ ମୋର ଚିହ୍ନା ଅଛି । ସେ ଭାରି ଭଲ ଲୋକ । ସେ ତୋତେ ଖାଇବାକୁ ଦେଇ ରଖିବେ । ଅଳ୍ପ ଦିନ ଭିତରେ ସୁବିଧା ଦେଖି ତୋତେ ଗୋଟିଏ କାମ ଜୁଟାଇଦେବେ ।"

ଅଲିଭର୍ ଏପରି ସୌଭାଗ୍ୟ ଆଦୌ ଆଶା କରି ନ ଥିଲା । ସେ ଆନନ୍ଦରେ ଏହି ପ୍ରସ୍ତାବରେ ସ୍ୱୀକୃତ ହେଇଗଲା । ଦୁହିଁଙ୍କ ମଧ୍ୟରେ ଅନେକ କଥା ପଡ଼ିଲା । ସେଥିରୁ ଅଲିଭର୍ ଜାଣିଲା ଯେ ଏହି ପିଲାଟିର ନାଆଁ ଜାକ୍ ଡକିନ୍ସ୍; କିନ୍ତୁ ତାର ଡାକ ନାଆଁ

ହେଉଛି ଡଜର୍ । ଡଜର୍ର ପ୍ରସ୍ତାବ ଅନୁସାରେ ଦିନବେଳା ଲଣ୍ଡନ ଯିବା ବନ୍ଦ ହେଲା । ସନ୍ଧ୍ୟା ପରେ ଦୁହେଁ ଚାଲିବାକୁ ଆରମ୍ଭ କଲେ । ରାତି ପ୍ରାୟ ଏଗାରଟା ବେଳକୁ ଡଜର୍ ଅଲଭର୍କୁ ଲଣ୍ଡନ ସହରର ଅନେକ କୁତ୍ସିତ ଗଳି ଭିତରେ ବୁଲାଇ ଶେଷରେ ଗୋଟିଏ ଅତି ମଇଳା ସରୁ ଗଳି ଭିତରେ ପହଞ୍ଚାଇଲା । ଗୋଟିଏ ଭଙ୍ଗାଦଦରା ଘର ପାଖରେ ପହଞ୍ଚି ଦୁହେଁଯାକ ଭଙ୍ଗାପାହାଚ ବାଟେ ଅନ୍ଧାରରେ ଚାଲିଲେ । ପଛପଟେ ଘରର ଗୋଟାଏ ଭଙ୍ଗା କବାଟକୁ ଫିଟାଇ ଡଜର୍ ଅଲଭର୍କୁ ଭିତରକୁ ଟାଣିନେଲା ।

ଘରଟି ଅତି ପୁରୁଣା । ସେଥିରେ ବହୁ ବର୍ଷର ମଇଳା ଲାଗି କାନ୍ଥ ଓ ଛାତ କଳାରଙ୍ଗ ହୋଇଯାଇଥିଲା । ଗୋଟିଏ ଟେବୁଲ ଉପରେ ବତିଟିଏ ମିଞ୍ଜି ମିଞ୍ଜି ହୋଇ ଜଳୁଥାଏ । ଘର ଭିତରେ କେତୋଟି ଭଙ୍ଗା ଖଟ ଲଗାଲଗି ହୋଇ ପଡ଼ିଥିଲା । ଟେବୁଲ ଚାରିପାଖକୁ ଲାଗି ଚାରିପାଞ୍ଚୋଟି ପିଲା ବସିଥିଲେ । ସେମାନେ ସମସ୍ତେ ଡଜର୍ଠାରୁ ସାନ । ସମସ୍ତେ ବସି ବିଡ଼ି ଖାଇ ଧୂଆଁ ଛାଡୁଥିଲେ । ଡଜର୍ ସେମାନଙ୍କ ପାଖରେ ବସିପଡ଼ି ସେହିପରି ଧୂଆଁ ଖାଇଲା । ଘର ଭିତରେ ଏମାନଙ୍କ ଛଡ଼ା ଜଣେ ବୃଦ୍ଧଲୋକ ଥିଲା । ତାର ମୁଣ୍ଡରେ କହରା ବାଳ; ସେଥିରୁ କେତେକ ଅଂଶ ଜଟ ହୋଇ ଯାଇଥାଏ । ତାର ମୁହଁଟା ଅତି କଦାକାର; ଦେଖିଲେ ଭୟ ମାଡ଼ିବାର କଥା । ସେ ଗୋଟାଏ ଚକଚା ମଇଳା କୁରୁତା ପିନ୍ଧି ଚୁଲିରେ କଅଣ ରାନ୍ଧୁଥାଏ ।

ଡଜର୍ ପିଲାମାନଙ୍କ କାନରେ ଗୁନ ଗୁନ କରି କଅଣ କହିଲା । ବୁଢ଼ା ଓ ଛୋଟ ପିଲାମାନେ ସମସ୍ତେ ଅଲଭର୍କୁ ଚାହିଁ ରହିଲେ । ଡଜର୍ ବୃଦ୍ଧକୁ ସମ୍ବୋଧନ କରି କହିଲା, "ଅଜା, ଏଇ ମୋର ବନ୍ଧୁ ଅଲଭର୍ ଟୁଇଷ୍ଟ ।"

ବୃଦ୍ଧ ଅଲିଭର୍‌କୁ ସ୍ୱାଗତ ସମ୍ଭାଷଣ ଜଣାଇ ତାର ହାତ ଧରି ପାଖକୁ ଟାଣିନେଇ କହିଲା, "ବେଶ୍, ଏଥର ଆଚ୍ଛା ଚିହ୍ନା ପରିଚୟ ହୋଇଯିବ ।" ଗୃହୁଁ ଗୃହୁଁ ପିଲମାନେ ବଡ଼ ପିଉ ପିଉ ତାର ଗୃରିପାଖେ ଘେରିଗଲେ । ସମସ୍ତେ ଜଣ ଜଣ ହୋଇ ତା ସହିତ କରମର୍ଦ୍ଦନ କଲେ । ସଙ୍ଗେ ସଙ୍ଗେ ସେ ହାତରେ ଧରିଥିବା ଗୋଟିଏ ଗ୍ଳେଟ ପୋଟଳିକୁ ମଧ୍ୟ ପରୀକ୍ଷା କରିଗଲେ । ତାର ସୁଖସୁବିଧା ପାଇଁ ସମସ୍ତେ ବିଶେଷ ଆଗ୍ରହ ପ୍ରକାଶ କରୁଥିବାର ଦେଖାଗଲା । ଜଣେ ଆସି ତା ମୁଣ୍ଡରୁ ଟୋପିଟି ଖୋଲି ନେଇ କାନ୍ଥରେ ଟାଙ୍ଗି ଦେଲା । ଆଉ ଜଣେ ତାର ପକେଟରେ ଥିବା ଜିନିଷ ସବୁ କାଢ଼ି ପକାଇଲା । ସେ ନିଜେ ଗୃଲି ଗୃଲି କ୍ଳାନ୍ତ ହୋଇପଡ଼ିଥିଲା । ଶୋଇଲାବେଳକୁ ପକେଟ ଖାଲିକରି ପାରି ନ ଥାନ୍ତା; ତେବେ ସେ ଶୁଅନ୍ତା କିପରି ?

ବୃଦ୍ଧ କହିଲା, "ଅଲିଭର୍, ତୋତେ ପାଇ ମୁଁ ବଡ଼ ଖୁସି । ଆରେ ଡଜର୍, ଯାଆ ଖାଇବାକୁ ମାଂସ ଘେନିଆ ।"

ପିଲମାନଙ୍କଠାରୁ ଅଲିଭର୍ ଜାଣିଲା ଯେ ଏହି ବୃଦ୍ଧର ନାମ ଫଗିନ୍ । ଅଲିଭର୍ ରୁଟି ଓ ମାଂସ ଖାଇ ଅନ୍ୟ ପିଲମାନଙ୍କ ସହ ଶୋଇଗଲା ।

## ଛଅ

ଏହାପରେ ଲଣ୍ଡନ ସହରରେ ଅଲିଭର୍‌ର ପ୍ରଥମ ରାତିଟି କଟିଗଲା । ସେତେବେଳେ ସେ ଜାଣିନଥିଲା ଯେ ସେ ଯେଉଁ ଭଦ୍ରଲୋକଙ୍କ ଆଶ୍ରୟ ନେଇଛି, ସେ ଜଣେ ଗ୍ଳୋର ସରଦାର । ପିଲମାନଙ୍କୁ ଗ୍ଳୋରବିଦ୍ୟା ଶିକ୍ଷା ଦେଇ ସେମାନଙ୍କ ଗ୍ଳୋରାଧନ ଆଦାୟ କରିବା ହେଉଛି ତାର ବ୍ୟବସାୟ ।

କେତେ ଦିନ ପର୍ଯ୍ୟନ୍ତ ଅଲିଭର୍ ଫଗିନ୍ ସହିତ ତା' ଘରେ ରହିଲା । ଏହି ସମୟରେ ସେ ଏହି ଭଦ୍ରଲୋକ ସମ୍ବନ୍ଧରେ ଅନେକ କଥା ଜାଣିପାରିଲା । ପ୍ରଥମ ରାତିର ପରଦିନ ସକାଳେ ଅଲିଭର୍ ଦେଖିଲା; ଫଗିନ୍ ଡଜର୍ ଓ ବେଟସ୍ ବୋଲି ଅନ୍ୟ ଗୋଟିଏ ପିଲାକୁ ଘେନି ଏକ ପ୍ରକାର ବିଚିତ୍ର ଖେଳ ଖେଳୁଛି । ଏପରି ଖେଳ ଅଲିଭର୍ ଆଗରୁ କେଉଁଠି ଦେଖିନଥିଲା । ବୁଢ଼ା ତାର ପକେଟରେ ଗୋଟିଏ ମନିବ୍ୟାଗ ବା ଆଉ କିଛି ମୂଲ୍ୟବାନ ଜିନିଷ ରଖେ । ପିଲାମାନେ ଏପରି କୌଶଳରେ ତାକୁ ପକେଟରୁ କାଢ଼ି ନଅନ୍ତି ଯେପରି କି ସେ ଜାଣିନପାରିବ ।

ବୁଢ଼ା ଅଲିଭର୍‌କୁ ଖେଳିବା ପାଇଁ ଡାକିଲା; କିପରି ପକେଟରୁ ମନିବ୍ୟାଗ କାଢ଼ି ନେବାକୁ ହେବ, ଅଥଚ ସେ ଜାଣି ପାରିବ ନାହିଁ, ସେ କୌଶଳ ଶିଖାଇଦେଲା । କିନ୍ତୁ ଏ ପ୍ରକାର ଖେଳ ଯେ କାହିଁକି ସେମାନେ ଖେଳୁଥିଲେ, ତାହା ଅଲିଭର୍ ଆଦୌ ବୁଝି ପାରିଲା ନାହିଁ । ତାକୁ ବଡ଼ କୌତୁକ ଲାଗିଲା । କିଛିଦିନ ପରେ ଡଜର୍ ଓ ବେଟ୍‌ସ ଅଲିଭର୍‌କୁ ସହର ଭିତରେ ବୁଲିବା ପାଇଁ ଡାକିନେଲେ । ସେହିଦିନ ଭୟ ଓ ଘୃଣାର ସହିତ ସେ ଏହି ଖେଳର ପ୍ରକୃତ ଅଭିପ୍ରାୟ ଜାଣିପାରିଲା ।

ତିନିଜଣଯାକ କ୍ଲାର୍କେନ ୱେଲ ସ୍କୋୟାର ପାଖରେ ଥିବା ଗୋଟିଏ ଗ୍ରେଟ ଗଳିମୁଣ୍ଡରେ ପହଞ୍ଚିଲେ । ହଠାତ୍ ଡଜର୍ ଛିଡ଼ା ହୋଇଗଲା ଓ ଅନ୍ୟ ଦୁହିଁଙ୍କୁ ସାବଧାନ ରହିବାକୁ ସଙ୍କେତ ଦେଲା ।

ଅଲିଭର୍ କିଛି ବୁଝିନପାରି ପଚାରିଲେ, "କଥା କଅଣ ? ଏଠି ରହିଲୁ କାହିଁକି ?"

ଡଜର୍ ଧୀରେ ଧୀରେ କହିଲା, "ଚୁପ୍‌କର । ସେ ବହି ଦୋକାନ ପାଖରେ ଗୋଟିଏ ଲୋକ ଛିଡ଼ା ହୋଇଛି, ଦେଖୁଛୁ ?"

ଅଲଭର୍—ହଁ, ସେଇ ରାସ୍ତାପାଖ ଦୋକାନ ଆଗରେ ନା ? ଜଣେ ଭଦ୍ରଲୋକ ଛିଡ଼ା ହୋଇ କଅଣ ପଢ଼ୁଛନ୍ତି ।

ଡଜର୍—ଏଇ ଲୋକଟା ଠିକ୍ ହେବ ।

ବେଟ୍ସ—ଆଚ୍ଛା ଶିକାର ।

ଅଲଭର୍ ଭୟ ଓ ବିସ୍ମୟରେ ତାର ସଙ୍ଗୀ ଦୁହିଁଙ୍କୁ ଚାହିଁଲା । କିନ୍ତୁ ସେ ଦୁହେଁ ଅଲଭର୍‌କୁ ଆଉ କିଛି ପଚାରିବା ପାଇଁ ସୁବିଧା ଦେଲେ ନାହିଁ । ଦୁହେଁଯାକ କେତେକ ପାହୁଣ୍ଡ ଯାଇ ରାସ୍ତା ଅତିକ୍ରମ କରି ଧୀରେ ଧୀରେ ସେହି ଭଦ୍ରଲୋକଙ୍କ ପଛରେ ଛିଡ଼ା ହେଲେ । ଅଲଭର୍ ସେମାନଙ୍କ ପଛେ ପଛେ କିଛି ଦୂର ଗଲା । କିନ୍ତୁ ଆଉ ଆଗକୁ ଯିବ କି ପଛକୁ ଫେରିବ କିଛି ସ୍ଥିର କରି ନ ପାରି ଛିଡ଼ାହୋଇ ସଙ୍ଗୀ ଦୁହିଁଙ୍କୁ ଚାହିଁରହିଲା ।

ଲୋକଟି ନିତାନ୍ତ ବୃଦ୍ଧ । ଆଖିରେ ଚଷମା । ପୋଷାକପତ୍ରରୁ ଜଣାଯାଏ ଯେ ସେ ଜଣେ ଧନୀ ଲୋକ ହୋଇଥିବେ । ସେ ଦୋକାନରୁ ଖଣ୍ଡିଏ ବହି କିଣିବେ ବୋଲି ଅତି ଆଗ୍ରହରେ ତାକୁ ପଢ଼ୁଥିଲେ । ହଠାତ୍ ଡଜର୍ ସେହି ଭଦ୍ରଲୋକଙ୍କର ପକେଟରେ ହାତ ପୂରାଇ ଗୋଟିଏ ରୁମାଲ୍ ଟାଣି ଆଣି ବେଟ୍ସ ହାତକୁ ବଢ଼ାଇ ଦେଲା ଓ ସଙ୍ଗେ ସଙ୍ଗେ ଦୁହେଁଯାକ ବୁଲିପଡ଼ି ଗଳିଭିତରେ ଦୌଡ଼ି ପଳାଇଲେ ।

ଅଲଭର୍ ସେ ଦୁହିଁଙ୍କ ଠାରୁ ଅଳ୍ପ କେତେ ହାତ ଦୂରରେ ଛିଡ଼ା ହୋଇ ଏସବୁ ଦେଖୁଥିଲା । ତାର ମନ ଭୟ ଓ ଘୃଣାରେ ପୂରିଗଲା । ସେ ବୁଝିପାରିଲା ଯେ ସେ ଯେଉଁମାନଙ୍କ ସଙ୍ଗରେ ରହିଛି, ସେମାନେ ପକେଟମାର୍ ଓ ତାକୁ ମଧ୍ୟ ସେହି କାମ କରିବାକୁ ହେବ ।

ସେ ପଳାଇବାକୁ ଲାଗିଲା । ଠିକ୍ ଏହି ସମୟରେ ବୃଦ୍ଧ ଭଦ୍ରଲୋକଟି ରୁମାଲ ନ ଥିବାର ଜାଣିପାରି ଚାରିଆଡ଼କୁ ଚାହିଁ

ଦେଖିଲେ ଯେ ଅଲିଭର୍ ଦୌଡ଼ି ପଳାଉଛି । ସେ ହାତରେ ବହି ଖଣ୍ଡିକ ଧରି ତା ପଛେ ପଛେ ଧାଇଁ ଚିତ୍କାର କଲେ, "ଏଇ ଚୋର ଗଲା; ଧର, ଧର ।"

ବହୁ ଲୋକ ଗୋଡ଼ାଇଲେ ଶେଷରେ 'ଚୋର' ଧରାପଡ଼ିଲା । ଜଣେ ଲୋକ ଅଲିଭର୍‌କୁ ଏପରି ବାଧାଏ ଦେଲା ଯେ ସେ ରାସ୍ତା ଉପରେ ପଡ଼ିଗଲା । ଜଣେ ପୋଲିସ କନେଷ୍ଟବଳ ଆସି ତାକୁ ଧରିନେଇ କହିଲା—"ଆବେ ସଇତାନ୍, ବଦମାସ୍, ଚାଲ ।" ଅଲିଭର୍‌ର ଚାଲିବାକୁ ଶକ୍ତି ନ ଥିଲା । କନେଷ୍ଟବଳ ତାକୁ ଘୋଷାଡ଼ି ଘୋଷାଡ଼ି ଥାନାକୁ ନେଇଗଲା । ସେଠାରେ ଅଲିଭର୍‌କୁ ହାଜତରେ ବନ୍ଦୀ କରି ରଖାଗଲା ।

ଫାଙ୍ଗ ବୋଲି ଜଣେ ପୋଲିସ ମାଜିଷ୍ଟ୍ରେଟଙ୍କ ପାଖରେ ଅଲିଭରର ବିଚାର ହେଲା । ଆସାମୀମାନଙ୍କୁ ବିଚାର ମାତ୍ରେ ଜେଲଦଣ୍ଡ ଦେବାରେ ଏ ମାଜିଷ୍ଟ୍ରେଟଙ୍କର ବେଶ୍ ସୁନାମ ଥିଲା । ବୃଦ୍ଧ ଭଦ୍ରଲୋକ ମାଜିଷ୍ଟ୍ରେଟଙ୍କୁ କହିଲେ, "ସାର୍, ମୋର ନାମ ହେଉଛି ବ୍ରାଉନଲୋ । ଯେଉଁ ପିଲାକୁ ମୋର ରୁମାଲ ଚୋରି ଯୋଗେ ଗିରଫ କରାଯାଇଛି, ସେ ପ୍ରକୃତ ଚୋର ନୁହେଁ ।" ଘଟନା ବିଷୟରେ କନେଷ୍ଟବଳକୁ ପଚାରିବାରୁ ସେ କହିଲା, "ଏ ପିଲା ପଳାଉଥିଲା । ଲୋକେ ତା' ପଛରେ ଦଉଡ଼ି 'ଚୋର, ଚୋର'ବୋଲି କହୁଥିଲେ । ମୁଁ ତାକୁ ଖାନତଲାସ କରି କିଛି ପାଇଲି ନାହିଁ ।"

ଏହା ପରେ ଅଲିଭରକୁ ମାଜିଷ୍ଟ୍ରେଟ ପଚାରିଲେ, "ଆରେ ପିଲା, ତୋର ନାଆଁ କଅଣ ? ତୋର ବାପ ନାଆଁ କଣ ? ଘର କେଉଁଠି ?"

ଅଲିଭର୍ ଉତ୍ତର ଦେବାକୁ ଚେଷ୍ଟା କଲା । କିନ୍ତୁ ତା ମୁହଁରୁ କଥା ବାହାରିଲା ନାହିଁ । କେବଳ ଓଠ ଦୁଇଟା ଥରିଗଲା । ଅଲିଭର୍

ଥର ଥର ହୋଇ ପଡ଼ିଗଲା । ମାଜିଷ୍ଟ୍ରେଟ ହୁକୁମ ଦେଲେ—ଏ ଚୋର ବେମାର ବୋଲି ଛଳନା କରୁଛି । ତାକୁ ତିନିମାସ ସଶ୍ରମ ଜେଲ୍ ଦଣ୍ଡ ଦିଆଗଲା । ତାକୁ ଏଠାରୁ ନେଇଯାଅ ।

ଅଲିଭରକୁ ନେବା ପାଇଁ କନେଷ୍ଟବଲ ଚେଷ୍ଟା କଲା ବେଳକୁ ଜଣେ ପ୍ରୌଢ଼ ବ୍ୟକ୍ତି ହଠାତ୍ ଉପସ୍ଥିତ ହୋଇ କହିଲେ "ହଜୁର୍, ଟିକିଏ ଅପେକ୍ଷା କରନ୍ତୁ । ଏ ପିଲାକୁ ଜେଲ୍‌କୁ ନେବା ପୂର୍ବରୁ ମୋର ସାକ୍ଷ୍ୟ ନିଆଯାଉ । ପିଲାଟି ଏକଦମ ନିର୍ଦ୍ଦୋଷ ।"

ମାଜିଷ୍ଟ୍ରେଟ ରାଗି ଉଠିଲେ । ଲୋକଟି କହିଲା, "ହଜୁର, ମୋ କଥା ଶୁଣିବା ଆପଣଙ୍କର କର୍ତ୍ତବ୍ୟ । ମୁଁ ସବୁ ଘଟନା ସ୍ୱଚକ୍ଷୁରେ ଦେଖିଛି । ମୁଁ ହେଉଛି ବହି ଦୋକାନର ମାଲିକ । ଯାହାଙ୍କର ରୁମାଲ ଚୋରି ଯାଇଛି, ସେ ମୋ ଦୋକାନ ଆଗରେ ଛିଡ଼ାହୋଇ ବହି ପଢ଼ୁଥିଲେ ।"

ମାଜିଷ୍ଟ୍ରେଟ ଦେଖିଲେ ଯେ ଏପରି ଜଣେ ସାକ୍ଷୀର ଜମାନ-ବନ୍ଦି ନ ନେଲେ ଚଳିବ ନାହିଁ । ସେ ବିରକ୍ତ ହୋଇ କହିଲେ, "ଆଚ୍ଛା ତୁମେ ଏ ବିଷୟରେ ଯାହା ଜାଣ କହ ।"

ଦୋକାନୀ କହିଲା, "ହଜୁର୍, ମୁଁ ଏହି ପିଲାଟି ସହିତ ଆଉ ଦୁଇଟି ପିଲା ଦେଖିଥିଲି । ରାସ୍ତା ଆରପାଖେ ସେମାନେ ଠିକ୍ ମୋ ଦୋକାନ ସାମନାକୁ ଛିଡ଼ା ହୋଇଥିଲେ । ଯେଉଁ ପିଲା ଏ ଭଦ୍ରଲୋକଙ୍କ ପକେଟରୁ ରୁମାଲ ନେଇ ପଳାଇଲା, ସେ ପିଲା ଏ ନୁହେଁ । ଚୋରି ଗଲାବେଳେ ଏ ପିଲା ଦୂରରେ ବିସ୍ମିତ ଭାବରେ ଛିଡ଼ା ହୋଇଥିଲା । ଚୋରି କରିଥିବା ପିଲା ପଳାଇବା ପରେ ଏ ପିଲା ଭୟରେ ଦଉଡ଼ିଗଲା ।"

ମାଜିଷ୍ଟ୍ରେଟ—ତୁମେ ଆଗରୁ ଆସି ସାକ୍ଷ ଦେଲନାହିଁ କାହିଁକି ?

ଦୋକାନୀ—ହଜୁର୍, ଦୋକାନରେ ମୋ ଛଡ଼ା ଆଉ କେହି ନ ଥିଲେ । ତେଣୁ ମୋର ଆସିବାରେ ଡେରି ହେଲା ।

ମାଜିଷ୍ଟ୍ରେଟ ରାୟଦେଲେ—ପିଲାକୁ ନିର୍ଦ୍ଦୋଷରେ ଖଲାସ ଦିଆଗଲା । ଏବେ ସମସ୍ତେ ମୋ କଚେରିରୁ ବାହାରିଯାଅ ।"

ମିଷ୍ଟର ବ୍ରାଉନ୍‌ଲୋ ଦେଖିଲେ ଅଲିଭର୍ ଅଚେତା ହୋଇ ବାରଣ୍ଡାରେ ପଡ଼ିଛି; ତା ଦେହ ଥରୁଛି । ସେ ନଇଁପଡ଼ି ତା ମୁହଁକୁ ଚାହିଁଲେ । ପିଲାଟି ପ୍ରତି ତାଙ୍କର ବିଶେଷ ଦୟା ହେଲା । ସେ ଗୋଟିଏ ଘୋଡ଼ାଗାଡ଼ି ମଗାଇ ଅତି ସାବଧାନରେ ତାକୁ ଗାଡ଼ିରେ ବସାଇ ତାଙ୍କ ଘରକୁ ନେଇଗଲେ । ଗୋଟିଏ କୋମଳ ବିଛଣାରେ ଅଲିଭର୍‌କୁ ନେଇ ଶୁଆଇ ଦିଆଗଲା । ମିଷ୍ଟର ବ୍ରାଉନ୍‌ଲୋଙ୍କ ଆଦେଶରେ ମିସେସ୍ ବେଡୁଇନ ବୋଲି ଜଣେ ସ୍ତ୍ରୀଲୋକ ଅଲିଭର୍‌ର ସେବା ଶୁଶ୍ରୂଷାରେ ଲାଗିଲେ ।

## ସାତ

ଡାକ୍ତରଙ୍କ ଚିକିତ୍ସା ଓ ମିସେସ୍ ବେଡୁଇନ୍‌ଙ୍କ ଯତ୍ନରେ ଦୁଇଦିନ ପରେ ଅଲିଭର୍‌ର ଚେତା ଆସିଲା । ସେ ଗୃହ ପାଖକୁ ଚାହିଁ ଚକିତ ହୋଇଗଲା । ସେ ଏଠାକୁ ଆସିଲା କିପରି ? ଏମାନେ କିଏ ? ଏ କଅଣ ସତ୍ୟ ନା ସ୍ୱପ୍ନ ! ସେ ବିଛଣାରୁ ଉଠି ଛିଡ଼ା ହେବାକୁ ଚେଷ୍ଟା କଲା ।

ମିସେସ୍ ବେଡୁଇନ୍ ତାକୁ ବସାଇ ଦେଇ ଅତି ଆଦରରେ କହିଲେ, "ପୁଅ, ଉଠିବାକୁ ଚେଷ୍ଟା କରନା । ତୋ ଦେହ ପୂରା ଭଲ ହୋଇନାହିଁ । ଦେହରେ ବଳ ଆସୁ, ଉଠି ବୁଲିଚାଲି

କରିବୁ ।” ଏହା କହି ସେ ଅଲିଭରକୁ କିଛି ଦୁଧ ପିଆଇଦେଲେ । ଅଲିଭର୍ ଭାବିଲା, ‘ଏ ବୁଢ଼ୀ କିଏ ? ମାଆ ଭଳି ମୋତେ ସ୍ନେହ କରୁଛନ୍ତି । ମୋତେ ଏତେ ସୁନ୍ଦର ଜାଗାକୁ କିଏ ଆଣିଲା !’ ଏହିପରି ଚିନ୍ତା କରୁ କରୁ ତାକୁ ପୁଣି ନିଦ ଆସିଗଲା ।

କିଛି ଦିନ ପରେ ଡାକ୍ତର ଅଲିଭରକୁ ପରୀକ୍ଷା କରି କହିଲେ, “ଏବେ ପିଲାଟିର ଦେହ ଭଲ ହୋଇଗଲାଣି । ତାର ଆଉ ବିଛଣାରେ ପଡ଼ିରହିବା ଦରକାର ନାହିଁ । ସେ ଏଣିକି ଟିକିଏ ବୁଲଚାଲ୍ କରିପାରେ ।” ସେଦିନ ମିସେସ୍ ବେଡୁଇନ୍ ତାକୁ ଗୋଟିଏ ଗରମ କୋଟ୍ ପିନ୍ଧାଇ ତଳ ମହଲାକୁ ନେଇ ଗଦିପକା ଆରାମଚଉକିରେ ବସାଇଦେଲେ ।

ଅଲିଭର୍ କହିଲା, “ମୁଁ, ତୁମକୁ ଚିହ୍ନେ ନାହିଁ; କିନ୍ତୁ ତୁମେ ମୋ ପ୍ରତି ଭାରି ଦୟା କରିଛ ।” ମିସେସ୍ ବେଡୁଇନ୍ ଆଖିରୁ ଲୁହ ପୋଛି ଦେଇ କହିଲେ, “ନାଇଁ ବାପ, ତୁ ଭଲ ହୋଇଯାଆ ।” ସତେ ଅବା ତାଙ୍କ ଅନ୍ତରର ବାତ୍ସଲ୍ୟ ଉଚ୍ଛୁଳି ପଡ଼ିଲା । ସେ ପୁଣି ଆଖିରୁ ଲୁହ ପୋଛିଦେଲେ । ପୁଣି କହିଲେ, “ଡାକ୍ତର କହି ଯାଇଛନ୍ତି ଆଜିଠାରୁ ତୋତେ ମାଂସଝୋଳ ଖାଇବାକୁ ଦେବ । ତାହାହେଲେ ତୋ ଦେହର ବଳ ଆସିବ । ଓଃ, ତୁ କେଡ଼େ ଶୁଖିଲା ଦିଶୁଛୁ । ଆଜି ମିଷ୍ଟର ବ୍ରାଉନ୍‌ଲୋ ତୋତେ ଦେଖିବାକୁ ଆସିବେ । ତୋତେ ସୁସ୍ଥ ଦେଖିଲେ ସେ ଖୁସି ହେବେ ।”

ଏହା କହି ମିସେସ୍ ବେଡୁଇନ୍ କିଛି ମାଂସଝୋଳ ଆଣି ଅଲିଭର୍‌କୁ ନିଜ ହାତରେ ଖୁଆଇଲେ । ବୋଧହୁଏ ଅଲିଭର୍ ତା ଜୀବନରେ ଏପରି ସୁସ୍ୱାଦୁ ଖାଦ୍ୟ ଖାଇ ନ ଥିଲା ।

ସେ ଖାଇସାରିଲା ବେଳକୁ ମିଷ୍ଟର ବ୍ରାଉନ୍‌ଲୋ ଆସି

ପଡ଼ିଥିଲେ । ଅଲିଭର୍‌ର ମୁହଁକୁ ଚାହିଁଲାକ୍ଷଣି କେଜାଣି କାହିଁକି ତାଙ୍କର ଆଖି ମଧ୍ୟ ଲୁହରେ ଛଳ ଛଳ ହୋଇ ଆସିଲା । ସେ ପଚାରିଲେ, "ଆଜି ଦେହ କପରି ଲାଗୁଛି ?" ଅଲିଭର୍ ଉତ୍ତର କଲା, "ମୁଁ ଖୁବ୍ ଭଲ ଅଛି । ଆପଣଙ୍କ ଦୟା ନିମନ୍ତେ ମୁଁ ଅତ୍ୟନ୍ତ କୃତଜ୍ଞ । ସେଥିପାଇଁ ଧନ୍ୟବାଦ ଦେଉଛି ।"

ମିଷ୍ଟର ବ୍ରାଉନ୍‌ଲୋ କହିଲେ, "ତୋର ଦେହ ଭଲ ଥିବାର ଶୁଣି ଖୁସି ହେଲି । ଏବେ ତୋର ବଳ ଫେରିଆସିବା ପାଇଁ ବ୍ୟବସ୍ଥା କରୁଛି ।"

ଅଲିଭର୍ କହିଲା, "ଆଶା କରେ ଆପଣ ମୋ ଉପରେ ବିରକ୍ତ ହୋଇ ନାହାନ୍ତି ।"

ବ୍ରାଉନ୍‌ଲୋ କହିଲେ, "ଏ କି କଥା ? ମୁଁ ତୋ ଉପରେ ବିରକ୍ତ ହେବି କାହିଁକି ?"

ଏହି ସମୟରେ ମିଷ୍ଟର ବ୍ରାଉନ୍‌ଲୋଙ୍କ ଦୃଷ୍ଟି କାନ୍ଥରେ ଓହଳିଥିବା ଗୋଟିଏ ଛବି ଉପରେ ପଡ଼ିଲା । ଛବିଟି ଗୋଟିଏ ସୁନ୍ଦରୀ ଯୁବତୀର । ଛବିଟିକୁ କିଛି ସମୟ ଚାହିଁ ରହି ମିଷ୍ଟର ବ୍ରାଉନ୍‌ଲୋ ମିସେସ୍ ବେଡୁଇନ୍‌ଙ୍କୁ ଘର ଭିତରକୁ ଡାକି କହିଲେ "ମିସେସ୍ ବେଡୁଇନ୍, କାନ୍ଥରେ ଏ ଯେଉଁ ଛବିଟି ଝୁଲୁଛି, ତାକୁ ଭଲ କରି ଚାହାଁ; ତାହାପରେ ଏ ପିଲାର ମୁହଁକୁ ଦେଖ ।" ମିସେସ୍ ବେଡୁଇନ୍ ଛବି ଆଡ଼କୁ ଚାହିଁଲେ, ଠିକ୍ ଏକାପରି ମୁଣ୍ଡ, ଏକାପରି ଆଖି, ଏକାପରି ଓଠ । ଦୁହିଁଙ୍କର ଏକପ୍ରକାର ସାମ୍ୟ ଦେଖି ମିଷ୍ଟର ବ୍ରାଉନ୍‌ଲୋ ବିସ୍ମୟରେ ଚିତ୍କାର କରିଉଠିଲେ । ଅଲିଭର୍ ତାଙ୍କ ଚିତ୍କାରର କାରଣ ବୁଝି ନ ପାରି ସ୍ତମ୍ଭୀଭୂତ ହୋଇଗଲା ।

ଆଠ

ଡଜର୍ ଓ ବେଟ୍ସ ମିଷ୍ଟର ବ୍ରାଉନ୍‌ଲୋଙ୍କ ରୁମାଲ ଚୋରି କରି କେତେ ଗଳିବାଟେ ବୁଲି ବୁଲି ଫଗିନ୍‌ର ଘରେ ପହଞ୍ଚିଲେ । ସେମାନଙ୍କର ଭୟ ହେଉଥାଏ ଯେ ଅଲିଭର୍‌କୁ ନ ଆଣି ଆସିଥିବାରୁ ଫଗିନ୍ ସେମାନଙ୍କୁ ମାଡ଼ ଦେବ । ଯାହାହେଉ, ପାହାଚ ଉପରେ ଟିକିଏ ଦମ୍ଭ ମାରି ଧୀରେ କବାଟ ଫିଟାଇ ଘର ଭିତରକୁ ଗଲେ ।

ଫଗିନ୍ ପାଟିକଲା, "କରେ, ତୁମେ ଦୁହେଁ ତ ଆସିଲ, ଅଲିଭର୍‌କୁ କେଉଁଠି ଛାଡ଼ି ଆସିଲ ?" ଫଗିନ୍‌ର ଭୟଙ୍କର ସ୍ୱରରେ ସେ ଦୁହିଁଙ୍କର ରକ୍ତ ପାଣି ହୋଇଗଲା । କିନ୍ତୁ ଉତ୍ତର ନ ଦେଇ ଦୁହେଁ ଯାକ ପରସ୍ପରକୁ ଚାହିଁଲେ । ଫଗିନ୍ ଡଜର୍‌ର କୁର୍ତ୍ତାକୁ ଧରି ଧମକ୍ ଦେଇ କହିଲା, "ଆବେ ଚାହିଁଛୁ କଅଣ ? ଅଲିଭର୍ କାହିଁ ? କହୁଛୁ, ନା ତୋ ପ୍ରାଣ ନେବି କହ ।"

ଡଜର୍ ଟାଣି ଓଟାରି ହୋଇ କହିଲା, "ପୁଲିସ୍ ତାକୁ ଧରିନେଲା । ତା'ପରେ ତା'ର କଅଣ ହେଲା, ଆମେ ଜାଣୁନାହିଁ ।" ଟାଣି ହେଉ ହେଉ ଡଜର୍ ଖସିଗଲା । ତାର କୋଟ୍‌ଟି ଫଗିନ୍ ହାତରେ ରହିଗଲା । ଡଜର୍ ପଳାଇଗଲା ବେଳକୁ ଫଗିନ୍ ତା ଆଡ଼କୁ ଗୋଟାଏ ପାଣିମଗ ଫିଙ୍ଗିଲା; କିନ୍ତୁ ତାହା ଡଜର୍ ଦେହରେ ନ ବାଜି ଘର ଭିତରକୁ ପଶି ଆସୁଥିବା ଜଣେ ଲୋକର ଦେହରେ ବାଜିଲା ।

ଏହି ଲୋକଟିର ବୟସ ପ୍ରାୟ ପଇଁତିରିଶ ବର୍ଷ ଓ ତାର ଚେହେରା ଭୟଙ୍କର । ତାର ନାମ ବିଲ୍ ଶାଇକ୍ସ । ସେ ଘରେ ପଶିଲାମାତ୍ରେ ପାଟିକରି କହିଲା, "ଏଠି ଏତେ ଗୋଳମାଳ ଲାଗିଛି

କାହିଁକି ? ଡଜର୍ କୁଆଡ଼େ ଯାଉଛି ? ଫଗିନ୍, ସତ କରି କହ, ଯେଉଁ ପିଲମାନେ ଚୋର କାମ କରୁଛନ୍ତି, ସେମାନଙ୍କ ଉପରେ ତୁ ଅତ୍ୟାଚାର କରୁଛୁ ?"

ଫଗିନ୍ କହିଲା, "ଆରେ ଶାଇକ୍ସ, ତୁ ଏଡ଼େ ପାଟି କରୁଛୁ କାହିଁକି ? ସେପରି କଲେ ଆମେ ସମସ୍ତେ ବିପଦରେ ପଡ଼ିବା । ଏବେ ଚୁପ୍ କରି ମୋ କଥା ଶୁଣ । ଆଜି ଡଜର୍ ଓ ବେଟ୍ସ ଅଲିଭର୍‌କୁ ନେଇ କାମରେ ଯାଇଥିଲେ । ପୁଲିସ୍ ଅଲିଭର୍‌କୁ ଗିରଫ୍ କରି ନେଇଛି । ସେ ହୁଏତ ଆମର ସବୁ କଥା ପୁଲିସ୍ ଆଗରେ କହିଥିବ । ତେବେ ଆମର ଦଶା କଅଣ ହେବ ?"

ଶାଇକ୍ସ ଫଗିନ୍‌କୁ ମାରିବାକୁ ଯାଉଥିଲା; କିନ୍ତୁ ହଠାତ୍ ସେଥିରୁ ନିରସ୍ତ ହୋଇ କହିଲା, "ଆରେ, ଆଗ କିଏ ଜଣେ ଯାଇ ବୁଝିବା ଦରକାର—ଥାନାରେ କଅଣ ହେଲା । ଯଦି ଅଲିଭର୍ ପୁଲିସକୁ ଆମ କଥା କହି ନ ଥିବ, ସେ ଜେଲ ଯାଇଥିବ । ତେବେ ସେ ଜେଲ୍‌ରୁ ଖଲାସ ନ ହେବାଯାଏ ଆମର ଭୟର କାରଣ ନାହିଁ । ସେ ଜେଲରୁ ଖଲାସ ହେଲମାତ୍ରେ ଆମେ ତାକୁ ପୁଣି ଆମ ଅଡ୍ଡାକୁ ନେଇଆସିପାରିବା ।"

ଶାଇକସ୍‌ର ଏହି ପ୍ରସ୍ତାବରେ ସମସ୍ତେ ରାଜି ହେଲେ । କିନ୍ତୁ ପୁଲିସ ଥାନାକୁ ଯାଇ ଅଲିଭର୍‌ର ଖବର ଆଣିବାକୁ କେହି ବାହାରିଲେ ନାହିଁ । ଏହି ସମୟରେ ଦୁଇ ଜଣ ସ୍ତ୍ରୀଲୋକ ଘର ଭିତରେ ପ୍ରବେଶ କଲେ । ଫଗିନ୍ ସେ ଦୁହିଁଙ୍କୁ ସମସ୍ତ ଘଟଣା ଜଣାଇ କେହି ଜଣେ ଥାନାକୁ ଯିବା ଦରକାର ବୋଲି ବୁଝାଇ ଦେଲା ।

ଫଗିନ୍ ଟିକିଏ ହସି ମଧୁର ସ୍ୱରରେ କହିଲା, "ନାନ୍‌ସି, ତୁ ଆମର ସୁନା ଝିଅ, ତୁ କଅଣ କହୁଛୁ ?"

ନାନ୍‌ସି ଉତ୍ତର କଲା, "ନାଇଁ, ମୁଁ ସେ କାମ କରି ପାରିବି ନାହିଁ । ଜାଣିଶୁଣି ବାଘମୁହଁକୁ ଯିବି ?"

ଏହି ସମୟରେ ଶାଇକ୍‌ସ ଆଖି ଲାଲ କରି କହିଲା, "କଣଲୋ ନାନ୍‌ସି, କଅଣ କହିଲୁ ? ଯିବୁ ନାହିଁ ?"

ନାନ୍‌ସିର ସେହି ଉତ୍ତର—ନା, ଯାଇପାରିବି ନାହିଁ ।

ଶାଇକ୍‌ସ ବୁଝାଇ ଦେଇ କହିଲା, "ଆମ ଭିତରେ ତୁ ପୁଲିସ ଥାନାକୁ ଯିବା ପାଇଁ ସବୁଠାରୁ ଉପଯୁକ୍ତ ଲୋକ । ତୋତେ ସେଠାରେ କେହି ଚିହ୍ନି ନାହାନ୍ତି । କେହି ତୋତେ ସନ୍ଦେହ କରିବେ ନାହିଁ ।"

ନାନ୍‌ସି କହିଲା, "ମୋତେ ଥାନାରେ କେହି ଚିହ୍ନନ୍ତି ନାହିଁ ସତ, କିନ୍ତୁ ଥରେ ଚିହ୍ନିଗଲେ ମୋ ଅବସ୍ଥା କଅଣ ହେବ !"

କିନ୍ତୁ ଶାଇକ୍‌ସ ଛାଡ଼ିବାର ପାତ୍ର ନୁହେଁ । ଶାଇକ୍‌ସର ନାନ୍‌ସି ଉପରେ ବିଶେଷ ପ୍ରଭାବ । ଶେଷରେ ନାନ୍‌ସି ଜଣେ ଗୃହକର୍ତ୍ତ୍ରୀ ବେଶ୍‌ରେ ପରିବାଥଳିଟିଏ ଧରି ଥାନାକୁ ଯିବାକୁ ବାହାରିଲା ।

ସେ ଥାନାରେ ପହଞ୍ଚି ଥାନା ଅଫିସରଙ୍କୁ କହିଲା, "ମୋର ଭାଇଟି ଥାନାରେ ଅଛି ବୋଲି ଶୁଣିଲି । ଦଶ ଏଗାର ବର୍ଷର ପିଲାଟିଏ । ତାର ନାଁ ଅଲିଭର୍ । ସବୁବେଳେ କେତେଟା ଦୁଷ୍ଟ ପିଲାଙ୍କ ସାଥିରେ ବୁଲୁଥାଏ ।"

ଥାନା ଅଫିସର୍ କହିଲେ, "ଓ ସେଇ ପିଲା ! ନା ନା, ସେ ଏଠାରେ ନାହିଁ । ଜଣେ ଭଦ୍ରଲୋକ ତାକୁ ନେଇଯାଇ-ଅଛନ୍ତି ।"

ନାନ୍‌ସି କାନ୍ଦ କାନ୍ଦ ହୋଇ ପଚାରିଲା, "କେଉଁ ଭଦ୍ରଲୋକ ତାକୁ ନେଇଛନ୍ତି ? ଦୟାକରି ମୋତେ ସେ ଭଦ୍ରଲୋକଙ୍କ ଠିକଣା କହନ୍ତୁ ।"

ପୁଲିସ ଅଫିସର୍ ମନେକଲେ ଯେ ଏ ସ୍ତ୍ରୀଲୋକଟି ଅଲିଭର୍‌ର ଭଉଣୀ । ତେଣୁ କିଛି ସନ୍ଦେହ ନ କରି ଅଲିଭର୍ ଥାନାକୁ ଆସିବାଠାରୁ ବିଚାର ପର୍ଯ୍ୟନ୍ତ ସବୁ ବର୍ଣ୍ଣନା କରି ଶେଷରେ କହିଲେ, "ବିଚାର ବେଳେ ଅଲିଭର୍ ଅଚେତା ହୋଇ ପଡ଼ିଥିଲା । ସେ ଭଦ୍ରଲୋକ ତାର ଯତ୍ନ ନେବାପାଇଁ ଘରକୁ ନେଇଗଲେ । ସେ ବୃଦ୍ଧ ଭଦ୍ରବ୍ୟକ୍ତିର ଘର ପେଣ୍ଟନଭିଲ ନିକଟରେ କେଉଁଠି ବୋଲି ଶୁଣିଛୁ ।"

ଏ ଖବର ସଂଗ୍ରହ କଲାପରେ ନାନ୍‌ସି ନିଜର ସାଥୀମାନଙ୍କ ପାଖକୁ ଆସି ସମସ୍ତ ଘଟଣା ଜଣାଇଲା । ସଙ୍ଗେ ସଙ୍ଗେ ଶାଇକ୍‌ସ ମୁଣ୍ଡରେ ଟୋପି ଲଗାଇ ତାର କୁକୁରକୁ ସଙ୍ଗରେ ଧରି ବାହାରି ପଡ଼ିଲା । ଫଗିନ୍ ଅଲିଭର୍‌କୁ ଖୋଜି ଆଣିବା ସକାଶେ ତାର ଶିଷ୍ୟ-ମାନଙ୍କୁ ଉପଯୁକ୍ତ ପରାମର୍ଶ ଦେବାକୁ ଲାଗିଲା ।

ସେ ବେଟ୍‌ସକୁ କହିଲା, "ତୁ ପେଣ୍ଟନ୍‌ଭିଲ୍ ଆଖପାଖରେ ବୁଲି ଅଲିଭର୍‌ର ଖବର ବୁଝିବୁ । ଯେପରି ହେଉ ଅଲିଭର୍‌କୁ ଖୋଜି ଆଣିବାକୁ ହେବ । ନାନ୍‌ସି ଓ ଡଜର୍‌କୁ ମଧ୍ୟ ସେ ଠିକ୍ ସେହିପରି ଉପଦେଶ ଦେଲା ଓ ପ୍ରତ୍ୟେକଙ୍କୁ କିଛି କିଛି ପଇସା ଦେଲା । ତତ୍ପରେ ସମସ୍ତଙ୍କୁ କହିଲା, "ଆଜି ରାତିରେ ଏ ଘର ବନ୍ଦ-କରି ମୁଁ ଚାଲିଯିବି । ମୁଁ କେଉଁଠି ଥିବି ସେ କଥା ତୁମେମାନେ ଜାଣ । ଏଠାରେ ଆଉ ମୁହୂର୍ତ୍ତେ ରହିବା ନିରାପଦ ନୁହେଁ ।" ଏହା କହି ସେ ସମସ୍ତଙ୍କୁ ଘରୁ ବାହାର କରି ଅଲିଭର୍‌କୁ ଖୋଜିବା ପାଇଁ ପଠାଇଦେଲା ।

## ନଅ

ମିଷ୍ଟର ବ୍ରାଉନ୍‌ଲୋଙ୍କ ଘରେ ମିସେସ୍ ବେଦୁଇନ୍‌ଙ୍କ ସେବା ଶୁଶ୍ରୂଷା ଓ ପୁଷ୍ଟିକର ଖାଦ୍ୟ ପାଇ ଅଲିଭର୍ ଅଳ୍ପଦିନ ଭିତରେ ସୁସ୍ଥ ହୋଇଗଲା । ସେ କୃତଜ୍ଞତାର ଚିହ୍ନ ସ୍ୱରୂପ ଘରକାମରେ ସ୍ୱତଃ ସାହାଯ୍ୟ କରୁଥିଲା । ତାର ଧୀର ସ୍ୱଭାବରେ ମିଷ୍ଟର ବ୍ରାଉନ୍‌ଲୋ ଓ ମିସେସ୍ ବେଦୁଇନ୍ ଅତ୍ୟନ୍ତ ପ୍ରୀତ ହୋଇଗଲେ ଓ ତାକୁ ଅନ୍ତରର ସହିତ ଭଲ ପାଇବାକୁ ଲାଗିଲେ ।

ଦିନେ ମିଷ୍ଟର ବ୍ରାଉନ୍‌ଲୋ କଥାବାର୍ତ୍ତା ହେବାପାଇଁ ଅଲିଭର୍‌କୁ ଡାକି ପଠାଇଲେ ।ସେ ଭଲ ପୋଷାକ ପିନ୍ଧି ବ୍ରାଉନ୍‌ଲୋଙ୍କ ପଢ଼ାଘରେ ପହଞ୍ଚିଲା । ଘରର ଚୁଟିପାଖେ ଆଲମାରି ମାନଙ୍କରେ ବହି ଭର୍ତ୍ତି ହୋଇଥାଏ । ମିଷ୍ଟର ବ୍ରାଉନଲୋ ଚଉକିରେ ବସି ଖଣ୍ଡେ ବହି ପଢ଼ୁଥିଲେ । ସେ ମୁଣ୍ଡ ଟେକି ଅଲିଭର୍‌କୁ ଚାହିଁ ହସ ହସ ମୁହଁରେ କହିଲେ, "ଅଲିଭର୍, ମୁଁ ତୋତେ ଡକାଇଛି । କେତେକ ଗୁରୁତର କଥା କହିବାର ଅଛି । ମୋ କଥା ମନ ଦେଇ ଶୁଣ ।" ଅଲିଭର୍ କହିଲା, "ଆପଣ ମୋ ପ୍ରତି ଖୁବ୍ ଅନୁଗ୍ରହ ଦେଖାଇଅଛନ୍ତି । ମୋର ଏକମାତ୍ର ପ୍ରାର୍ଥନା, ମୋତେ ତଡ଼ି ଦିଅନ୍ତୁ ନାହିଁ । ମୋତେ ରଖି ଆପଣଙ୍କର ସେବା କରିବାର ଅଧିକାର ଦିଅନ୍ତୁ । ମୁଁ ଏହା ଛଡ଼ା ଆଉ କିଛି ଚାହେଁ ନାହିଁ ।"

ବୃଦ୍ଧ କହିଲେ, "ମୁଁ ତୋତେ ଘରୁ ବାହାର କରିଦେବି ବୋଲି ଭୟ କରିବାର କାରଣ ନାହିଁ । ମୋର ଦୃଢ଼ ବିଶ୍ୱାସ, ତୁ ଏପରି କିଛି କରିବୁ ନାହିଁ, ଯାହା ଫଳରେ କି ମୁଁ ତୋତେ ତଡ଼ିଦେବାକୁ ବାଧ୍ୟ ହେବି । ମୁଁ ତୋତେ ଡାକିବାର ଭିନ୍ନ କାରଣ

ଅଛି । ତୋ ନିଜ ଜୀବନ ସମ୍ବନ୍ଧରେ ତୋର ଯାହା ମନେଅଛି; ତାହା ଜାଣିବା ମୋର ଇଚ୍ଛା । ତୁ କେଉଁଠାରୁ ଆସିଲୁ, ପିଲାଦିନେ କିଏ ତୋର ଯତ୍ନ ନେଉଥିଲେ, ତୁ କିପରି ସେ ଦୁଷ୍ଟ ପିଲାମାନଙ୍କ ସାଥିରେ ମିଶିଲୁ—ଏ ସବୁ କଥା ମୁଁ ଜାଣିବାକୁ ଚାହେଁ । ସତ କଥା କହ, ତୋର ଭୟର କାରଣ ନାହିଁ । ଅନ୍ତତଃ ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତୋର ଚିନ୍ତା ନାହିଁ ।”

ଅଲିଭର୍‌ର ଅନ୍ତର କୃତଜ୍ଞତାରେ ପୂରିଗଲା । କିଛି ସମୟ ଯାଏ ସେ କିଛି କହିପାରିଲା ନାହିଁ । ଟିକିଏ ପ୍ରକୃତିସ୍ଥ ହେଲାପରେ ସେ କିପରି ଅନାଥାଶ୍ରମରେ ରହିଥିଲା ଓ ବମ୍ବଲ୍ କିପରି ତା ଉପରେ ଅତ୍ୟାଚାର କରୁଥିଲେ, ତାହା ବର୍ଣ୍ଣନା କଲା । ଏହି ସମୟରେ ଚାକର ଆସି ଜଣାଇଲା ଯେ ମିଷ୍ଟର ଗ୍ରିମଉଇଗ୍ ଆସି-ଅଛନ୍ତି । ସେ ଜଳଖିଆ ଓ ଚାହା ଖାଇବେ ବୋଲି କହୁଛନ୍ତି ।

ମିଷ୍ଟର ବ୍ରାଉନ୍‌ଲୋ ହସି ହସି କହିଲେ, “ଅଲିଭର, ମିଷ୍ଟର ଗ୍ରୀମଉଇଗ୍ ଆସୁଛନ୍ତି । ସେ ହେଉଛନ୍ତି ମୋର ଜଣେ ଅତି ପୁରୁଣା ବନ୍ଧୁ । ତାଙ୍କ କଥାବାର୍ତ୍ତା ଓ ବ୍ୟବହାର ନିତାନ୍ତ ରୁକ୍ଷ ବୋଧ ହେବ; କିନ୍ତୁ ତୁ କିଛି ମନେ କରିବୁ ନାହିଁ । ମୁଁ ଜାଣେ, ତାଙ୍କର ଅନ୍ତର ଅତି କୋମଳ ।”

ଅଲିଭର୍ ପଚାରିଲା, “ତେବେ ମୁଁ କଅଣ ଏଠାରୁ ଚାଲିଯିବି ?”

ମିଷ୍ଟର ବ୍ରାଉନ୍‌ଲୋ ଉତ୍ତର କଲେ, “ନା, ନା, ତୋର ଚାଲିଯିବା ଦରକାର ନାହିଁ । ବରଂ ତୋର ଏଠାରେ ରହିବା ଉଚିତ ।”

ଏହି ସମୟରେ ମିଷ୍ଟର ଗ୍ରିମଉଇଗ୍ ସେହି ପଢ଼ାଘରେ ପ୍ରବେଶ କଲେ । ସେ ଖଣ୍ଡିଏ ବାଡ଼ି ଧରିଥିଲେ ଓ ବାରମ୍ବାର ଭୂଇଁ ଉପରେ

ତାହାଦ୍ୱାରା ଆଘାତ କରୁଥିଲେ । ସେ ଅଲିଭର୍‌କୁ ଦେଖିଲା ମାତ୍ରେ ପଚାରିଲେ, "ଏଇଟି କିଏ ।"

ମିଷ୍ଟର ବ୍ରାଉନ୍‌ଲେ କହିଲେ, "ମୁଁ ସେଦିନ ତୁମକୁ ଯେଉଁ ଅଲିଭର୍‌ ଟୁଇଷ୍ଟ କଥା କହୁଥିଲି, ଏ ପିଲାଟି ସେଇ ।" ଅଲିଭର୍‌ ମିଷ୍ଟର୍‌ ଗ୍ରିମଉଇଗ୍‌ଙ୍କୁ ପ୍ରଣାମ କଲା ।

ମିଷ୍ଟର ଗ୍ରିମଉଇଗ୍‌—ଯିଏ ବେମାର ପଡ଼ିଥିଲା ବୋଲି କହୁଥିଲ ? ହଁ, ହଁ, ମନେ ପଡ଼ିଲା । ଏଇ ପିଲା ପାହାଚ ଉପରେ ଗୋଟାଏ କଦଳୀ ଚୋପା ଫିଙ୍ଗିଥିଲା ନା ? ସେଥିରେ ଗୋଡ଼ ଖସିଯାଇ ମୋର ଭଲ ଗୋଡ଼ଟି ବି ଭାଙ୍ଗିଯାଇଥାନ୍ତା । ତାହାହେଲେ ସେଇ ପିଲା ଏ !"

ମିଷ୍ଟର ବ୍ରାଉନ୍‌ଲେ—ନା ନା, ଏ ସେ ପିଲା ନୁହେଁ । ବସ । ଏ ହେଉଛି ଅଲଭର୍‌ ଟୁଇଷ୍ଟ । ଏହା ସଙ୍ଗେ ଟିକିଏ କଥାଭାଷା ହୁଅ ।

ମିଷ୍ଟର ଗ୍ରିମଉଇଗ୍‌—ଆଚ୍ଛା ପିଲା, ତୁ କପରି ଅଛୁ ?

ଅଲଭର୍‌—ମୁଁ ଭଲ ଅଛି । ଆପଣଙ୍କୁ ଧନ୍ୟବାଦ ।

ଏହି ସମୟରେ ମିଷ୍ଟର ବ୍ରାଉନ୍‌ଲେ ଅଲଭର୍‌କୁ କହିଲେ, "ଯାଆ, ମିସେସ୍‌ ବେଦୁଇନ୍‌ଙ୍କୁ କହିଦେ, ଚାହା ଜଳଖିଆ ଦେଇଯିବେ !" ଏହା ପରେ ସେ ମିଷ୍ଟର ଗ୍ରିମଉଇଗ୍‌ଙ୍କୁ ଲକ୍ଷ୍ୟ କରି କହିଲେ, "ଭଲ ପିଲାଟିଏ ନୁହଁ ? ତୁମ ମତ କଅଣ ?"

ମିଷ୍ଟର ଗ୍ରିମଉଇଗ୍‌—ପିଲା ତ ପିଲା । ସେମାନଙ୍କ ଭିତରେ ମୁଁ କିଛି ପ୍ରଭେଦ ଦେଖିପାରେ ନାହିଁ । ତୁମେ ବା ଏ ପିଲା ବିଷୟରେ କଅଣ ଜାଣ ? ଏ ପିଲା କିଏ ? କେଉଁଠୁ ଆସିଲା । କହୁଥିଲ ସେ ବେମାର ପଡ଼ିଥିଲା । ହେଲା କଅଣ ? ଏମିତି ଲକ୍ଷ ଲକ୍ଷ ପିଲା କଅଣ ବଡ଼ ମଣିଷ ବି ରୋଗରେ ପଡ଼ନ୍ତି ।"

ମିଷ୍ଟର ବ୍ରାଉନ୍‌ଲୋ ଭଲକରି ତାଙ୍କ ବନ୍ଧୁଙ୍କୁ ଜାଣନ୍ତି । ସେ ଏଥିରେ ବିରକ୍ତ ନ ହୋଇ ବୁଝିଲେ ଯେ ମିଷ୍ଟର ଗ୍ରିମଉଇଗ୍ ପିଲାଟି ଉପରେ ସନ୍ତୁଷ୍ଟ । ଏହି ସମୟରେ ଅଲିଭର୍ ଓ ମିସେସ୍ ବେଡୁଇନ୍ ଚହା ଓ ଜଳଖିଆ ଆଣି ରଖିଦେଲେ । ଦୁଇ ବନ୍ଧୁ ହସଖୁସିରେ ତାହାର ସଦ୍‌ବ୍ୟବହାର କଲେ ।

ଚହା ଜଳଖିଆ ପରେ ମିଷ୍ଟର ଗ୍ରିମଉଇଗ୍ ପଚାରିଲେ, "ଏ ପିଲାର ସମ୍ପୂର୍ଣ୍ଣ ପରିଚୟ ପାଇଲଣି ?"

ମିଷ୍ଟର ବ୍ରାଉନ୍‌ଲୋ—ନା । ମୁଁ ଏକୁଟିଆ ତାହାଠାରୁ ତାର ଜୀବନକାହାଣୀ ଶୁଣିବାକୁ ଚାହେଁ । ଅନ୍ୟମାନଙ୍କ ଆଗରେ ସେ କେତେକ ଘଟନା ପ୍ରକାଶ କରିବାକୁ କୁଣ୍ଠାବୋଧ କରିପାରେ ।

ଏହାପରେ ଅଲିଭର୍‌କୁ ଲକ୍ଷ୍ୟ କରି ସେ କହିଲେ, "ଯାଆ, କାଲି ସକାଳ ଦଶଟା ବେଳେ ଏଇ ଘରେ ମୋ ସଙ୍ଗେ ଦେଖା-କରିବୁ ।"

ଅଲିଭର୍ ଚାଲିଗଲା । ମିଷ୍ଟର ଗ୍ରିମଉଇଗ୍ ତୁନି ତୁନି କରି କହିଲେ, "ମୁଁ କହି ରଖୁଛି, କାଲି ଦଶଟା ବେଳକୁ ସେ କେବେହେଁ ତୁମ ପାଖକୁ ଆସିବ ନାହିଁ । ପିଲାଟା ତୁମକୁ ଠକଅଛି, ତୁମେ ବୁଝିପାରୁ ନାହଁ ।"

ମିଷ୍ଟର ବ୍ରାଉନ୍‌ଲୋ—ମୁଁ ଶପଥ କରି କହିପାରେଁ, ସେ ଠକିବା ପିଲା ନୁହେଁ ।

ମିଷ୍ଟର ଗ୍ରିମଉଇଗ୍—ମୁଁ ଶପଥ କରି କହିପାରେ ସେ ତୁମକୁ ଠକୁଛି ।

ମିଷ୍ଟର ବ୍ରାଉନ୍‌ଲୋ—ଆଚ୍ଛା ଦେଖିବା, କାହା କଥା ଠିକ୍ ।

ମିଷ୍ଟର ଗ୍ରିମଉଇଗ୍—ହେଉ, ଦେଖିବା ।

କିଛି ସମୟ ପରେ ମିସେସ୍ ବେଡୁଇନ୍ କେତେଗୁଡ଼ିଏ ବହି ଆଣି ଟେବୁଲ ଉପରେ ରଖିଦେଇ କହିଲେ, "ଦୋକାନୀ ଏ ବହି ଗୁଡ଼ିକ ପଠାଇଦେଇଛି।"

ମିଷ୍ଟର ବ୍ରାଉନ୍‌ଲୋ—କେତେ ଖଣ୍ଡି ବହି ଦୋକାନୀକୁ ଫେରାଇବାକୁ ଅଛି। ତାକୁ କିଛି ଟଙ୍କା ମଧ୍ୟ ଦେବାକୁ ହେବ। ଯିଏ ବହି ଆଣିଥିଲା, ତାକୁ ଡାକିଦିଅ।

ମିସେସ୍ ବେଡୁଇନ୍—ଦୋକାନୀ ଯେଉଁ ପିଲା ହାତରେ ବହି ପଠାଇଥିଲା, ସେ ଚାଲିଗଲାଣି।

ମିଷ୍ଟର ବ୍ରାଉନ୍‌ଲୋ—ଓଃ, ଆଜ ନିଶ୍ଚୟ ବହିତକ ଫେରାଇବାକୁ ପଡ଼ିବ।

ମିଷ୍ଟର ଗ୍ରିମଉଇଗ୍—ତାହାହେଲେ ସେଇ ଅଲଭର୍ ହାତରେ ପଠାଇଦିଅ। ପିଲାଟା ଉପରେ ନିର୍ଭର କରାଯାଇପାରେ। ସେ ବହି ଦେଇ ଆସିବ।

ଶେଷରେ ଅଲଭର୍‌କୁ ପଠାଇବା ସ୍ଥିର ହେଲା। ତାକୁ ଡାକି ମିଷ୍ଟର ବ୍ରାଉନ୍‌ଲୋ କହିଲେ, "ଯାଅ, ବହି ଦୋକାନୀକୁ ଏ ବହି ଓ ଚାରିପାଉଣ୍ଡ ଦଶ ଶିଲିଂ ଦେବୁ। ଆଉ ଦଶ ଶିଲିଂ ଫେରାଇ ଆଣିବୁ।" ଏହା କହି ସେ ଅଲିଭର୍‌କୁ କେତେ ଖଣ୍ଡି ବହି ଓ ଖଣ୍ଡିଏ ପାଞ୍ଚପାଉଣ୍ଡ ନୋଟ୍ ବଢ଼ାଇଦେଲେ।

ଅଲିଭର୍ ଅତି ଆନନ୍ଦରେ କହିଲା, "ମୁଁ ଏହିକ୍ଷଣି ଦଉଡ଼ି ଯାଇ ଦଶ ମିନିଟ୍ ଭିତରେ ଫେରି ଆସି ପାରିବ।"

ସେ ନୋଟ୍ ଖଣ୍ଡିକ ଖୁବ୍ ସାବଧାନରେ ପକେଟରେ ପୂରାଇଲା ଓ ବହିତକ କାଖତଳେ ଜାକି ଗଲା।

ମିଷ୍ଟର ବ୍ରାଉନ୍‌ଲୋ—ଖୁବ୍ ବେଶିହେଲେ ଫେରିବାକୁ ତାକୁ କୋଡ଼ିଏ ମିନିଟ୍ ଲାଗିବ।

ଏହା କହି ସେ ନଜର ଘଣ୍ଟାଟି ପକେଟରୁ ବାହାର କରି ଟେବୁଲ ଉପରେ ରଖିଲେ ।

ମିଷ୍ଟର ଗ୍ରିମଉଇଗ୍—ତୁମେ କଅଣ ଆଶା କରୁଛ, ସେ ସତରେ ଫେରିଆସିବ ?

ମିଷ୍ଟର ବ୍ରାଉନ୍‌ଲୋ—କାହିଁକି ? ତୁମର କଅଣ ସନ୍ଦେହ ହେଉଛି ?

ମିଷ୍ଟର ଗ୍ରିମଉଇଗ୍—ନା, ମୁଁ ସନ୍ଦେହ କରୁନାହିଁ । ତେବେ ପିଲଟା ନୂଆ ପୋଷାକ ପିନ୍ଧିଛି, ପକେଟରେ ପାଞ୍ଚ ପାଉଣ୍ଡର ନୋଟ୍ ରଖିଛି, କାଖତଳେ ଅନେକ ଦାମିକା ବହି ଧରିଛି । ସେ ଯେ ଏସବୁ ନେଇ ତାର ସାଥୀ ଚୋରପିଲାମାନଙ୍କ ସଙ୍ଗେ ମିଶି କାହିଁକି ତୁମକୁ ଥଟ୍ଟା କରିବ ନାହିଁ, ସେଇ କଥା ଭାବୁଛି ।

ଦୁଇବନ୍ଧୁ ଟେବୁଲର ଦୁଇପାଖେ ବସି ରହିଲେ । ମଝିରେ ଟେବୁଲ ଉପରେ ଘଣ୍ଟାଟି ରହିଛି । ଦୁହେଁଯାକ ଘଣ୍ଟାକୁ ଚାହିଁଛନ୍ତି । ଦଶ ମିନଟ୍ ଗଲା, କୋଡ଼ିଏ ମିନଟ୍ ଗଲା । ଅନ୍ଧାର ମାଡ଼ି ଆସିଲା । ଘଣ୍ଟାର କଣ୍ଟା ଆଉ ଦେଖାଗଲା ନାହିଁ । ତଥାପି ଅଲିଭର୍ ଫେରିଲା ନାହିଁ ।

## ଦଶ

ସେ ଦିନ ଫଗିନ୍ ତାର ସାଥିମାନଙ୍କୁ ଅଲିଭର୍‌କୁ ଖୋଜିବା ପାଇଁ ପଠାଇଦେଇ ଗୋଟିଏ ହୋଟେଲକୁ ଗଲା । ଏହି ହୋଟେଲରେ ସେମାନଙ୍କର ଦେଖା ହେବ ବୋଲି ସେ ଆଗରୁ ସଙ୍କେତ ଦେଇଥିଲା । ଏ ହୋଟେଲଟି ଚୋର ଡକାୟତମାନଙ୍କର

ଏକ ଆଡ୍ଡା । ସେମାନେ ଏଠାରେ ଏକାଠି ହୋଇ କେଉଁଠି କିପରି ଚୋରି ଡକାୟତି କରିବେ, କାହାକୁ ମାରିବେ, ଏସବୁ ବିଚାର କରନ୍ତି ।

ଫଗିନ୍ ସେଠାରେ ପହଞ୍ଚି ଦେଖିଲା ଯେ ଶାଇକ୍ସ ଓ ତାର କୁକୁର ଆଗରୁ ଆସିଛନ୍ତି । ଫଗିନ୍ ଶାଇକ୍ସକୁ କହିଲା, "ତୋ ଭାଗଟା ନେଇ ଆସିଛି । ତୁ ମୋପାଇଁ କେବେହେଲେ କାମ କରିବୁ ବୋଲି ମୋର ଆଶା ଅଛି ବୋଲି ସିନା ଏହା କରୁଛି ।"

ଏହା କହି ସେ କୋଟ୍ ପକେଟରୁ ଗୋଟିଏ ରୁମାଲ ବାହାର କରି ତାକୁ ଫିଟାଇଲା, ତା ଭିତରୁ ଗୋଟିଏ କାଗଜପୁଡ଼ିଆ ବାହାରିଲା । ଶାଇକ୍ସ୍ ତାକୁ ଝାମ୍ପି ନେଇ ଫିଟାଇ ସେଥିରେ ଥିବା ସ୍ୱର୍ଣ୍ଣମୁଦ୍ରାଗୁଡ଼ିକ ଗଣିବାରେ ଲାଗିଲା । ଗଣିସାରି ସେ କହିଲା, "ମୋ ଭାଗ ଠିକ୍ ଦେଇଛୁ ନା ବଦମାସି କରିଛୁ ? ମୁଁ ଜାଣେ ତୁ ମତେ ଅନେକ ଥର ଠକିଛୁ ।"

ଏହି ସମୟରେ ଜଣେ ଲୋକ ସହିତ ନାନ୍ସି ସେଠାରେ ଉପସ୍ଥିତ ହେଲା । ସେତେବେଳେ ନାନ୍ସି ଗୋଟିଏ ଭଦ୍ରଘରର ଚାକରାଣୀ ଭଳି ପୋଷାକ ପିନ୍ଧିଥାଏ । ଶାଇକ୍ସ ପଚାରିଲା, "କିଲୋ, କଅଣ କଲୁ ? ସେ ଟୋକାର କିଛି ଖବର ପାଇଲୁ ?"

ନାନ୍ସି କହିଲା, "ହଁ, ମୁଁ ତାକୁ ଖୋଜି ଖୋଜି ଥକିଗଲିଣି । ପିଲାଟା ବେମାର ପଡ଼ିଛି; ଜଣକ ଘରେ ଅଛି ।"

ସେ ଆହୁରି କେତେ କଥା କହିଯାଇଥାନ୍ତା; କିନ୍ତୁ ଫଗିନ୍ ତା ଆଡ଼କୁ କଟମଟ କରି ଚାହୁଁଥିବାର ଦେଖି ସେ ଆଉ କିଛି କହିଲା ନାହିଁ । ଅନ୍ୟ କେତେ କଥା ପଡ଼ିଲା । ନାନ୍ସି ସେଠାରୁ ଚାଲିଯିବାକୁ ବସିବାରୁ ଶାଇକ୍ସ ମଧ୍ୟ ଯିବାକୁ ବାହାରିଲା । ନାନ୍ସି, ଶାଇକ୍ସ ଓ ତାର କୁକୁର ହୋଟେଲରୁ ବାହାରିଗଲେ ।

ଏଣେ ଅଲଭର୍ ଟୁଇଷ୍ଟ ଖୁବ୍ ଆନନ୍ଦରେ ବହିଦୋକାନକୁ ଚାଲିଛି । ତାର ଏତେ ନିକଟରେ ଯେ ତାର ଶତ୍ରୁମାନେ ଅଛନ୍ତି, ସେ କଳ୍ପନା କରି ନ ଥିଲା । ସେ କିଛି ଦୂର ଯାଇ ବହି ଦୋକାନ ଥିବା ଗଳି ଆଡ଼କୁ ବୁଲିପଡ଼ିବାକୁ ବସିଛି, ଏହି ସମୟରେ ଗୋଟିଏ ସ୍ତ୍ରୀଲୋକ ଚିତ୍କାର କରିଉଠିଲା, "ହେଇଟି ତ ମୋ ସାନ ଭାଇ । ଆଜିଯାଏ ଯାଇ କୁଆଡ଼େ ଥିଲୁ ? ଦଇବଯୋଗେ ସିନା ତୋତେ ଦେଖିଲି ରେ ?"

ସ୍ତ୍ରୀଲୋକଟି କାହାକୁ ଲକ୍ଷ୍ୟ କରି ଏପରି କାନ୍ଦୁଛି ଜାଣିବାପାଇଁ ଅଲିଭର୍ ଏଣିକି ତେଣିକି ଚାହିଁଲା । ଏହି ସମୟରେ କିଏ ଜଣେ ଆସି ତାର ଗଳାକୁ ଚାପିଧରିଲା । ଅଲିଭର୍ କହିଲା, "ଏ କଅଣ ? ତୁମେ କିଏ ? କାହିଁକି ମୋତେ ଏପରି ଜବରଦସ୍ତ କରି ଧରୁଛ ?"

ଲୋକଟି କିଛି ଉତ୍ତର ଦେଲାନାହିଁ । ସ୍ତ୍ରୀଲୋକଟି ଦଉଡ଼ି ଆସି "ମୋ ଭାଇ, ମୋ ଭାଇ" କହି ତାକୁ କୁଣ୍ଢାଇପକାଇଲା । ତା ସଙ୍ଗେ ସଙ୍ଗେ କାନ୍ଦଣା ମଧ୍ୟ ଚାଲିଥାଏ ।

"ଆରେ ମୋ ଅଲିଭର୍ ରେ ! ତୁ ଆଜିଯାଏ କୁଆଡ଼େ ଥିଲୁ ରେ ! ତୋତେ ନ ଦେଖି ମାଆ ଅନ୍ନଜଳ ଛାଡ଼ିଦେଲାଣି, ମୋ ଅଲିଭର୍ ରେ ! ତୋତେ ନ ପାଇ ମୁଁ କାନ୍ଦି କାନ୍ଦି ଥକିଲିଣି, ମୋ ଅଲିଭର୍ ରେ !"

ଏତିକିବେଳେ ଜଣେ ବୁଢ଼ୀ ଉପସ୍ଥିତ ହୋଇ ପଚାରିଲା, "କଥା କଅଣ ? ଆଲୋ ଝିଅ, ତୁ ଏମିତି କାନ୍ଦୁଛୁ କାହିଁକି ?"

ସ୍ତ୍ରୀଲୋକଟି କହିଲା, "ମାଉସୀ, କଅଣ କହିବି ? ଏ ମୋ ସାନ ଭାଇ । ମାସେହେଲା ଘରୁ ପଳାଇ ଆସି କୁଆଡ଼େ ଲୁଚିବୁଲୁଛି । ଘରେ ବାପାମାଆ ପୁଅକୁ ନ ପାଇ ଦାନାପାଣି ଛାଡ଼ିଦେଲେଣି ।

ଭଦ୍ରଘରର ପିଲା ହୋଇ ଘରୁ ଲୁଚି କୁଆଡ଼େ ଚୋର ଡକେଇତଙ୍କ ସାଥିରେ ମିଶି ବୁଲୁଛି । ଦଇବଯୋଗକୁ ଆଜ ଏଠି ମୋର ଭେଟ ହୋଇଗଲା ।"

ବୁଢ଼ୀଟି ସଂକ୍ଷେପରେ କହିଲା, "ହତଭାଗା !"

ଅଲିଭର୍ ପ୍ରତିବାଦ କରି କହିଲା, "ମାଉସୀ, ଏ କିଏ ମୁଁ ଜାଣେନାହିଁ । ଏହାକୁ ମୁଁ ଆଦୌ ଚିହ୍ନେନା । ମୋର ବାପା ନାହିଁ କି ମାଆ ନାହିଁ । ପେଣ୍ଟନଭିଲରେ ମୁଁ ରହୁଛି ।"

ଅଲିଭର୍ ଫଗିନ୍‌ର ଘରେ ଥିଲାବେଳେ ନାନ୍‌ସି ବୋଲି ଗୋଟିଏ ସ୍ତ୍ରୀଲୋକର ନାଆଁ ଅନେକ ଥର ଶୁଣିଥିଲା । ସେ ଏହି ସ୍ତ୍ରୀର ବ୍ୟବହାର ଦେଖି ମନେ ମନେ ଭାବିଲା, ବୋଧହୁଏ ଏ ହେଉଛି ସେଇ ନାନ୍‌ସି । ସେ କହିପକାଇଲା, "ତାହାହେଲେ ତୁ ସେଇ ନାନ୍‌ସି ।"

ସେତେବେଳକୁ ସେଠାରେ ଅନେକ ଲୋକ ଜମିଯାଇଥିଲେ । ସେମାନଙ୍କୁ ସମ୍ବୋଧନ କରି ସ୍ତ୍ରୀଲୋକଟି କହିଲା, "ହେଇଟି ଦେଖିଲ, ସେ ମୋତେ ଜାଣେନା ବୋଲି କହୁଥିଲା ପରା, ମୋ ନାଆଁ କିପରି ଜାଣିଲା ? ତାକୁ ବୁଝାଇସୁଝାଇ ମୋ ସାଥିରେ ପଠାଇଦିଅ । ତା ନ ହେଲେ ତାକୁ ନ ଦେଖି ଆମ ବାପମାଆ ଝୁରି ଝୁରି ମରିଯିବେ । ମୁଁ ତାକୁ ଗୁଡ଼ ଜୀବନ ଧରି ରହିପାରିବି ନାହିଁ ।"

ଏହି ସମୟରେ ଜଣେ କଦାକାର ଲୋକ ମଦ ଦୋକାନଆଡ଼ୁ ଧାଇଁଆସିଲା । ତା ପଛେ ପଛେ ଗୋଟାଏ ଧଳା କୁକୁର ଦଉଡ଼ୁଥାଏ । ସେ ସେଠାରେ ପହଞ୍ଚିପାଇ କହିଲା, "ଅଲିଭର୍, ସେ ସବୁ ଚାଲାକି ରଖିଦେ । ଚୁପ୍ କରି ସୁନାପିଲାଟି ଭଳି ତା ସାଙ୍ଗରେ ଘରକୁ ଚାଲିଯା ।"

ଲୋକଟା ପାଖରୁ ମୁକ୍ତ ପାଇବାକୁ ଚେଷ୍ଟା କରି ଅଲିଭର୍ କହିଲା, "ମୋତେ ଛାଡ଼ିଦିଅ । ଏ ସବୁ ମୋର କେହି ନୁହନ୍ତି । ମୁଁ କାହାରିକି ଚିହ୍ନେନା ।"

ଲୋକଟି ଧମକ୍ ଦେଇ କହିଲା, "ଚୁପ୍ କର ସଇତାନ ! ସେ ବହିଗୁଡ଼ାକ କେଉଁଠୁ ଆଣିଲୁ ? ଚୋରିକରି ଆଣିଛୁ ନା ?" ଏତିକ କହି ସେ ଅଲିଭର୍ ହାତରୁ ବହିଗୁଡ଼ିକ ଛଡ଼ାଇନେଲା ଓ ତା ଗାଲରେ ଗୋଟାଏ ଚଟକଣି ବସାଇଦେଲା ।

ଦର୍ଶକମାନଙ୍କ ଭିତରୁ ଜଣେ କହିଲା, "ହଁ, ଠିକ୍ ହୋଇଛି । ତା ନ ହେଲେ ପୁଅର ଭଲ ବୁଦ୍ଧି ଆସିବ ନାହିଁ !" ବୁଢ଼ୀଟି କହିଲା, "ଏଥର ପୁଅ ଠିକ୍ ବାଟରେ ଯିବ ଯେ ।" ଲୋକଟା ତା ପିଠିରେ ଗୋଟାଏ ବିଧା ମାରି କହିଲା, "ଆବେ ଚାଲ୍ ; ନ ହେଲେ ଏ କୁକୁରକୁ ଛାଡ଼ିଦେବା । ହେ ବୁଲ୍ ।"

ଅଲିଭର୍ ଅଳ୍ପ ଦିନ ହେଲା ରୋଗରୁ ଉଠିଥିଲା । ସେ ପର୍ଯ୍ୟନ୍ତ ଦେହରେ ପୂରା ବଳ ଆସି ନ ଥିଲା । ସେ ଦେଖିଲା ଯେ, ଏତେ ଲୋକଙ୍କ ଭିତରୁ କେହି ଜଣେହେଲେ ତା ପାଇଁ ପଦେ କହୁନାହିଁ । ତେଣୁ ସେ ନାନ୍‌ସି ସଙ୍ଗେ ଯିବାଛଡ଼ା ଅନ୍ୟ ଉପାୟ ଦେଖି ପାରିଲା ନାହିଁ । ଶାଇକସ୍ ମଧ୍ୟ ସୁବିଧା ପାଇ ତାକୁ ଠେଲି ଠେଲି ରାସ୍ତାରେ ନେଇ ଚାଲିଲା । କିଛି ସମୟ ପରେ ଧମକ ଦେଇ କହିଲା, "ଅଲିଭର୍, ନାନ୍‌ସିର ହାତ ଧରି ଚୁପ୍ କରି ଚାଲ୍ ।"

ଅଲିଭର୍ ଇତସ୍ତତଃ ହୋଇ ଚାରିଆଡ଼କୁ ଅନାଇଲା । ଦେଖିଲା, ତାକୁ ସାହାଯ୍ୟ କରିବାକୁ କେହି ଜଣେହେଲେ ନାହିଁ । ଜାଗା ଅନ୍ଧାରୁଆ । ଏପରି ସ୍ଥଳରେ ବାଧା ଦେବାରେ କିଛି ଫଳ ନାହିଁ । ଅଗତ୍ୟା ସେ ହାତ ବଢ଼ାଇଦେଲା । ନାନ୍‌ସି ହାତଟିକୁ ଦୃଢ଼ଭାବରେ ଧରିଲା ।

ଅଲିଭର୍ ଜାଣିଲା ଯେ ଏ ଦୁହେଁ ତାକୁ ପୁଣି ଫଗିନ୍‌ର ଘରକୁ ନେଉଅଛନ୍ତି । ତାର ଆଖିରୁ ଲୁହ ବହିବାକୁ ଲଗିଲା । ତାର ପ୍ରଧାନ ଚିନ୍ତା—ମିଷ୍ଟର ବ୍ରାଉନ୍‌ଲୋ ମୋତେ ବିଶ୍ୱାସ କରି ଟଙ୍କା ଓ ବହି ଦେଇପଠାଇଥିଲେ । ମୁଁ ନ ଫେରିଲେ ସେ କଅଣ ଭାବିବେ ? ସେ ତ ମୋର ଏ ଦୁର୍ଦ୍ଦଶା କଥା ଜାଣି ନାହାନ୍ତି ।

## ଏଗାର

ଫଗିନ୍‌ର ରହିବା ଘର ପଡ଼ିଲା । ସେତେବେଳକୁ ଚାରିଆଡ଼ ଘୋର ଅନ୍ଧାର । ଶାଇକ୍‌ସ ଦୁଆର ପାଖରେ ଥାଇ କହିଲା, "ଟିକିଏ ଆଲୁଅ ଆଣ । ନ ହେଲେ ଅନ୍ଧାରରେ ପଡ଼ି ଆମ ହାତଗୋଡ଼ ଭାଙ୍ଗିବ ।"

ଜଣେ କିଏ ଉତ୍ତର କଲା, "ହଉ ରହ । ମୁଁ ଯାଉଛି ।" କିଛିକ୍ଷଣ ପରେ ଡଜର୍ ହାତରେ ଗୋଟିଏ ଦୀପ ଧରି ଦେଖାଦେଲା । ସେମାନେ ଡଜର୍ ସଙ୍ଗେ ସେଇ ମଇଳା ଅନ୍ଧାରୁଆ ଘରେ ପଶିଗଲା କ୍ଷଣି ହସର ଗୋଟାଏ ଢେଉ ଖେଳିଗଲା । ବେଟ୍‌ସ କହିଉଠିଲା, "ଆରେ ବାଃ ବାଃ ! ହେଇଟି ତ ଆମ ସାଙ୍ଗ ଆସିଗଲେ । ହେ ଫଗିନ୍ ଅଜା, ଦେଖ ନା ! ବାଃ, କି ମଜା ! କିଏ ମତେ ଧର୍ । ନ ହେଲେ ହସି ହସି ମୋ ପେଟ ଫାଟିଯିବ ସେ ।"

ଏହା କହି ବେଟ୍‌ସ ହସି ହସି ତଳେ ଗଡ଼ିଗଲା । ବାସ୍ତବରେ ତାର ଆନନ୍ଦର ସୀମା ନ ଥାଏ । କିଛି ସମୟ ପରେ ଚଞ୍ଚଳ ଉଠିପଡ଼ି ସେ ଡଜର୍ ହାତରୁ ଦୀପଟା ନେଇ ଅଲିଭର୍‌ର ଗୋଡ଼ଠାରୁ

ମୁଣ୍ଡୁଯାଏ ଗୁହିଁଗଲା । ଏଣେ ଫଗିନ୍ ମୁଣ୍ଡରୁ ଟୋପିଟା କାଢ଼ିଦେଇ ଅଲିଭର୍‌କୁ ଥଟ୍ଟା କରି ବାରମ୍ବାର ନମସ୍କାର କଲା । ଅଲିଭର୍ କଅଣ କରିବ, କଅଣ ଅବା କହିବ, କିଛି ସ୍ଥିର କରିପାରୁ ନ ଥାଏ । ଡଜର୍‌ର ପ୍ରକୃତି ବଡ଼ ଅଦ୍ଭୁତ । ତାର କାମବେଳେ କାମ ହସବେଳେ ହସ । ସେ ଅଲିଭର୍‌ର ପକେଟରେ ହାତ ପୂରାଇ କଅଣ ଅଛି ଦେଖିବାରେ ଲାଗିଲା ।

ବେଟସ ଦୀପ ଧରି ଅଲିଭର୍‌ର ପୋଷାକଟାକୁ ଭଲ କରି ଦେଖିଲା । ଦୀପଟା ଆଉ ଟିକିଏ ପାଖକୁ ନେଇଥିଲେ ତାର କୋଟ୍‌ରେ ନିଆଁ ଲାଗିଯାଇଥାନ୍ତା । କିଛି ସମୟ ନିରେଖି ଦେଖିବା ପରେ ସେ କହିଲା, "ଆରେ ବାଃ ବାଃ ! କେମିତି ସରୁ ରେଶମୀ ପୋଷାକ ! ପୁଣି କେମିତି ଫେଶନରେ ତିଆରି ! ସାବାସ୍ ! ଆରେ ଏ ପୁଣି କଅଣ ? ବହିଗୁଡ଼ାଏ ତ ! ଅଲିଭର୍ ଗୋଟାଏ ପୂରା ଭଦ୍ରଲୋକ ହୋଇଗଲାଣି । ସାବାସ୍, ସାବାସ୍ ! ଫଗିନ୍ ଅଜା, ମିଷ୍ଟର ଅଲିଭର୍ ଟୁଇଷ୍ଟଙ୍କୁ ଦେଖିବ ଆସ !"

ଫଗିନ୍ ବିଦ୍ରୂପ କରି ଅଲିଭର୍‌କୁ ନମସ୍କାର କରୁ କରୁ କହିଲା, "ତୁମକୁ—ନା ନା ଆପଣଙ୍କୁ ଦେଖି ବଡ଼ ଖୁସି ହେଲି । ଡଜର୍ ଆଉ ଗୋଟାଏ ପୋଷାକ ଆଣି ଆପଣଙ୍କୁ ପିନ୍ଧାଇଦେବ । ଯାନଯାହାକୁ ପିନ୍ଧି ଯିବାପାଇଁ ଏ ପୋଷାକ ଯୋଗ୍ୟ ସିନା । ବୃଥା ମଇଳା କରିବେ କାହିଁକି ? ଆପଣ ଯେ ଆସିବା ହେଉଛନ୍ତି, ଆଗରୁ ଜଣା କରିଥିଲେ ହଜୁରଙ୍କ ପାଇଁ ଗରମାଗରମ ଖାନା ତିଆରି ହୋଇଥାନ୍ତା ।"

ଫଗିନର ଏହି ବ୍ୟଙ୍ଗବିଦ୍ରୂପପୂର୍ଣ୍ଣ କଥା ଶୁଣି ବେଟ୍‌ସ ହସି ହସି ଅସ୍ଥିର ହୋଇପଡ଼ିଲା । ଫଗିନ୍ ଟିକିଏ ଆନନ୍ଦ ବୋଧକଲା; କିନ୍ତୁ ଡଜର୍ ଯେ କାହିଁକି ହସିଲା, ତାହା ଠିକ୍ ବୁଝାଯାଇ ନ

ପାରେ । ସେ ଅଲିଭର୍‌ର ପକେଟ ଖୋଜୁ ଖୋଜୁ ପାଞ୍ଚ ପାଉଣ୍ଡର ନୋଟ ଖଣ୍ଡିକ ଦେଖିଲା । ଫଗିନ୍‌ର ବ୍ୟଙ୍ଗୋକ୍ତି ଅପେକ୍ଷା ଏହି ନୋଟ୍ ଖଣ୍ଡିକ ତାହାର ହସର କାରଣ ହୋଇଥିବା ବେଶି ସମ୍ଭବ ।

ଫଗିନ୍ ସଙ୍ଗେ ସଙ୍ଗେ ନୋଟ୍ ଖଣ୍ଡି ଧରି ପକାଇଲା । ଏଣେ ଶାଇକ୍‌ସ ବାହାରି ପଡ଼ି କହିଲା—ହାଁ ହାଁ, ଏ କଅଣ କରୁଛୁ ? ସେ ନୋଟ୍‌ଟା ପରା ମୋର ।

ଫଗିନ୍ କହିଲା, "ନାଇଁ ବାପ, ସେ ଖଣ୍ଡିକ ମୋର, ବହିତକ ତୋର ।"

ଅଲିଭର୍ କାନ୍ଦି କହିଲା, "ସେ ନୋଟ୍, ସେ ବହି ସବୁ ହେଉଛି ମିଷ୍ଟର ବ୍ରାଉନଲୋଙ୍କର । ତମ ଗୋଡ଼ତଳେ ପଡ଼ୁଛି, ସିଆକୁ ତାଙ୍କ ପାଖକୁ ପଠାଇଦିଅ; ନ ହେଲେ ସେ ଭାବିବେ ଯେ ମୁଁ ଚୋରିକରି ପଳାଇଛି ।"

ଫଗିନ୍ କଣେଇ କଣେଇ ଚାହିଁ କହିଲା, "ପିଲାଟା ଠିକ୍ ଅଛି । କଅଣ କହିଲା ନା—ସେ ଭାବିବେ, ମୁଁ ଚୋରି କରିଛି ।"

ଅଲିଭର୍ ବ୍ୟାକୁଳ ଭାବରେ ସମସ୍ତଙ୍କ ମୁହଁକୁ ଚାହିଁଲା, କିନ୍ତୁ କାହାରି ମୁହଁରେ ଲେଶମାତ୍ର ଦୟା ବା ସହାନୁଭୂତିର ଚିହ୍ନ ଦେଖି ପାରିଲା ନାହିଁ । ତେଣୁ ତାର ମୁକ୍ତି ପାଇବାର ଆଶା ଲୋପ ପାଇଗଲା । ସେ ହତାଶ ହୋଇ ଦ୍ୱାରପାଖକୁ ଦୌଡ଼ି ଆସିଲା । କିନ୍ତୁ କୁକୁରଟା ଭୁକି ଭୁକି ତାକୁ କାମୁଡ଼ିବାକୁ ବାହାରିଲା; କିନ୍ତୁ ନାନ୍‌ସି ତାକୁ ଅଟକାଇ ଅଲିଭର୍‌କୁ ରକ୍ଷାକଲା । ଏହା ସଙ୍ଗେ ସଙ୍ଗେ ଫଗିନ୍ ତାକୁ ବାଡ଼ିରେ ପାହାରେ ପିଟିବାରୁ ସେ ତଳେ ପଡ଼ିଗଲା । ସେ ଆଉ ପାହାରେ ପିଟିବାକୁ ଗଲାବେଳକୁ ନାନ୍‌ସି ବାଡ଼ିଟିକୁ ଫଗିନ୍ ହାତରୁ ଭିଡ଼ିନେଇ ଚୁଲିରେ ପୂରାଇଦେଇ

କହିଲା, "ପିଲାଟାକୁ ତୁ ମାରୁଥିବୁ; ମୁଁ ଠିଆ ହୋଇ ଦେଖୁଥିବି ? ନା, ତା ହେବ ନାହିଁ । ତୁ ତାକୁ ଆଉ ମାରିଲେ ମୁଁ ଯାହା କରିବାର କରିବି । ସେଥିପାଇଁ ଫାଶୀ ଖାଇଲେ ବି ମୋର ଚିନ୍ତା ନାହିଁ ।"

ଏହି ସମୟରେ ଶାଇକ୍‌ସ ନାନ୍‌ସିକୁ ଧମକ ଦେଇ କହିଲା, "ଚୁପ୍ କର । ନୋହିଲେ ତୋ ପ୍ରାଣ ନେବି । ଅଲିଭର୍ ପାଇଁ ତୋର ଏତେ ଦରଦ କାହିଁକି ?"

ନାନ୍‌ସି ଚୁପ୍ ନ ରହି କହିଲା, "ତମ କଥାରେ ମୁଁ ତାକୁ ଏଠିକି ଆଣିଲି । ବେଶ୍, ସେତକ ହେଲା ଏବେ ସେ ତୁମ ସାଥିରେ ରହି ମିଛୁଆ, ଚୋର, ଡକାଏତ ହେବ । ଏତକରେ କଣ ତୁମ ମନ ଶାନ୍ତ ହେଉ ନାହିଁ ଯେ ତାକୁ ମାରୁଛ ?"

ଫଗିନ୍ ଅବସ୍ଥା ବୁଝି ସମସ୍ତଙ୍କୁ ଶାନ୍ତ କରିବାକୁ କହିଲା, "କଳି କରିବାରେ ଦରକାର ନାହିଁ । ଅଲିଭର୍ ଆମ କଥାରେ ଚାଲିଲେ ହେଲା ।"

ନାନ୍‌ସି ରାଗିଯାଇ କହିଲା, "କଳି କରିବ ନାହିଁ ? କାହିଁକି ? ତୁ ପରା ମୋତେ ଚୋରିବିଦ୍ୟା ଶିଖାଇଥିଲୁ ? ତୋ ପାଇଁ ଆଜଯାଏ ଚୋରି କରୁଛି । ତୁ ମତେ ଆଣିଲାବେଳେ ମୋର ବୟସ ଅଲିଭର୍ ଠାରୁ ମଧ୍ୟ କମ୍ ଥିଲା ।"

ଫଗିନ୍—ଚୋରି କରୁଛୁ ସତ, କିନ୍ତୁ ସେଥିରେ ତ ତୁ ବଞ୍ଚିଛୁ । ଏ ତ ତୋର ବ୍ୟବସାୟ ।

ନାନ୍‌ସି—ମୁଁ ବଞ୍ଚିଛି, ଚୋରି ବ୍ୟବସାୟରେ ! ମୋର ଘର ହୋଇଛି ଟଳ ନର୍ଦ୍ଦମା । ତୋ ଘରର ଅଇଁଠା ହେଉଛି ମୋର ଆହାର । ଏ ଅବସ୍ଥା କିଏ କଲା ? ମୋତେ ତୁ କେଉଁ ମଲା ପର୍ଯ୍ୟନ୍ତ ଏଇପରି ରଖିବୁ ?

ଏହା କହି ସେ ରାଗରେ ଫଗିନ୍‌ର ମୁହଁକୁ ବାମ୍ପୁଡ଼ି ବଦାଇବାକୁ ବସିଲା । ଶାଇକ୍‌ସ ଗୋଟିଏ ପାହାରରେ ନାନ୍‌ସିକୁ ଅଚେତ କରି ତଳେ ପକାଇଦେଲା ।

ଏହି ଦିନଠାରୁ ନାନ୍‌ସି କେଜାଣି କାହିଁକି ଅଲିଭର୍‌କୁ ଭଲ ପାଇବାକୁ ଲାଗିଲା ଓ ତାକୁ ସାହାଯ୍ୟ କରିବାକୁ ଚେଷ୍ଟାକଲା ।

## ବାର

ଅଲିଭର୍‌ର କୌଣସି ଖବର ନ ପାଇ ମିଷ୍ଟର ବ୍ରାଉନ୍‌ଲୋ ବଡ଼ ଚିନ୍ତିତ ହୋଇ ପଡ଼ିଲେ । ଶେଷରେ ସେ ଲଣ୍ଡନର ଏକ ସମ୍ବାଦପତ୍ରରେ ଗୋଟିଏ ବିଜ୍ଞାପନ ଦେଲେ—ଅଲିଭର୍ ଟୁଇଷ୍ଟ ନାମକ ଗୋଟିଏ ଏଗାର ବାର ବର୍ଷର ବାଳକ ପେଣ୍ଟନଭିଲ୍‌ରୁ ଯାଇ କୁଆଡ଼େ ହଜିଯାଇଛି । କେହି ତାର ସମ୍ବାଦ ଦେଇ ପାରିଲେ ତାକୁ ପାଞ୍ଚ ପାଉଣ୍ଡ ପୁରସ୍କାର ଦିଆଯିବ ।

କୌଣସି କାର୍ଯ୍ୟରେ ମିଷ୍ଟର ବମ୍ବଲ୍ ଲଣ୍ଡନ ଆସିଥିଲେ । ଏହି ବିଜ୍ଞାପନଟି ତାଙ୍କ ଆଖିରେ ପଡ଼ିଲା । ସେ ପେଣ୍ଟନଭିଲକୁ ଯାଇ ମିଷ୍ଟର ବ୍ରାଉନ୍‌ଲୋଙ୍କ ସହିତ ଦେଖାକଲେ । ଅଲିଭର୍ ଟୁଇଷ୍ଟର ସମ୍ବାଦ ପାଇବାକୁ ମିଷ୍ଟର ବ୍ରାଉନ୍‌ଲୋ ଉତ୍କଣ୍ଠିତ ଥିଲେ । ତେଣୁ ସେ ପଚାରିଲେ, "କହନ୍ତୁ, ଅଲିଭର୍ ବର୍ତ୍ତମାନ କେଉଁଠି ? ତା ସମ୍ବନ୍ଧରେ ଆପଣ କଅଣ ଜାଣନ୍ତି ?"

ମିଷ୍ଟର ବମ୍ବଲ୍ ଅଲିଭର୍‌ର ଆଶ୍ରମରେ ରହିବା ବିଷୟ ବର୍ଣ୍ଣନା କରିଗଲେ । ସେଥିରେ ସେ ଅନେକ ମିଥ୍ୟା କଥା ଯୋଡ଼ି ପ୍ରମାଣ କରିବାକୁ ଗଲେ ଯେ ଅଲିଭର୍ ଗୋଟିଏ ଦୁଷ୍ଟ ସଇତାନ

ପିଲା । ଆଶ୍ରମର ଜଣେ ପଦସ୍ଥ କର୍ମଚାରୀ ଭାବରେ ସେ ଅଲିଭର୍‌କୁ ଭଲଭାବରେ ଜାଣିଥିବାର କହିଲେ । ଅଲିଭର୍‌ର ଚରିତ୍ରରେ ଯେ ଗୋଟାଏ ହେଲେ ଭଲ ଗୁଣ ଦେଖି ନ ଥିବାର ପ୍ରକାଶ କଲେ ।

ମିଷ୍ଟର ବ୍ରାଉନ୍‌ଲୋ ପାଞ୍ଚ ପାଉଣ୍ଡ ବଢ଼ାଇ ଦେଇ କହିଲେ, "ମିଷ୍ଟର ବମ୍ବଲ୍, ତୁମ କଥା ସତ ହୋଇପାରେ; କିନ୍ତୁ ମୋର ବିଶ୍ୱାସ ହେଉନାହିଁ । ଅଲିଭର୍‌ର କୌଣସି ଭଲ କାମ ତୁମଠାରୁ ଶୁଣିଥିଲେ ମୁଁ ଆହୁରି ପୁରସ୍କାର ଦେଇଥାନ୍ତି ।"

ମିଷ୍ଟର ବମ୍ବଲ୍ ବିଦାୟ ନେଇଗଲେ; କିନ୍ତୁ ତାଙ୍କ ମନରେ ଦୁଃଖ ହେଲା, ସେ ଅଲିଭର୍‌ର ନିନ୍ଦା ଗାଇ ନିଜର କ୍ଷତି କଲେ ।

ମିଷ୍ଟର ବ୍ରାଉନ୍‌ଲୋ ମିସେସ୍ ବେଡୁଇନ୍‌ଙ୍କୁ ଡାକି କହିଲେ, "ଯେଉଁ ଅଲିଭର୍ ପଳାଇଗଲା, ସେ ଗୋଟିଏ ଠକ । ବାହାରୁ ସେ ଯେପରି ମନେ ହୁଏ, ପ୍ରକୃତରେ ସେ ସେପରି ନୁହେଁ ।"

ମିସେସ୍ ବେଡୁଇନ୍—ନା, ସେ କଦାପି ସେପରି ହୋଇ ନ ପାରେ ।

ମିଷ୍ଟର ବ୍ରାଉନ୍‌ଲୋ—ମୁଁ ଠିକ୍ କରି ଜାଣେ, ତାର ସ୍ୱଭାବ ଭଲ ନୁହେଁ ।

ମିସେସ୍ ବେଡୁଇନ୍—ଆପଣ କିପରି ଜାଣିଲେ ?

ମିଷ୍ଟର ବ୍ରାଉନ୍‌ଲୋ—ବର୍ତ୍ତମାନ ଜଣେ ଭଦ୍ରଲୋକ ଆସିଥିଲେ । ତାଙ୍କଠାରୁ ଯାହା ଶୁଣିଲି, ସେଥିରୁ ଜଣାଗଲା ଯେ ଅଲିଭର୍ ଜନ୍ମରୁ ଖରାପ । ଏଠାକୁ ଆସିବାଯାଏ ସେ କେବଳ ମନ୍ଦ କାର୍ଯ୍ୟ କରିଆସିଛି ।

ମିସେସ୍ ବେଡୁଇନ୍—ଆପଣ ଯେତେ କହିଲେ ସୁଦ୍ଧା ମୁଁ ବିଶ୍ୱାସ କରି ପାରିବି ନ ଯେ ଅଲିଭର୍ ଖରାପ ପିଲା; ସେ ଆମକୁ ଠକି ଚାଲିଯାଇଛି ।

ମିଷ୍ଟର ବ୍ରାଉନ୍‌ଲୋ—ତୁମ ଭଳି ବୁଢ଼ୀମାନେ ଖାଲି ଗଳ୍ପବାହାର କଥାକୁ ବିଶ୍ୱାସ କରନ୍ତି; ଆଉ କିଛି ବିଶ୍ୱାସ କରନ୍ତି ନାହିଁ । ତୁମେ ଦେଖିଲ, ପିଲାଟା ରୋଗରେ ପଡ଼ିଛି; ତା ପ୍ରତି ତୁମର ସ୍ନେହ ଆସିଲା । ଏତିକିରୁ ତୁମେ ଧରିନେଲ ଯେ ସେ ସରଳ, ବିଶ୍ୱାସୀ, ଶାନ୍ତ, ଶିଷ୍ଟ ।

ମିସେସ୍ ବେଡୁଇନ୍ ଅଲିଭର୍‌ର ଚରିତ୍ର ସପକ୍ଷରେ ଆହୁରି କିଛି କହିବାକୁ ଯାଉଥିଲେ । ମାତ୍ର ମିଷ୍ଟର ବ୍ରାଉନ୍‌ଲୋ ତାଙ୍କୁ କହିବାକୁ ନ ଦେଇ ନିଜେ କହିଲେ, "ମିସେସ୍ ବେଡୁଇନ୍, ତୁମର ଅଲିଭର୍ ବିଷୟରେ ଯାହା କିଛି ମତ ହେଉ, ମୁଁ ଆଉ ତାର ନାମ ମଧ୍ୟ ଶୁଣିବାକୁ ଚାହେଁ ନାହିଁ । ତୁମକୁ ସାବଧାନ କରିଦେଉଛି, ଆଜିଠାରୁ ତା ବିଷୟରେ ତୁମେ କିଛି କହିବ ନାହିଁ ।"

ମିସେସ୍ ବେଡୁଇନ୍ ବିଦାୟ ନେଇ ଗଲେ ।

ପେଣ୍ଟନଭିଲ୍‌ରେ ଏହି ଦୁଃଖଜନକ ଘଟନା ଘଟୁଥିଲା-ବେଳେ ତେଣେ ଫଗିନ୍‌ର ଘରେ ଅଲିଭର୍ ଦୁଃଖରେ ମର୍ମାହତ ହୋଇ ମିଷ୍ଟର ବ୍ରାଉନ୍‌ଲୋ ଓ ମିସେସ୍ ବେଡୁଇନଙ୍କର ଦୟା ଓ ସ୍ନେହ ମନେପକାଉଥିଲା ।

## ତେର

ଦ୍ୱିତୀୟ ଥର ଧରା ପଡ଼ିବା ପରେ ଅଲିଭର୍ କେତେ ଦିନ ଯାଏ ବନ୍ଦୀ ହୋଇ ରହିଲା । ଫଗିନ୍ ଓ ତାର ସାଥୀମାନେ ଅଲିଭର୍‌କୁ ଘର ଭିତରେ ରଖି ବାହାରୁ ତାଲା ପକାଇ ଦିଅନ୍ତି ।

ଡଜର୍ ଓ ଅନ୍ୟ ପିଲାମାନେ ପ୍ରତିଦିନ ଚୋରି କରିବାକୁ ଯାଆନ୍ତି । ଦିନେ ଦିନେ ନିଜେ ଫଗିନ୍ ଚୋରି ବା ଡକାୟତି କରିବାକୁ ବାହାରିଯାଏ ।

ଫଗିନ୍ ଥିଲା ଏହି ଚୋରଦଳଙ୍କର ସରଦାର୍ । ସେ ସେମାନଙ୍କୁ ଚୋରିବିଦ୍ୟା ଶିକ୍ଷା ଦେଉଥିଲା । ଚୋରି ଡକାୟତି ବିଷୟରେ ଦଳର ଲୋକଙ୍କୁ ପରାମର୍ଶ ଦେଉଥିଲା । ସେମାନେ ଯାହା ଚୋରିକରି ଆଣୁଥିଲେ, ସବୁ ଫଗିନ୍‌କୁ ଦେଉଥିଲେ । ଫଗିନ୍ ସେଥିରୁ ନିଜ ଭାଗ ରଖି ଅବଶିଷ୍ଟ ଚୋରି ଜିନିଷ ଦଳର ଲୋକଙ୍କ ଭିତରେ ବାଣ୍ଟି ଦେଉଥିଲା ।

ଦିନେ ଫଗିନ୍ ପିଲାମାନଙ୍କୁ ତାର ବାହାଦୁରି କହୁଥାଏ । ଅଲିଭର୍ ଦେଖିଲା, ତା ଟପ ଭିତରେ ନାନା ଅସମ୍ଭବ ମିଛକଥା କହୁଛି । ଏତେ କଷ୍ଟରେ ଥିଲେ ହେଁ ତାକୁ ହସ ମାଡ଼ିଲା । ଫଗିନ୍ ଏହା ଦେଖି ଭାବିଲା—ଚୋରି କଥା ଶୁଣି ଅଲିଭର୍ ହସିଲାଣି । ତାର ମନ ବଦଳିଛି । ସେ ଆମ ଦଳରେ ରହି ଚୋରି କରିବାକୁ ରାଜି ହେବ ।

କେତେ ଦିନ ହେଲା ଫଗିନ୍‌ର ମଙ୍କସ୍ ବୋଲି ଜଣେ ଲୋକ ସଙ୍ଗରେ ଖୁବ୍ ଭାବ ହୋଇଥାଏ । ମଙ୍କସ୍‌ର ଇଚ୍ଛା ସେ ଗୋଟିଏ ପିଲାର ସର୍ବନାଶ କରିବ । ଏ ପିଲାକୁ ଖୋଜି ତାକୁ ଚୋରି ଡକାୟତିରେ ପୂରାଇ ଦେଲେ ହୁଏତ ତାର ଜେଲ୍ ହେବ ବା ତାକୁ ଦେଶରୁ ତଡ଼ି ଦିଆଯିବ । ଫଗିନ୍ ଏହା କରାଇ ପାରିଲେ ମଙ୍କସ୍ ତାକୁ ବହୁତ ଧନ ଦେବ ବୋଲି ଲୋଭ ଦେଖାଇଲା । ଫଗିନ୍‌ର ମଧ୍ଯ ସନ୍ଦେହ ହେଲା, ସେ ପିଲାଟି ଅଲିଭର୍ ଛଡ଼ା ଅନ୍ୟ କେହି ନୁହେଁ । ଅଲିଭର୍‌କୁ ଗୋଟାଏ ଡକାୟତିରେ ପୂରାଇ ଦେଲେ ବହୁତ ଧନ ମିଳିବ ବୋଲି ଫଗିନ୍ ଆଶାକଲା ।

ଥରେ ଗୋଟିଏ ଡକାୟତିର ପରାମର୍ଶ ହେଲା । ଶାଇକ୍‌ସ ଏହି ଡକାୟତିରେ ନେତା ହେବାର ସ୍ଥିର କରାଗଲା । ଯେଉଁ ଘରେ ଡକାୟତି କରିବାର କଥା ହେଲା, ତାହା ଲଣ୍ଡନ ନିକଟ ଚେଟସି ନାମକ ସ୍ଥାନରେ ଓ ସେ ଘରଟି ହେଉଛି ଜଣେ ଧନୀ ମହିଳାଙ୍କର ।

ଏହି ଡକାୟତି ବିଷୟରେ ସବୁ ବନ୍ଦୋବସ୍ତ କରିବାପାଇଁ ଦିନେ ରାତିରେ ଫଗିନ୍ ଶାଇକ୍‌ସର ଘରକୁ ଗଲା । ନାନ୍‌ସି ସେତେବେଳକୁ ସେଠାରେ ଥିଲା । ଫଗିନ୍ ଓ ଶାଇକ୍‌ସ କଥାବାର୍ତ୍ତାରେ ଲଗିଲେ । ନାନ୍‌ସି ମଦ ଆଣି ଦୁହିଁଙ୍କୁ ପିଇବାକୁ ଦେଲା ।

ଫଗିନ୍—ଚେଟସି କଥା କଅଣ ହେଲା ? କେଉଁ ଦିନ କାମ ହେବ ?

ଶାଇକ୍‌ସ—ତୋର ସେ କଥା ଭାବିବା ଦରକାର ନାହିଁ । ଆମେ କାମ କରିଦେଲେ ହେଲା । ତୁ ଆମକୁ ଗୋଟାଏ ଛୋଟ ପିଲା ଆଣି ଦେ ।

ଫଗିନ୍, ଶାଇକ୍‌ସ ଓ ନାନ୍‌ସି ସମସ୍ତେ ମୁହଁ ଚୁହାଁଚୁହିଁ ହେଲେ । ସମସ୍ତେ ଅଲିଭର୍‌କୁ ଏ କାମ ପାଇଁ ଉପଯୁକ୍ତ ମନେ କରୁଥିଲେ । ନାନ୍‌ସି କହିଲା, "ଫଗିନ୍, ତୁମେ ଅଲିଭର୍‌କୁ ଶାଇକ୍‌ସ ସାଥିରେ ଦେବାକୁ ମନେ କରୁଛ ?"

ଫଗିନ୍—ବେଶ୍, ତୁ ସେଇପରି ସୁଲକ୍ଷଣ ବୋଲି ମୋ ମନ କଥା ଜାଣିପାରିଲୁ । ହଁ, ମୁଁ ଅଲିଭର୍‌କୁ ପଠାଇବାକୁ ସ୍ଥିର କରିଛି । ତାକୁ ଯାହା କହିବ ସେ କରିବ । ମୋ ଶିକ୍ଷାରେ ସେ ବଦଳିଯାଇଛି । ଥରେ ସେ ଏ କାମ କରୁ; ତେଣିକି ସେ କାଳକଯାକ ଆମର ହେଲା ବୋଲି ଜାଣ ।

ଏହା କହି ଫଗିନ୍ ହସିବାକୁ ଲାଗିଲା । ଶାଇକ୍ସର ମନରେ ସନ୍ଦେହ ହେଲା । ଅଲିଭର୍‌କୁ ଦଳରେ ପୂରାଇବା ପାଇଁ ଫଗିନ୍‌ର ଏତେ ଆଗ୍ରହ କାହିଁକି ସେ ଏହାର କାରଣ ବୁଝିବାକୁ ସ୍ଥିର କଲା । ତିନିହେଁ ଡକାୟତିର ପ୍ରତ୍ୟେକ କଥା ବିଚାର କଲେ । ଗୋଟିଏ ଦିନ ସ୍ଥିର ହେଲା । ସେ ଦିନ ଅମାବାସ୍ୟା ତିଥି । ଅନ୍ଧାରପକ୍ଷରେ ଡକାୟତି କରିବା ସୁବିଧା ।

ଫଗିନ୍ ନିଜ ଘରକୁ ଫେରିଗଲା । ସେତେବେଳକୁ କେବଳ ଡଜର୍ ଫଗିନ୍‌କୁ ଅପେକ୍ଷା କରି ରହିଥିଲା । ଅନ୍ୟମାନେ ଶୋଇ-ପଡ଼ିଥିଲେ ।

ଘରେ ପହଞ୍ଚିବା ମାତ୍ରେ ଫଗିନ୍ ପଚାରିଲା, "ଡଜର୍, ଅଲିଭର୍ କଅଣ କରୁଛି ? ତା ସାଥିରେ ମୋର ଗୋଟାଏ ଜରୁରୀ କଥା ଅଛି ।"

ଡଜର କବାଟ ଖୋଲି ଅଲିଭର୍‌କୁ ଦେଖାଇ କହିଲା, "ସେ ଅନେକ ବେଳୁ ଶୋଇପଡ଼ିଲାଣି ।" ଭୂଇଁ ଉପରେ ଅଲିଭର୍ ଶୋଇଛି । ତାର ମୁହଁରେ ତେଜ ନାହିଁ । ମଡ଼ା ପରି ଦିଶୁଛି । ଘରୁ ଗୋଟାଏ ଦୁର୍ଗନ୍ଧ ବାହାରୁଛି । ତଥାପି ତା ମୁହଁ ଦେଖିଲେ ମନେହେବ, ପିଲାଟି ସରଳ, ନିରୀହ; ପାପର କାଳିମା ତାର ଅନ୍ତରକୁ ସ୍ପର୍ଶ କରିନାହିଁ ।

ଚୋରର ସରଦାର ଫଗିନ୍ ଏତେ ନିର୍ଦ୍ଦୟ, ଦୁର୍ଦ୍ଦାନ୍ତ ହେଲେହେଁ ଅଲିଭର୍ ମୁହଁକୁ ଚାହିଁଲା । ତାକୁ ନିଦରୁ ଉଠାଇବାକୁ ତାର ସାହସ ହେଲାନାହିଁ । ସେ ଭାବିଲା, ଥାଉ, କାଲି ସକାଳେ କହିଲେ କଅଣ ଚଳିବ ନାହିଁ ।

## ଚଉଦ

ପରଦିନ ସକାଳେ ଫଗିନ୍ ଅଲିଭର୍‌କୁ କହିଲା ଯେ ରାତିରେ ତାକୁ ଶାଇକ୍‌ସ ଘରକୁ ଯିବାକୁ ହେବ । ଅଲିଭର୍ ଏଥିର କାରଣ ବୁଝି ନ ପାରି ପଚାରିଲା, "ମୁଁ କଅଣ ସେଇଠାରେ ରହିବି ?" ଫଗିନ୍ ଆଦର ଦେଖାଇ ଉତ୍ତର କଲା, "ନା ନା, ସେଠି କଅଣ ସବୁଦିନ ରହିବୁ ? ଆମେ ତୋତେ ଛାଡ଼ିଦେବୁ କାହିଁକି ? ତୋର ସେପରି ଭୟ କରିବାର କାରଣ ନାହିଁ । ଦିନେ ଦୁଇଦିନ ସେଠାରେ ରହି ପୁଣି ମୋ ପାଖକୁ ଆସିବୁ ।"

ଅଲିଭର୍ ମନଦୁଃଖରେ ତା କୋଠରିରେ ପଡ଼ିଥାଏ । ସନ୍ଧ୍ୟାବେଳକୁ କିଏ ଜଣେ ତା କବାଟରେ ହାତ ମାରିବାରୁ ଅଲିଭର୍ କହିଲା, "କିଏ ?" ଜଣେ ସ୍ତ୍ରୀଲୋକ ଘର ଭିତରକୁ ପଶିଆସି କହିଲା, "ଡରିଗଲୁ କି ? ମୁଁ ପରା ନାନ୍‌ସି !" ଏହା କହି ସେ ଗୋଟାଏ ଭଙ୍ଗା ଚଉକି ଉପରେ ବସିପଡ଼ିଲା ।

ତାର ମୁହଁ ଏକବାରେ ଶୁଖିଯାଇଥାଏ । ଅଲିଭର୍ ମନେ-କଲା, ନାନ୍‌ସିର ଦେହ ଖରାପ ଅଛି । କିଛି ସମୟ ପରେ ନାନ୍‌ସି କାନ୍ଦି କାନ୍ଦି ହୋଇ କହିଲା, "ଈଶ୍ୱର ମୋତେ କ୍ଷମା କରନ୍ତୁ । ଏପରି ହେବ ବୋଲି ମୁଁ ଆଦୌ ଭାବି ନ ଥିଲି । ଅଲିଭର୍, ମୁଁ ତୋତେ ଶାଇକ୍‌ସ ଘରକୁ ନେବା ପାଇଁ ଆସିଛି । ଆ, ଯିବା ।" ଏହା କହି ସେ ଚଉକିରୁ ଉଠିଲା ।

ଅଲିଭର୍—ସେଠିକି କାହିଁକି ଯିବା ?

ନାନ୍‌ସି—ଓଃ, ସେଥିରେ ତୋର କିଛି କ୍ଷତି ନାହିଁ ।

ଅଲିଭର୍—ତୋ କଥାରେ ମୋର ବିଶ୍ୱାସ ହେଉନାହିଁ । ସତକଥା କହ ।

ନାନ୍ସି—ତୋର କ୍ଷତି ନାହିଁ ବୋଲି କହିଲି । ଯଦି ତା ନ ହେଲା, ତେବେ ତୋର ଲାଭ ବି ନାହିଁ ।

ଅଲିଭର୍ ବିସ୍ମିତ ହୋଇ ତା ମୁହଁକୁ ଚାହିଁଲା । ନାନ୍ସି ମଧ୍ୟ ତା ଆଡ଼କୁ ଚାହିଁ କୋମଳ ସ୍ୱରରେ କହିଲା, "ଅଲିଭର, ତୁ ଚୁପ୍ କରି ରହ । ମୁଁ ନିଜେ ତୋତେ ନେଇ ଶାଇକ୍ସ ଘରେ ପହଞ୍ଚାଇ-ଦେଲେ ତୁ ମାଡ଼ରୁ ରକ୍ଷା ପାଇଯିବୁ । ମୋ ସାଥିରେ ନ ଗଲେ କେବଳ ତୋର କ୍ଷତି ହେବ, ହୁଏତ ତୋର ପ୍ରାଣ ଯିବ । ସେମାନଙ୍କ କଥା ଅନୁସାରେ କାମ କରୁଥିବା ଯାଏ ତୋର ବିପଦ ନାହିଁ । ମୁଁ ତୋତେ ସାହାଯ୍ୟ କରିବାକୁ ଚାହେଁ । କିନ୍ତୁ ମୋର ସେ ଶକ୍ତି ନାହିଁ । ଆ, ମୋ ହାତ ଧରି ଚାଲିଆ ।"

ଅଲିଭର୍ ନିରୁପାୟ ହୋଇ ନାନ୍ସିର ହାତ ଧରି ରାସ୍ତାକୁ ଚାଲିଗଲା । ସେ ସେଠାରେ ଚିତ୍କାର କରିବାକୁ ଭାବିଥିଲା; କିନ୍ତୁ ନାନ୍ସି କହିଲା, "ସାବଧାନ ! ପାଟି କଲେ ତୋର ଭୟାନକ ବିପଦ ଘଟିବ । ମୋ କଥା ମାନି ଚାଲ ।"

ନାନ୍ସି ଅଲିଭର୍‌କୁ ନେଇ ପହଞ୍ଚିବାରୁ ଶାଇକ୍ସ ଖୁବ୍ ଖୁସି ହୋଇଗଲା । ତିନିହେଁ ଏକାଠି ବସି ଖାଇଲେ । ତାହା ପରେ ଶାଇକ୍ସ ଡକାୟତି ପାଇଁ ପ୍ରସ୍ତୁତ ହେବାକୁ ଲାଗିଲା । ସେ ଡକାୟତିର ହାତହତିଆର ସବୁ ଆଣି ଅଲିଭର୍‌କୁ ଦେଖାଇଦେଲା । ଶେଷରେ ଗୋଟିଏ ପିସ୍ତଲ ବାହାର କରି ତାକୁ ଅଲିଭର୍‌ର ମୁଣ୍ଡ ପାଖରେ ରଖି କହିଲା, "ତୁ ମୋ ସାଥିରେ ଗଲାବେଳେ ଯେବେ ଅନ୍ୟ କାହାକୁ ଡାକୁ କି ମୋ କଥା ନ ମାନୁ, ତେବେ ଏଇ ପିସ୍ତଲର ଗୁଳିରେ ତୋର ମୁଣ୍ଡ ଉଡ଼ାଇଦେବି । ବୁଝିଲୁ ?"

ନାନ୍ସି କଥାଟା ବୁଝାଇଦେଇ କହିଲା, "ସେମାନେ ଯାହା କରିବାକୁ କହିବେ, ତୁ ଠିକ୍ ସେହିପରି କରିବୁ । ତା ନ ହେଲେ

କାଳେ ତୁ ସେମାନଙ୍କ କଥା ପ୍ରକାଶ କରିଦେବୁ ବୋଲି ତୋତେ ପିସ୍ତଲରେ ମାରିପକାଇବେ, ବୁଝିଲୁ ?"

ଅଲିଭର୍ ଦୁହିଁଙ୍କ ମୁହଁକୁ କେବଳ ଚାହିଁ ରହିଲା ।

## ପନ୍ଦର

ରାତି ଭୋରବେଳକୁ ଶାଇକ୍ସ ଅଲିଭର୍‌କୁ ନିଦରୁ ଉଠାଇ କହିଲା, "ଏବେ, ଚାଲ୍ ଯିବା ।" ଅଲିଭର୍ ବାଧ୍ୟ ପିଲାଟି ପରି ଶାଇକ୍ସ ସଙ୍ଗେ ଯିବାକୁ ବାହାରିଲା । ସଦର ରାସ୍ତାରେ କିଛି ଦୂର ଯିବା ପରେ ଶାଇକ୍ସ ଅଲିଭର୍‌ର ହାତକୁ ଧରି କହିଲା, "ଅନେକ ଦୂର ଯିବାକୁ ହେବ । ଗୋଡ଼ ଚଞ୍ଚଳ ପକା ।"

ପ୍ରକୃତରେ ଚେଟସି ସେଠାରୁ ବହୁତ ଦୂର । ଅଲିଭର୍ ଚାଲି ଚାଲି କ୍ଳାନ୍ତ ହୋଇଥିଲା । ଚାଲୁ ଚାଲୁ ସନ୍ଧ୍ୟା ହୋଇଗଲା । ଅନ୍ଧାର ମାଡ଼ିଆସିଲା । ଏହି ସମୟରେ ସେ ଦୁହେଁ ଗୋଟିଏ ପୁରୁଣା ଭଙ୍ଗା କୋଠାଘର ପାଖରେ ପହଞ୍ଚିଲେ । କୋଠାଟି ଏକୁଟିଆ, ନିର୍ଜନ ଜାଗାରେ । ଶାଇକ୍ସ ବନ୍ଦୋବସ୍ତ କରିଥିଲା ଯେ ଆହୁରି କିଛି ହାତହତିଆର ଆଣି ଟବି ଏଇଠାରେ ତା ସଙ୍ଗେ ମିଶିବ । ବାର୍ଣ୍ଣେ ବୋଲି ଦଳର ଆଉ ଜଣେ ଲୋକ ମଧ୍ୟ ଏଇଠାରେ ଥିଲା । ସେ ଚୋରି କରିବାକୁ ଯିବ ନାହିଁ; କିନ୍ତୁ ଶାଇକ୍ସ ଓ ଟବି ଚୋରି କରି ଯାହା ଆଣିବେ ତାହା ବାର୍ଣ୍ଣେଙ୍କ ହାତକୁ ବଢ଼ାଇଦେବେ । ଏଇଠାରେ ସମସ୍ତେ ଖାଇଲେ ଓ କିଛି କିଛି ମଦ ପିଇ ଶୋଇପଡ଼ିଲେ । ଠିକ୍ ରାତି ଅଧବେଳକୁ ଶାଇକ୍ସ ଓ ଟବି ଅଲିଭର୍‌କୁ ସଙ୍ଗରେ ନେଇ ଚାଲିଲେ । କିଛି ସମୟ ଚାଲିବା ପରେ

ସେମାନେ ଗୋଟିଏ ବଡ଼ କୋଠାଘର ପାଖେ ପହଞ୍ଚିଲେ । ଘର ଗୁରପାଖେ ଗୋଟିଏ ପାଚେରି । ଶାଇକ୍ସ ଓ ଟେବ ପାଚେରି ଉପରକୁ ଚଢ଼ି ଯାଇ ଅଲିଭର୍‌କୁ ସେଠାକୁ ଟେକିନେଲେ ।

ଏଥି ମଧ୍ୟରେ ଅଲିଭର୍ ଭୟରେ ଜଡ଼ ହୋଇଯାଇଥିଲା । ତାକୁ କାହିଁକି ସାଥିରେ ଅଣାଯାଇଛି, ସେ କଥା ସେ ଅନୁମାନ କରିପାରୁଥିଲା । ଭୟରେ ସେ ଥରି ଥରି ତଳେ ପଡ଼ିଯାଉଥିଲା । ଶାଇକ୍ସ ତାକୁ ଧରିପକାଇ ତା କାନ ପାଖରେ କହିଲା, "ଠିଆ ହୋ, ନ ହେଲେ ଏଇ ପିସ୍ତଲରେ ତୋ ମୁଣ୍ଡ ଉଡ଼ାଇ ଦେବି ।"

ଅଲିଭର୍ କହିଲା, "ତମକୁ ଠାକୁରଙ୍କ ରାଣ, ମୋତେ ଛାଡ଼ିଦିଅ । ମୁଁ ପଳେଇ ଯାଏଁ । ସେଠି ପଡ଼ି ମରିବି ପଛକେ, ମୁଁ ଚୋରି କରିପାରିବି ନାହିଁ ।"

ଶାଇକ୍ସ ତା ମୁଣ୍ଡରେ ପିସ୍ତଲ ଲଗାଇ ଘୋଡ଼ା ଟିପିବାକୁ ଯାଉଥିଲା; ଏଇ ସମୟରେ ଟେବ ପିସ୍ତଲଟା ଛଡ଼ାଇ ନେଲା ଓ ଅଲିଭର୍ ମୁହଁରେ ହାତ ଦେଇ ତାକୁ ଘର ପର୍ଯ୍ୟନ୍ତ ଟାଣିନେଲା । ସମସ୍ତେ ଘରର ଗୋଟିଏ ଝରକା ପାଖେ ଛିଡ଼ା ହେଲେ । ଝରକାଟି ପ୍ରାୟ ପାଞ୍ଚଫୁଟ ଉଚ୍ଚରେ ।

ଶାଇକ୍ସ କହିଲା, "ଦେଖ୍ ଅଲିଭର୍, ମୁଁ ତୋତେ ଟେକି ଝରକାବାଟେ ଗଳାଇଦେବି । ଝରକା ଆରପାଖେ କେତୋଟି ପାହାଚ ଅଛି । ପାହାଚ ଯିବା ପରେ ଗୋଟିଏ ବାରଣ୍ଡା ପଡ଼ିବ । ସେଇ ବାରଣ୍ଡାରେ ଗଲେ ଯେଉଁ କବାଟ ପଡ଼ିବ, ତାର ଜଞ୍ଜିର ଫିଟାଇଦେବୁ । ଗୋଟାଏ ଆଲୁଅ ନେ ।" ଏହା କହି ସେ ଗୋଟିଏ ଛୋଟ ଲଣ୍ଠନ ଲଗାଇ ଅଲିଭର୍ ହାତକୁ ଦେଲା । ତପରେ ସେ କହିଲା, "ଯାହା କହିଲି ମନେ ରହିଲା ତ ! ଏବେ ଯାଆ ।" ଟେବ ନଇଁପଡ଼ିଲା । ଶାଇକ୍ସ ଅଲିଭର୍‌କୁ ଧରି ତା ପିଠିରେ ଛିଡ଼ା

ହେଲା ଓ ଝରକାବାଟେ ତାକୁ ଗଳାଇ ଦେଲା ।

ଅଲିଭର୍ ଝରକା ଆରପାଖେ ପହଞ୍ଚିଲାକ୍ଷଣି ଭାବିଲା—ଏଡ଼େ ପାପକାର୍ଯ୍ୟ କରିବ ନାହିଁ । ମଲେ ପଛେ ମରିବ, ମୁଁ ଶିଡ଼ିରେ ଉଠି ଶୋଇବାଘର ଲୋକମାନଙ୍କୁ ଡାକି ପକାଇବ । ଏହିପରି ବିଚାରି ସେ ସିଡ଼ି ଉପରକୁ ଉଠିବାକୁ ଆରମ୍ଭ କଲା । ଏଇ ସମୟରେ ଶାଇକ୍‌ସ ଡାକିଲା, "ଫେରିଆ ଫେରିଆ" । ଏହା ଶୁଣିଲା କ୍ଷଣି ଭୟରେ ଅଲିଭର୍ ହାତରୁ ଲଣ୍ଠନଟା ଖସି ତଳେ ପଡ଼ିଗଲା । ସେ ଆଗକୁ ଯିବ କି ପଛକୁ ଫେରିବ ଠିକ୍ କରିପାରିଲା ନାହିଁ । ଏହି ସମୟରେ ପାଟି ଶୁଣାଗଲା ଶିଡ଼ି ଉପରେ ଆଲୁଅ ଦେଖାଗଲା । ଅଲିଭର୍ ଶିଡ଼ିରେ ଦୁଇ ଜଣ ଲୋକଙ୍କୁ ଦେଖି ପାରିଲା । ଗୋଟାଏ ଘୋର ଶବ୍ଦ ଶୁଣାଗଲା; ଚାରିଆଡ଼ ଧୂଆଁମୟ ହୋଇଗଲା । ଅଲିଭର୍ ବାହୁରେ ଖୁବ୍ ଯନ୍ତ୍ରଣା ଅନୁଭବ କଲା । ସେ ଆସି ଝରକାତଳ କାନ୍ଥପାଖରେ ପଡ଼ିଗଲା । ସାଇକ୍‌ସ ଝରକାବାଟେ ନଇଁପଡ଼ି ଅଲିଭର୍‌ର କୋଟ୍‌କୁ ଧରିଲା ଓ ଶିଡ଼ି ଉପରର ଲୋକ ଦୁହିଁଙ୍କୁ ଲକ୍ଷ କରି ପିସ୍ତଲ ଫୁଟାଇଲା । ସଙ୍ଗେ ସଙ୍ଗେ ସେ ଅଲିଭର୍‌କୁ ଟେକି ଝରକାବାଟେ ବାହାରକୁ ନେଇଆସିଲା । ଟବିକୁ ସେ କହିଲା, "ଚଞ୍ଚଳ ମତେ କଅଣ ଦେଲୁ, ମୁଁ ତା ହାତରେ ଗୁଡ଼ାଇଦିଏଁ । ଗୁଳି ବାଜି ତା ହାତରୁ ରକ୍ତ ବୋହିଯାଉଛି ।

ଏହାପରେ ଘଣ୍ଟା ବାଜିବାର ଶବ୍ଦ ଶୁଣାଗଲା । ଲୋକେ ପାଟି କରୁଥିବାର ଜଣାଗଲା । ଅଲିଭର୍ ଅନୁଭବ କଲା ଯେ ତାକୁ କେହି କୁଆଡ଼େ ଟେକି ନେଉଛି । କିଛି ସମୟ ପରେ ତାର ଚେତା ବୁଡ଼ିଗଲା । ଏହାପରେ କଅଣ ହେଲା, ସେ କିଛି ଜାଣି ପାରିଲା ନାହିଁ ।

ଶାଇକସ୍ କିଛି ଦୂରଯାଏ ଅଲିଭର୍‌କୁ ଟେକି ନେଇ ଯିବା

ପରେ ବହୁତ ଲୋକ ଆଲୁଅ ଘେନ ଗୃହଆଡ଼କୁ ଆସୁଥିବାର ଦେଖି ଗୋଟାଏ ଖାଲ ଜାଗାରେ ତାକୁ ପକାଇ ତା ଉପରେ ନିଜର କୋଟଟା ଘୋଡ଼ାଇଦେଲା ଓ ନିଜେ ଦୌଡ଼ି ପଳାଇଗଲା ।

ଗୃହକର ଦୁହେଁ ଦେଖିଲେ, ଚୋରମାନେ ପଳାଇଗଲେଣି । ଧରାପଡ଼ିବାର ଆଶା ନାହିଁ । ସେମାନଙ୍କ ହାତରେ ପିସ୍ତଲ ଅଛି । ତେଣୁ ଚୋରଙ୍କ ପଛରେ ଗୋଡ଼ାଇ ବିପଦ ବରଣ କରିବା କି ଦରକାର ! ସେମାନେ ଘରର ମାଲିକାଣୀଙ୍କୁ ଜଣାଇଲେ, ଚୋର ଘରେ ପଶିବାକୁ ଉଦ୍ୟମ କରୁଥିଲେ । ଆମେ ଗୁଳି ଫୁଟାଇବାରୁ ପଳାଇଗଲେ । କିଛି ନେଇ ପାରିନାହାନ୍ତି ।

ଅଲିଭର୍‌ର ଚେତା ଆସିଲା ବେଳକୁ ଖରା ପଡ଼ିଯାଇଥିଲା । ତାର ବାଁ ହାତଟା ଅଚଳ ହୋଇ ଓହଳିଥିଲା । କୁରୁତାରେ ରକ୍ତ ଶୁଖିଯାଇଥିବାରୁ ତାହା ବଙ୍କେଇ ହେଉ ନ ଥିଲା, ସେ ଠିଆ ହେବାକୁ ଚେଷ୍ଟା କରୁ କରୁ ତଳେ ପଡ଼ିଗଲା । କିନ୍ତୁ ସେଠାରେ ପଡ଼ିରହିଲେ ତାର ପ୍ରାଣ ଯିବ । ଏହିପରି ବିଚାରି ସେ ସବୁ ଶକ୍ତି ଲଗାଇ ଠିଆହୋଇ ଧୀରେ ଧୀରେ ଚାଲିଲା । ବହୁ କଷ୍ଟରେ କିଛି ଦୂର ଯାଇ ସେ ଗୋଟିଏ ଘରର ବାହାର ପାହାଚ ଉପରେ ବସି-ପଡ଼ିଲା । ସେ ଦେଖିଲା, ଏଇ ଘରେ ଗଲା ରାତିରେ ସେ ଚୋରି କରିବାକୁ ପଶିଥିଲା । ସେ ପଳାଇବାକୁ ମନକଲା; କିନ୍ତୁ ଆଉ ଠିଆହେବାକୁ ତାର ବଳ ଆସିଲା ନାହିଁ । ଠିଆ ହେଉ ହେଉ ସେ ଲଥ୍ କରି ପଡ଼ିଗଲା ।

ରୋଷେଇଘରେ ଗୃହକରମାନେ ଗଲା ରାତିରେ ଚୋରି ବିଷୟରେ କଥାବାର୍ତ୍ତା ହେଉଥିଲେ । ଜଣେ ଗୃହକର ଏହି ଶବ୍ଦ ଶୁଣି ବାହାରକୁ ଆସି ଅଲିଭର୍ ପାହାଚ ଉପରେ ପଡ଼ିଥିବାର ଦେଖିଲା । ଏହି ଗୃହକରର ନାମ ଜାଇଲ୍‌ସ ।

ଜାଇଲ୍‌ସ ଫେରିପଡ଼ି ଡାକପକାଇଲା, "ହେଇଟି ସେ ଚୋର ପିଲା ! ମାଆ ମାଆ, ଚୋରଙ୍କ ଭିତରୁ ଗୋଟାଏ ପିଲା ଧରାପଡ଼ିଛି । ମୁଁ ଯେଉଁ ଗୁଳି ମାରିଥିଲି ସେଥିରେ ସେ ଆହତ ହୋଇଛି ।"

ଜଣେ ମହିଳା ଘରଭିତରୁ ବାହାରି ଆସିଲେ । ଜାଇଲ୍‌ସ କହିଲା, "ଭୟ କରନ୍ତୁ ନାହିଁ, ଯାହାହେଉ ଗୋଟାଏ ଚୋର ବଳେ ବଳେ ଧରାପଡ଼ିଛି ।"

ମହିଳା ସେମାନଙ୍କୁ ଚୁପ୍ ରହିବାକୁ କହି ଘର ଭିତରେ କଅଣ ଖବର ଦେଇ ଫେରିଆସିଲେ । ସେ ଜାଇଲ୍‌ସକୁ କହିଲେ, "କିଛି ଗୋଳମାଳ କରନା । ଏ ପିଲାକୁ ଉପର ମହଲକୁ ନେଇ ଗୋଟାଏ ବିଛଣାରେ ଶୁଆଇଦିଅ ।"

ଚାକରଟି ମହିଳାଙ୍କର ଆଦେଶ ପାଳନ କଲା ।

## ଷୋହଳ

ଶାଇକ୍‌ସ ଓ ଟବିକୁ ଚୋରି କରିବାକୁ ପଠାଇ ଦେଇ ଫଗିନ୍ ନିଜ ଘରେ ସେମାନଙ୍କର ଖବର ଜାଣିବାକୁ ଚାହିଁ ରହିଥିଲା । ଜଣେ କେହି କବାଟରେ ଠକ୍ ଠକ୍ କରିବାରୁ କିଏ ଆସିଛି ଦେଖିବାକୁ ଉଜିର୍ ବାହାରିପଡ଼ିଲା । ଟିକିଏ ପରେ ସେ ଫେରିଆସି ଫଗିନ୍‌କୁ କହିଲା, "ଅଜା, ଟବି ଆସିଛି ।"

ଟବି ଘର ଭିତରେ ପଶିଲା କ୍ଷଣି ଖାଇବାକୁ ମାଗିଲା । ତାକୁ ଖାଇବାକୁ ଦେଇ ଫଗିନ୍ ସମସ୍ତଙ୍କୁ ଘର ଭିତରୁ ବାହାର କରିଦେଲା । ଚୋରି ବିଷୟରେ ଟବି ସଙ୍ଗରେ କଥାବାର୍ତ୍ତା ହେଲାବେଳେ ଆଉ କେହି ଶୁଣିବା ତାର ଇଚ୍ଛା ନ ଥିଲା । ଟବିର

ଖାଇବା ସରିବାରୁ ସେ ପଚାରିଲା, "ଶାଇକସର ଖବର କଅଣ ?"

ଏ ପ୍ରଶ୍ନ ଶୁଣି ଫଗିନ୍ ବିସ୍ମିତ ହୋଇ କହିଲା—ତୁ କଅଣ କହୁଛୁ ବୁଝିପାରୁନାହିଁ । ସେ ଏଠାକୁ ଆସି ନାହିଁ । ଶାଇକ୍‌ସ ଓ ଅଲିଭର୍ କୁଆଡ଼େ ଗଲେ ?

ଟବି—ଘେରିକରି ପାରିଲୁ ନାହିଁ ।

ଫଗିନ୍—ସେ କଥା ଜାଣିସାରିଲଣି । କିନ୍ତୁ ଅଲିଭର୍ କୁଆଡ଼େ ଗଲା ?

ଟବି—ଘରର ଚାକରମାନେ ବନ୍ଧୁକରୁ ଗୁଳିକଲେ । ଗୋଟାଏ ଗୁଳି ଅଲିଭର୍ ଦେହରେ ବାଜିଲା । ଆମେ ତାକୁ ଘେନି ପଳାଇ ଆସୁଥିଲୁ । ବିଲ୍ ତାକୁ କାନ୍ଧରେ ପକାଇ ଆଣୁଥିଲା । ତେଣେ ଲୋକେ ଆମ ପଛରେ ଧାଉଁଥିଲେ । କେତେଟା କୁକୁର ମଧ୍ୟ ଥିଲେ । ନିଜ ନିଜ ଜୀବନ ଘେନି ଆମେ ଦୁହେଁ ଭିନ୍ନ ଭିନ୍ନ ବାଟରେ ପଳାଇଲୁ । ପିଲାଟାକୁ ଗୋଟାଏ ଖାତରେ ପକାଇ ଆସିଲୁ । ସେ ବଞ୍ଚିଲା କି ମଲା, ସେ କଥା ଭାବୁଛି କିଏ ? ଏହା ପରେ କଅଣ ହେଲା ମୁଁ କିଛି ଜାଣେ ନାହିଁ ।

ଆଉ କିଛି ଶୁଣିବାକୁ ଫଗିନ୍‌ର ଧୈର୍ଯ୍ୟ ନ ଥିଲା । ସେ ବ୍ୟତିବ୍ୟସ୍ତ ହୋଇ ଘରୁ ବାହାରିପଡ଼ିଲା । ସେ ସିଧା ସିଧା ଶାଇକ୍‌ସ ଘରକୁ ଚାଲିଲା । ସେତେବେଳକୁ ନାନ୍‌ସି ଘରେ ଶାଇକ୍‌ସକୁ ଅପେକ୍ଷା କରି ବସିଥିଲା । ଫଗିନ୍ ଶାଇକ୍‌ସର ଖବର ପଚାରିବାରୁ ସେ କିଛି କହିପାରିଲା ନାହିଁ । ଫଗିନ୍ ଟବିଠାରୁ ଯାହା ଯାହା ଶୁଣିଥିଲା ସବୁ କହିଗଲା । ତହୁଁ ନାନ୍‌ସି କହିପକାଇଲା—ଅଲିଭର୍ ଯେଉଁଠି ଥିବ ସେ ସ୍ଥାନ ତା ପକ୍ଷରେ ଭଲ; ଖାଲି ତା ଯୋଗେ ଶାଇକ୍‌ସର କିଛି ବିପଦ ନ ଘଟିଲେ ହେଲା । ଅଲିଭର୍ ମରି-ଯାଇଥିଲେ ବି ଚିନ୍ତା ନାହିଁ । ତାକୁ ଦେଖିଲା କ୍ଷଣି ମୁଁ କେବଳ

ନିଜକୁ ନୁହେଁ, ଆମ ଦଳର ସମସ୍ତଙ୍କୁ ଘୃଣା କରେଁ ।

ନାନ୍‌ସିର ଏ ପ୍ରକାର ପରିବର୍ତ୍ତନ ଦେଖି ଫଗିନ୍ ଆଶ୍ଚର୍ଯ୍ୟ ହୋଇଗଲା । ସେ ତାର କଦର୍ଯ୍ୟ ସ୍ୱରରେ କହିଲା, "ଆଲୋ ନାନ୍‌ସି, ମୁଁ ଚାହିଁଲେ ଘଡ଼ିକେ ଶାଇକ୍‌ସକୁ ଫାଶୀଖୁଣ୍ଟରେ ଚଢ଼ାଇ ପାରିବି । ସେ ଯେବେ ଅଲିଭର୍‌କୁ ନ ଆଣି ଆସିବ, ତୁ ତାର ପ୍ରାଣ ନେଇଯିବୁ । ନ ହେଲେ ସେ ଫାଶୀଖୁଣ୍ଟରେ ମରିବ ।"

ନାନ୍‌ସି କହିଲା, "ତୁମେ ଏସବୁ କଅଣ କହୁଛ ?"

ଫଗିନ୍—କଅଣ କହୁଛି ? ଜାଣୁ, ସେ ପିଲାଟାର ଦାମ୍ ମୋ ପକ୍ଷରେ ହଜାର ହଜାର ପାଉଣ୍ଡ । ଶାଇକ୍‌ସ ଯୋଗେ ତାକୁ ହରାଇଲେ ମୋର ଏତେ ଟଙ୍କା ବୁଡ଼ିଯିବ । ଇଚ୍ଛା କଲେ ମୁଁ ତାକୁ ମୁହୂର୍ତ୍ତକେ ଫାଶୀ ଦିଆଇପାରିବି । ତାକୁ ସାବଧାନ କରାଇଦେବୁ ।"

ଫଗିନ୍ ନିଜ ଘରକୁ ଫେରିଗଲା । ଘରେ ପହଞ୍ଚି ଫଗିନ୍ ଦେଖିଲା, ମଙ୍କସ୍ ତାକୁ ଚାହିଁ ତା ଘରେ ବସିରହିଛି । ସେ ମଧ୍ୟ ଅଲିଭର୍‌ର ଖବର ଜାଣିବାକୁ ଚାହିଁଲା । ଫଗିନ୍ କହିଲା ଯେ, "ଚୋର କରିବା ଚେଷ୍ଟା ବିଫଳ ହୋଇଛି ଓ ଅଲିଭର୍ ଫେରିପାରି ନାହିଁ; ସେ ମରିଛି କି ବଞ୍ଚିଛି, ତା ମଧ୍ୟ ଜଣାନାହିଁ ।" ମଙ୍କସ୍ ଫଗିନ୍ କଥାରେ ବିଶ୍ୱାସ କରି ନ ପାରି କହିଲା, "ଚୋରି କରିବା ପାଇଁ ସେ ପିଲାକୁ ପଠାଇବା ତୁମର ମସ୍ତବଡ଼ ଭୁଲ । ତାକୁ ବର୍ଷେ ଖଣ୍ଡେ ପକେଟ ମାରିବା କାମରେ ଲଗାଇଥିଲେ ସେ ନିଶ୍ଚେ ଜେଲ ଯାଇଥାନ୍ତା କିମ୍ବା ଦେଶରୁ ତଡ଼ାହୋଇଥାନ୍ତା ।"

ଫଗିନ୍ କହିଲା, "ତା କରିଥିଲେ ତୁମ କାମ ହୋଇଥାନ୍ତା ସିନା, ମୋ କାମ ହୋଇ ନ ଥାନ୍ତା । ପ୍ରତ୍ୟେକ କଥାର ଦୁଇ ପାଖ ତଉଲି ଦେଖିବା ଦରକାର । ପିଲାଟି ମୋର କାମରେ ଲାଗିଥାନ୍ତା, କିନ୍ତୁ ମୁଁ ଦେଖିଲି ଯେ ତାର ପ୍ରକୃତି ଭିନ୍ନ । ସେ ଆଗରୁ କିଛି

ଅପରାଧ କରି ନ ଥିଲା । ତେଣୁ ତାକୁ ଭୟ ଦେଖାଇବାର ଉପାୟ ନ ଥିଲା । ଡଜର୍ ସାଥିରେ ବଜାରରେ ପକେଟ ମାରିବାକୁ ପୁଣି ତାକୁ ପଠାଇବା ମୋ ପକ୍ଷରେ ବୋକାମି ହୁଅନ୍ତା । ସେଥିପାଇଁ ତାକୁ ଶାଇକ୍‌ସ ସାଥିରେ ପଠାଇଥିଲି ।”

ମଙ୍କସ୍—ସେ ଯାହାହେଉ, ତୁମେ ଯେପରି ହେଲେ ତାକୁ ଫେରାଇଆଣ ।

ଫଗିନ୍—ଫେରାଇ ଆଣିବାକୁ କହୁଛ ସତ, କିନ୍ତୁ ଯଦି ସେ ମରିଯାଇଥାଏ ?

ମଙ୍କସ୍—ମରିଯାଇଥିବ ? ନା ନା, ମରି ନ ଥିବ । ଫଗିନ୍, ମୋର ଶେଷ କଥା କହୁଛି । ଯଦି ସେ ଗୁଳିମାଡ଼ରେ ମରିଥାଏ, ସେଥିପାଇଁ ମୁଁ ଦାୟୀ ନୁହେଁ । ପିଲାକୁ ମୋତେ ନ ଦେଲେ ମୁଁ ପାହୁଲାଏ ବି ଦେବ ନାହିଁ ।

ଦୁହିଁଙ୍କ ଭିତରେ ଅନେକ ବେଳଯାଏ ବିଚାର ଚାଲିଲା, କିପରି ଅଲିଭର୍‌ର ଖବର ମିଳିବ । ରାତି ବେଶି ହୋଇଗଲା । ମଙ୍କସ୍ ବିଦାୟ ନେଇ ଚାଲିଗଲା ।

## ସତର

ଶାଇକ୍‌ସ ଓ ଟବି ଯେଉଁ ଘରେ ଚୋରି କରିବାକୁ ଉଦ୍ୟମ କରିଥିଲେ ଏବଂ ଯେଉଁ ଘରେ ଅଲିଭର୍ ଆଶ୍ରୟ ପାଇଲା, ସେ ଘରଟି ହେଉଛି ମିସେସ୍ ମେଲାଇ ବୋଲି ଜଣେ ବୁଢ଼ୀଙ୍କର । ତାଙ୍କର ନଜର ଆଉ କେହି ନ ଥିଲେ । ରୋଜ ବୋଲି ଗୋଟିଏ ଝିଅକୁ ସେ ପାଳିଥିଲେ । ଝିଅଟି ବଡ଼ ସୁନ୍ଦରୀ ଓ ସେ ମିସେସ୍

ମେଲାଇଙ୍କୁ ମାଉସୀ ବୋଲି ଡାକୁଥିଲା । ଆଖପାଖର ଲୋକେ ଏ ଦୁହିଁଙ୍କୁ ଭାରି ଶ୍ରଦ୍ଧା କରୁଥିଲେ । ତାଙ୍କର ଚାକରମାନେ ମଧ୍ୟ ଖୁବ୍ ବାଧ୍ୟ ଥିଲେ ।

ମିସେସ୍ ମେଲାଇଙ୍କ ଆଦେଶରେ ଚାକରମାନେ ଅଲିଭର୍‌କୁ ଘରକୁ ନେଇ ତାର ସେବା ଶୁଶ୍ରୂଷାରେ ଲାଗିପଡ଼ିଲେ । ଲସବର୍ଣ୍ଣ ବୋଲି ଜଣେ ଡାକ୍ତରଙ୍କୁ ଡକାଗଲା । ଏହି ଡାକ୍ତରଙ୍କ ସହିତ ମିସେସ୍ ମେଲାଇଙ୍କର ବନ୍ଧୁତା ଥିଲା । ସେ ଆସି ଅଲିଭର୍‌କୁ ପରୀକ୍ଷା କରି ଚିକିତ୍ସାର ବନ୍ଦୋବସ୍ତ କରିଦେଲେ । ଏହାପରେ ସେ ମିସେସ୍ ମେଲାଇଙ୍କୁ କହିଲେ ଯେ ରୋଗୀର ଅବସ୍ଥା ସେତେ ଖରାପ ନୁହେଁ; ଚିକିତ୍ସା ଓ ସେବା ଶୁଶ୍ରୂଷା ଫଳରେ ସେ ଭଲ ହୋଇଯିବ ।

ଡାକ୍ତରଙ୍କ ସହିତ ମିସେସ୍ ମେଲାଇ ଅଲିଭର୍‌ର ବିଛଣା ପାଖକୁ ଗଲେ । ସେ ଦେଖିଲେ ଗୋଟିଏ ସୁନ୍ଦର ବାଳକ ବିଛଣା ଉପରେ ଶୋଇଛି । ତା ମୁହଁରୁ ଦୁଃଖ କଷ୍ଟର ସଙ୍କେତ ଜଣାପଡ଼ୁଥାଉଛି । ଛାତି ଉପରେ ଆହତ ହାତଟି ରହିଛି । ରୋଜ ଅଲିଭର୍ ପାଖକୁ ଯାଇ ତାର ମୁଣ୍ଡର ବାଳଗୁଡ଼ିକ ସଜାଡ଼ି ଦେଲେ ।

ମିସେସ୍ ମେଲାଇ କହିଲେ, "ଡାକ୍ତର ଏଭଳି ପିଲା କ କେବେ ଚୋର ଡକାଏତ୍ ହୋଇପାରେ ?" ସେ ଘରେ କଥାବାର୍ତ୍ତା ହେଲେ କାଳେ ଅଲିଭର୍‌ର ନିଦ୍ରାରେ ବ୍ୟାଘାତ ହେବ, ସେଥିପାଇଁ ସେମାନେ ଅନ୍ୟ ଗୋଟିଏ ବଖରାକୁ ଚାଲିଆସିଲେ । ରୋଜ କହିଲେ "ମାଉସୀ, ତୁମ ପାଖରେ ମୋର ଗୋଟିଏ ମାଗୁଣି ଅଛି ।" ମିସେସ୍ ମେଲାଇ କହିଲେ, "ମୋର ତୋ ଛଡ଼ା ଆଉ କିଏ ଅଛି ? ତୋ କଥା ମୁଁ କଅଣ ଭାଙ୍ଗିଦେବି ? କହ, କଅଣ ତୁ ଚାହୁଁ ।" ମିସ୍ ରୋଜ କହିଲେ, "ମୁଁ ମୋ ପାଇଁ କିଛି ମାଗୁନାହିଁ । ମୋର

ଏକମାତ୍ର ମାଗୁଣି ହେଉଛି, ପିଲାଟି ଯେପରି ଜେଲ ନ ଯାଏ, ସେଥିର ଉପାୟ କର ।" ମିସେସ୍ ମେଲ୍ଲଇ କହିଲେ, "ଏ କଥା ମୋତେ କହିବା ଦରକାର ନ ଥିଲା । ପିଲାଟିକୁ ଦେଖିଲାବେଳୁ ମୁଁ ତାକୁ ତୋର ଭଳି ପାଳିବ ବୋଲି ସ୍ଥିରକରିସାରିଛି । ମୁଁ ଥାଉଁ ଥାଉଁ ତାର ଜେଲ୍ ଯିବା ଦୂରରେ ଥାଉ କେହି ତାକୁ ଛୁଇଁ ପାରିବେ ନାହିଁ । ଆଚ୍ଛା ଡାକ୍ତର ଲସବର୍ଣ୍ଣି, ହୁଏତ ପୁଲିସ ଆସି ଗୋଳମାଳ କରିପାରେ । ପିଲାଟିକୁ ରକ୍ଷା କରିବାର ଉପାୟ କଅଣ କହନ୍ତୁ ।"

ଡାକ୍ତର ଟିକିଏ ଚିନ୍ତା କରି କହିଲେ, "ପିଲାଟିକୁ ଦଣ୍ଡରୁ ରକ୍ଷା କରିବା ମଧ୍ୟ ମୋର ଇଚ୍ଛା । ଆଗ ମୁଁ ତା ସଙ୍ଗେ କଥାବାର୍ତ୍ତା ହୁଏ; ତା ପରେ ଉପାୟ ସ୍ଥିର କରିବା ।" ଏହା କହି ଡାକ୍ତର ବିଦାୟ ନେଲେ ।

ତତ୍ପରଦିନ ସକାଳେ ଡାକ୍ତର ପୁଣି ଅଲିଭର୍‌କୁ ଦେଖିବାକୁ ଗଲେ । ଅଲିଭର୍‌ର ସ୍ୱାସ୍ଥ୍ୟରେ ଟିକିଏ ଉନ୍ନତି ଘଟିଥିଲା । ଡାକ୍ତର କୌଶଳରେ ଅଲିଭର୍‌ଠାରୁ ତାର ଜୀବନକାହାଣୀ ଶୁଣିଲେ । ତାର କରୁଣ ଜୀବନକାହାଣୀ ଶୁଣି ଡାକ୍ତରଙ୍କ ଆଖିରୁ ମଧ୍ୟ ଲୁହ ବହିଲା । ପିଲାଟି ଯେ ସତ କହୁଛି, ଏଥିରେ ତାଙ୍କର ସନ୍ଦେହ ନ ଥିଲା । ପିଲାଟିକୁ ନିରାପଦରେ ରଖିବା ପାଇଁ ସେ ମିସେସ୍ ମେଲ୍ଲଇଙ୍କ ସଙ୍ଗେ ପରାମର୍ଶ କରି ଉପାୟ ସ୍ଥିର କଲେ ।

ପୁଲିସ ଆସି ଡକାୟତିର ଅନୁସନ୍ଧାନ କଲେ । ଡାକ୍ତର ଲସ୍‌ବର୍ଣ୍ଣି ଓ ମିସେସ୍ ମେଲ୍ଲଇଙ୍କଠାରୁ ପୁଲିସ ଜବାନବନ୍ଦି ନେଲେ । ଅଲିଭର୍‌ର ଜବାନବନ୍ଦି ବନ୍ଦ ରହିଲା । ଡାକ୍ତର କହିଲେ ଯେ, "ତୋର ବର୍ତ୍ତମାନ ଅବସ୍ଥାରେ କିଛି ପଚାରିବା ଉଚିତ ହେବ ନାହିଁ; ଦରକାର ହେଲେ ପରେ ସେ ଥାନାକୁ ଯାଇ ଯାହା କହିବାର କହିବ ।

ଡାକ୍ତରଙ୍କ ଚିକିତ୍ସା, ଚାକରମାନଙ୍କର ସେବା ଶୁଶ୍ରୂଷା ଏବଂ ମିସେସ୍ ମେଲିଇ ଓ ମିସ୍ ରୋଜଙ୍କ ମଧୁର, ଦୟାପୂର୍ଣ୍ଣ ବ୍ୟବହାରରେ ଅଲିଭର ସୁସ୍ଥ ହୋଇଆସିଲା । ତାର ହାତର କ୍ଷତ ପୂରା ଭଲ ହୋଇଗଲା । ଦିନେ ମିସେସ୍ ମେଲିଇ ଅଲିଭର୍‌କୁ କହିଲେ, "ମୁଁ ମିସ୍ ରୋଜ୍‌ଙ୍କୁ ସଙ୍ଗରେ ନେଇ ଗୋଟିଏ ଗ୍ରୀଷ୍ମନିବାସକୁ ଯାଉଛି । ତୋତେ ସାଙ୍ଗରେ ନେବା ଆମର ଇଚ୍ଛା । ସେ ସ୍ଥାନର ଜଳବାୟୁ ଖୁବ୍ ଭଲ । ସେଠାକୁ ଗଲେ ତୋର ସ୍ୱାସ୍ଥ୍ୟ ଶୀଘ୍ର ଫେରି ଆସିବ । ତୋ ଦେହ ପୂରା ଭଲ ହୋଇଗଲେ ଆମକୁ ଆନନ୍ଦରେ ସାହାଯ୍ୟ କରିପାରିବୁ ।"

ଅଲିଭର କହିଲା, ଆପଣମାନେ ମୋ ପ୍ରତି ଯେଉଁ ଦୟା ଦେଖାଇଅଛନ୍ତି, ତାର ପ୍ରତିଦାନ ଅସମ୍ଭବ । ତଥାପି ଆପଣଙ୍କ ପାଇଁ ସାମାନ୍ୟ କୌଣସି କାମ କରିପାରିଲେ ମୁଁ ନିଜକୁ ଧନ୍ୟ ମନେକରିବି ।"

ମିସ୍ ରୋଜ କହିଲେ, "ମାଉସୀ କାହାରିକୁ ସାହାଯ୍ୟ କରି ପାରିଲେ ବଡ଼ ଖୁସିହୁଅନ୍ତି । ତୋର ଜୀବନ ରକ୍ଷା କରିପାରି ଥିବାରୁ ତାଙ୍କର ଆନନ୍ଦ କହିଲେ ନ ସରେ । ତୁ ପାଖରେ ଥିଲେ ଆମର ଖୁସି ।"

ଅଲିଭର୍ ଟିକିଏ ଚିନ୍ତା କରି କହିଲା, "ଆପଣଙ୍କର ମୋ ଉପରେ ଭାରି ଦୟା । କିନ୍ତୁ ଏଥିପୂର୍ବରୁ ଯେଉଁ ଭଦ୍ରଲୋକ ଓ ମିସେସ୍ ବେଡୁଇନ୍ ମୋର ଏତେ ଯତ୍ନ ନେଇଥିଲେ, ସେମାନେ ମୋତେ ନିତାନ୍ତ କୃତଘ୍ନ ବୋଲି ମନେକରୁଥିବେ । ଅବଶ୍ୟ ମୁଁ ବର୍ତ୍ତମାନ ସୁଖରେ ଅଛି ଓ ତାହା ଜାଣିଲେ ସେମାନେ ଆନନ୍ଦିତ ହେବେ ।"

ମିସ୍ ରୋଜ୍ କହିଲେ, "ସେ କଥା ସତ । ମିଷ୍ଟର ଲସବର୍ଣ୍ଣ କହିଛନ୍ତି ଯେ ତୋର ବଳ ଆସିଲେ ସେ ତୋତେ ମିଷ୍ଟର

ବ୍ରାଉନ୍‌ଲୋଙ୍କ ଘରକୁ ନେଇଯିବେ ।”

ଅଲିଭର ଖୁବ୍ ଆନନ୍ଦିତ ହୋଇ କହିଲା, “ସତେ ! ସେମାନଙ୍କୁ ଦେଖି ମୁଁ ଖୁବ ଖୁସି ହେବ ।”

କିଛିଦିନ ପରେ ମିସେସ୍ ମେଲିଇଙ୍କର ଘୋଡ଼ାଗାଡ଼ିରେ ବସି ଡାକ୍ତର ଲସବର୍ଣ୍ଣଙ୍କ ସହିତ ଅଲିଭର ମିଷ୍ଟର ବ୍ରାଉନ୍‌ଲୋଙ୍କ ଘରକୁ ବାହାରିଲେ । ବାଟ ଜାଣିବାରେ କିଛି ଅସୁବିଧା ହେଲା ନାହିଁ । କାରଣ ଅଲିଭର ସେ ଘରଟିକୁ ଭଲରୂପେ ଚିହ୍ନିଥିଲା । ଗାଡ଼ି ଘରପାଖରେ ପହଞ୍ଚିଲା; କିନ୍ତୁ ଦେଖାଗଲା ଘରର କବାଟ ବନ୍ଦ । ଦୁଆରମୁହଁରେ ଗୋଟିଏ ନୋଟିସ ଅଛି —ଏ ଘର ଭଡ଼ା ଦିଆଯିବ । ଏହା ଦେଖି ଅଲିଭର ନିତାନ୍ତ ହତାଶ ହୋଇଗଲା । ମିଷ୍ଟର ଲସବର୍ଣ୍ଣ ପାଖ ଘରର ଚାକରକୁ ପଚାରି ବୁଝିଲେ ଯେ ମିଷ୍ଟର ବ୍ରାଉନଲୋ ତାଙ୍କର ଚାକରାଣୀ ଓ ଜଣେ ବନ୍ଧୁଙ୍କୁ ସଙ୍ଗରେ ନେଇ ଦୁଇମାସ ହେଲା ବିଦେଶକୁ ଯାଇଛନ୍ତି; ଯିବାପୂର୍ବରୁ ସେ ତାଙ୍କର ସବୁ ଜିନିଷପତ୍ର ବିକି କରିଦେଇ ଯାଇଛନ୍ତି ।

ମିଷ୍ଟର ଲସବର୍ଣ୍ଣ କହିଲେ, “ଏଠାରେ ଆଉ କଅଣ କରିବା ? ଚାଲ ଫେରିଯିବା ।”

ଅଲିଭର୍ କହିଲା, “ସାର୍, ମିଷ୍ଟର ବ୍ରାଉନ୍‌ଲୋ ଚାଲିଯାଇ ଅଛନ୍ତି; କିନ୍ତୁ ମୁଁ ଯେଉଁ ଦୋକାନକୁ ବହି ଓ ଟଙ୍କା ନେଇ ଯାଇଥିଲି ସେ ଦୋକାନର ମାଲିକ ଥାଇପାରେ । ଚାଲନ୍ତୁ, ସେଠାକୁ ଯିବା ।”

କିନ୍ତୁ ମିଷ୍ଟର ଲସବର୍ଣ୍ଣ ଏଥିରେ ସ୍ୱୀକୃତ ନ ହୋଇ କହିଲେ, “ଅମେ କ୍ଳାନ୍ତ ହୋଇ ପଡ଼ିଥାଏଁ । ହୁଏତ ଦୋକାମା ମରିଯିବଣି କି କୁଆଡ଼େ ଯାଇଥିବ ।”

ଦୁହେଁ ଫେରିଗଲେ ।

# ଅଠର

ଏହି ଘଟଣାର ପ୍ରାୟ ଦୁଇ ସପ୍ତାହ ପରେ ମିସେସ୍ ମେଲ୍ଲାଇ ଓ ମିସ୍ ରୋଜ୍ ଅଲଭର୍‌କୁ ସଙ୍ଗରେ ନେଇ ତାଙ୍କର ଗ୍ରୀଷ୍ମନିବାସକୁ ଚାଲିଗଲେ । ଘରଟି ଜଗାରଖା କରିବାକୁ ଜାଇଲସ୍ ଚେଟ୍‌ସିରେ ରହିଲା । ଏହି ଗ୍ରୀଷ୍ମନିବାସଟି ଅତି ସୁନ୍ଦର ସ୍ଥାନରେ ଅବସ୍ଥିତ । ଏଠାରେ ସହରର କୋଳାହଳ ନାହିଁ । ପ୍ରାକୃତିକ ଦୃଶ୍ୟ ମଧ୍ୟ ମନୋହର । ଶାନ୍ତ ଓ ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଅଲଭର୍ ଅଳ୍ପ ଦିନ ମଧ୍ୟରେ ପୂର୍ଣ୍ଣରୂପେ ସୁସ୍ଥ ହୋଇଗଲା । ମିସେସ୍ ମେଲ୍ଲାଇଙ୍କର ଜଣେ ବନ୍ଧୁଙ୍କ ପାଖକୁ ଯାଇ ଅଲଭର୍ ପ୍ରତିଦିନ ସକାଳେ କିଛି ପାଠ ପଢ଼ୁଥିଲା । ଉପରବେଳା ସେ ମିସେସ୍ ମେଲ୍ଲାଇ ଓ ମିସ୍ ରୋଜ୍‌ଙ୍କ ସଙ୍ଗେ ବୁଲୁଥିଲା; କେବେ କେବେ ମିସ୍ ରୋଜଙ୍କ ପାଖେ ବସି ତାଙ୍କ ପଢ଼ା ଶୁଣୁଥିଲା । ସନ୍ଧ୍ୟାବେଳେ ସେ ପରଦିନ ପାଇଁ ତାର ପଢ଼ା ପ୍ରସ୍ତୁତ କରୁଥିଲା । ଗୋଟିଏ କୋଠରିର ଝରକା ପାଖରେ ବସି ସେ ପ୍ରତି ସନ୍ଧ୍ୟାରେ ପଢ଼େ । ଝରକା ଆରପାଖେ ଗୋଟିଏ ସୁନ୍ଦର ବଗିଚା । କ୍ରମେ ପାଠପଢ଼ା ପ୍ରତି ତାର ବିଶେଷ ଆଗ୍ରହ ଜନ୍ମିଲା ।

ଏହିପରି ତିନି ମାସ କଟିଗଲା । ମିସେସ୍ ମେଲ୍ଲାଇ ଓ ମିସ୍ ରୋଜ୍ ଅଲଭର୍‌କୁ ନିଜ ଘରର ଗୋଟିଏ ପିଲା ପରି ବ୍ୟବହାର ଦେଖାଉଥିଲେ । ଚାକରମାନେ ତାକୁ ସେହିପରି ଆଦର ଓ ମାନ୍ୟ ଦେଖାଉଥିଲେ । ଅଲଭର୍‌ର ଆଚରଣରେ ସମସ୍ତେ ସନ୍ତୁଷ୍ଟ ଥିଲେ ।

ଏହିପରି ସୁଖରେ ଦିନ ଚାଲିଯାଉଥିଲା । ଦୈବାତ୍ ମିସ୍ ରୋଜ୍‌ଙ୍କୁ ସର୍ଦ୍ଦିଧରି ଜ୍ୱର ହେଲା । ମିସେସ୍ ମେଲ୍ଲାଇ ତାଙ୍କର ଚିକିତ୍ସା ପାଇଁ ମିଷ୍ଟର ଲସବର୍ଣ୍ଣଙ୍କୁ ଡକାଇ ନେବାକୁ ସ୍ଥିର କଲେ ।

ସେ ଦୁଇ ଖଣ୍ଡି ଚିଠି ଲେଖିଲେ; ଖଣ୍ଡିଏ ମିଷ୍ଟର ଲସବର୍ଣ୍ଣଙ୍କ ପାଖକୁ ଓ ଆଉ ଖଣ୍ଡିଏ ତାଙ୍କ ପୁଅ ପାଖକୁ । ସେଠାରୁ କିଛି ଦୂରରେ ସହରରୁ ଚିଠି ପକାଇଲେ ଶୀଘ୍ର ଯିବ ବୋଲି ସେ ଅଲିଭର୍ ହାତରେ ଚିଠି ଦୁଇଖଣ୍ଡି ଦେଇ ସହରକୁ ପଠାଇଲେ । ଅଲିଭର୍ ଆନନ୍ଦରେ ଯିବାକୁ ବାହାରିଲା । ସେ ଅତି ଶୀଘ୍ର ଯାଇ ଯଥାସ୍ଥାନରେ ଚିଠି ଦୁଇଖଣ୍ଡି ଡାକଘରେ ଦେଲା ।

ଡାକଘରୁ ଫେରିଲାବେଳକୁ ଜଣେ ଲୋକ ସହିତ ଦୈବାତ୍ ତାର ଧକ୍କା ଲାଗିଲା । ସେ କହିଲା, "ମହାଶୟ, କ୍ଷମା କରିବେ; ଆପଣଙ୍କର ଆସୁଥିବା ମୁଁ ଲକ୍ଷ୍ୟ କରି ପାରି ନ ଥିଲି ।" କିନ୍ତୁ ସେହି ଲୋକଟି ବୁଲିପଡ଼ି କହିଲା, "ତୁମକୁ···ତୋତେ ଏଠି ଦେଖିବ ବୋଲି ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି ।" ଲୋକଟିର ସାଧାରଣ ଭଦ୍ରତାର ଅଭାବ ଦେଖି ଓ ତାର କଥା ଶୁଣି ଅଲିଭର୍ ମନେକଲା ଲୋକଟା ପାଗଳ । ତେଣୁ ସେ ଆଉ କିଛି ନ କହି ଗ୍ରୀଷ୍ମନିବାସକୁ ଫେରିଆସିଲା । ସେ ସେଠାରେ ପହଞ୍ଚିଲା ବେଳକୁ ଜଣେ ସ୍ଥାନୀୟ ଡାକ୍ତର ଆସି ମିସ୍ ରୋଜଙ୍କୁ ପରୀକ୍ଷା କରୁଥିଲେ । ସେ କହିଲେ ଯେ, "ରୋଗିଣୀର ଅବସ୍ଥା ନିତାନ୍ତ ଖରାପ; ଭଲ ହେବାର ଆଶା କମ୍ ।" ଦିନଯାକ ମିସେସ୍ ମେଲିଇ ରୋଜର ବିଛଣା ପାଖେ ଜଗିବସିଲେ । ରାତିକି ମିଷ୍ଟର ଲସବର୍ଣ୍ଣ ଆସି ଚିକିତ୍ସାର ଭାର ନେଲେ ଓ ରାତି ତମାମ୍ ମିସ୍ ରୋଜଙ୍କୁ ଜଗିବସିଲେ ।

ପରଦିନ ସକାଳୁ ମିସ୍ ରୋଜଙ୍କର ଅବସ୍ଥା ଭଲଥିବାର ଡାକ୍ତରଙ୍କଠାରୁ ଶୁଣି ଅଲିଭର୍ ଆନନ୍ଦିତ ହେଲା । ସେ ଦିନଯାକ ପାଖ ପଡ଼ିଆରେ ବୁଲି ଗୁଡ଼ାଏ ଫୁଲ ସଂଗ୍ରହ କଲା । ଭାବିଲା, ଏଥିରେ ଗୋଟାଏ ତୋଡ଼ା ତିଆରି କରି ମିସ୍ ରୋଜଙ୍କୁ ଦେବ । ସେ ଫୁଲ

ଯେଉଁ ଘରକୁ ଆସୁଛି, ଏହି ସମୟରେ ଗୋଟିଏ ଗାଡ଼ି ତା ପାଖରେ ରହିଗଲା । ଗାଡ଼ି ଭିତରୁ ଜଣେ ପଚାରିଲା, "ଅଲିଭର୍, ମିସ୍ ରୋଜଙ୍କ ଅବସ୍ଥା କପରି ଅଛି ?" ଅଲିଭର୍ ଦେଖିଲା ଏହି ଲୋକଟି ହେଉଛି ଜାଇଲସ୍ । ଏହି ସମୟରେ ଆଉ ଜଣେ ଭଦ୍ରଲୋକ ଗାଡ଼ିଭିତରୁ ବାହାରିପଡ଼ି ପଚାରିଲେ, "ରୋଜର ଅବସ୍ଥା କଣ ଭଲ ନା ଖରାପ ? ଅଲିଭର୍ ଉତ୍ତର ଦେଲା, "ପୂର୍ବ ଅପେକ୍ଷା ଖୁବ୍ ଭଲ ।"

ଭଦ୍ରଲୋକଟି ଜାଇଲସ୍‌କୁ କହିଲେ, "ତୁମେ ଗାଡ଼ି ନେଇ ଘରକୁ ଯାଅ । ମୁଁ ଚାଲି ଚାଲି ଯାଉଛି । ମାଆଙ୍କୁ ମୋ ଆସୁଥିବା ଖବର ଦେବ । ଅଲିଭର୍ ଅନୁମାନ କରିନେଲା ଯେ ଏହି ଭଦ୍ରଲୋକ ହେଉଛନ୍ତି ହାରି ମେଲିଇ, ମିସେସ୍ ମେଲିଇଙ୍କର ପୁଅ । ଏହାଙ୍କ କଥା ସେ ଅନେକଥର ମିସେସ୍ ମେଲିଇଙ୍କ ଠାରୁ ଶୁଣିଥିଲା ।

ଦୁହେଁଯାକ ଘରେ ପହଞ୍ଚିଲେ । ମିସେସ୍ ମେଲିଇ ପୁଅକୁ ସ୍ୱାଗତ ସମ୍ଭାଷଣ ଜଣାଇ ଘର ଭିତରକୁ ନେଇଗଲେ ଓ ସମସ୍ତେ ମିସ୍ ରୋଜଙ୍କ ରୋଗ ବିଷୟରେ କଥାବାର୍ତ୍ତା ହେବାକୁ ଲାଗିଲେ ।

ଅଳ୍ପ ଦିନ ମଧ୍ୟରେ ମିସ୍ ରୋଜ୍ ଭଲ ହୋଇଗଲେ । ପଡ଼ିଆରେ ବୁଲିବା ଓ ଘରକାମରେ ସାହାଯ୍ୟ କରିବା ପାଇଁ ତାଙ୍କ ଦେହରେ ବଳ ଆସିଲା ।

ଦିନେ ସକାଳେ ରୋଜ୍ ନିଜ କୋଠରିରେ ଏକୁଟିଆ ବସିଥିବାବେଳେ ମିଷ୍ଟର ହାରି ଆସି ତାଙ୍କୁ ବିବାହ କରିବାର ଇଚ୍ଛା ପ୍ରକାଶ କଲେ । ରୋଜ ଜାଣିଥିଲେ ଯେ ହାରି ଉଚ୍ଚକୁଳରେ ଜାତ ଓ ଧନୀ ଘରର ସନ୍ତାନ । କିନ୍ତୁ ସେ ନିଜ ବିଷୟରେ କିଛି ଜାଣି ନ ଥିଲେ । ତାଙ୍କର ପିତା କିଏ, ମାତା କିଏ, ସେ ବୈଧ କି ଅବୈଧ ସନ୍ତାନ ଏସବୁ ବିଷୟ ତାଙ୍କୁ ସମ୍ପୂର୍ଣ୍ଣ ଅଜ୍ଞାତ ଥିଲା । ସେ

ଏତିକି ମାତ୍ର ଜାଣିଥିଲେ ଯେ ମିସେସ୍ ମେଲ୍ଲିଇ ତାଙ୍କୁ ପାଳି ଆସିଅଛନ୍ତି । ଏଣୁ ସେ ଏହି ବିବାହପ୍ରସ୍ତାବ ପ୍ରତ୍ୟାଖ୍ୟାନ କରି-ଦେଲେ । ଜଣେ ଧନୀ, କୁଳୀନ, ଉଚ୍ଚାଭିଳାଷୀ ଯୁବକର ଉନ୍ନତି ପଥରେ ସେ କାହିଁକି ବାଧା ସୃଷ୍ଟି କରିବେ ? ଏଥିରେ ହ୍ୟାରି ବିଶେଷ ଦୁଃଖିତ ହୋଇ ମତ ପରିବର୍ତ୍ତନ କରିବାକୁ ରୋଜଙ୍କୁ ଅନୁରୋଧ କଲେ । ଶେଷରେ ମିସ୍ ରୋଜ୍ ତାଙ୍କୁ କହିଲେ—ଏତେ ବ୍ୟଗ୍ର ହେବାର ଆବଶ୍ୟକ ନାହିଁ । ମୁଁ ଅପେକ୍ଷା କରୁଛି । କେତେ ମାସ ପରେ ପୁଣି ଏ ପ୍ରସ୍ତାବର ବିଚାର କରିବା । ସେତେ-ବେଳେ ଗୋଟାଏ ନିଷ୍ପତ୍ତି ହୋଇ ପାରିବ ।

ହ୍ୟାରି ନିଜ ବାସସ୍ଥାନକୁ ଫେରିଗଲେ । ମିସ୍ ରୋଜ୍ ମିସେସ୍ ମେଲ୍ଲିଇଙ୍କ ପାଖେ ରହି ଏହି ବିବାହ ପ୍ରସ୍ତାବ ବିଷୟ ଭୁଲିଯିବାକୁ ଚେଷ୍ଟା କଲେ ।

## ଊଣିଶ

ଫଗିନ୍ ଅଲିଭର୍‌ର ଅନୁସନ୍ଧାନ କରି କରି ଶେଷରେ ସମ୍ବାଦ ପାଇଲା ଯେ ସେ ଏବେ ଜଣକ ଘରେ ରହିଛି ଓ ସେ ତାର ଯତ୍ନ ନେଉଛନ୍ତି । ଏହି ଲୋକ ପୁଣି ଅନ୍ୟ କେହି ନୁହେଁ; ଯାହାଙ୍କ ଘରୁ ଶାଇକ୍‌ସ ଓ ଟବି ଚୋରି କରିବାକୁ ଯାଇଥିଲେ ସେହି ଲୋକ । ସମ୍ବାଦର ସତ୍ୟତା ଜାଣିବାପାଇଁ ଫଗିନ୍ ଓ ମଙ୍କ୍‌ସ ଚେଟ୍‌ସିକୁ ଗଲେ । ଘରଟା ଚିହ୍ନିବାରେ ବିଶେଷ ଅସୁବିଧା ହେଲାନାହିଁ । ଘରର ଝରକାବାଟେ ଚାହିଁ ସେମାନେ ଦେଖିଲେ ଯେ ଘର ଭିତରେ ଅଲିଭର୍ ଗୋଟାଏ ଚଉକି ଉପରେ ବସି

ଶୋଇଛି । ତା ଆଗରେ ଟେବୁଲ ଉପରେ କେତେଖଣ୍ଡ ବହି ପଡ଼ିଛି ।

ଅଲିଭର୍ ସେଠାରେ ବସି ନିଜର ବହି ପଢ଼ୁଥିଲା । ପଢ଼ୁ ପଢ଼ୁ କେତେବେଳେ ନିଦ ହୋଇଯାଇଛି ସେ ଜାଣିପାରି ନ ଥିଲା । ଏହିପରି ବସି ଶୋଇପଡ଼ିଥିବା ବେଳେ ଗୋଟିଏ ସ୍ୱପ୍ନ ଦେଖିଲା ଯେ ସେ ପୁଣି ଫଗିନ୍‌ର ଘରେ ରହିଛି । ଫଗିନ୍ ଅନ୍ୟ ଜଣେ ଲୋକ ସାଥିରେ କଥାବାର୍ତ୍ତା ହେଉଛି । ଫଗିନ୍ କହିଲା—"ଚୁପ୍ ରହ, ହଁ ଏଇ ହେଉଛି ସେ ପିଲା । ଚାଲଆ ।" ଅପର ଲୋକଟି କହିଲା, "ହଁ, ସେଇ ପିଲା । ମୋର କଅଣ ଭୁଲ ହୁଅନ୍ତା ? ସେଇଟାକୁ ମୁଁ ଘୃଣା କରେ ।"

ଏହିପରି ସ୍ୱପ୍ନ ଦେଖୁ ଦେଖୁ ଅଲିଭର୍ ହଠାତ୍ ଉଠିପଡ଼ିଲା । ଝରକାଆଡ଼କୁ ଚାହିଁ ସେ ଫଗିନ୍ ଓ ଅନ୍ୟ ଜଣେ ଲୋକକୁ ଦେଖି ପାରିଲା । ତାର ସ୍ୱପ୍ନ ଯେ ସତ୍ୟରେ ପରିଣତ ହୋଇଛି, ଏହା ଦେଖି ଅଲିଭର୍ ଭୟ ଓ ବିସ୍ମୟରେ ଚିତ୍କାର କରିଉଠିଲା । ଏହି ସମୟ ଭିତରେ ସେ ଲୋକ ଦୁଇଜଣ କୁଆଡ଼େ ଉଭେଇ ଗଲେ ।

ଅଲିଭର୍‌ର ଚିତ୍କାର ଶୁଣି ଘରର ଲୋକମାନେ ସେଠାକୁ ଦୌଡ଼ି ଆସିଲେ ଓ ଚିତ୍କାରର କାରଣ ଶୁଣି ସମସ୍ତେ ମିଶି ବଗିଚା ଓ ଆଖପାଖ ପଡ଼ିଆ ଖୋଜିଲେ; କିନ୍ତୁ କୌଣସିଠାରେ ଲୋକ ଦୁଇଟାର ଚିହ୍ନ ମିଳିଲା ନାହିଁ । ଅଲିଭର୍ କହିଲା ଯେ ସେ ଝରକା ବାହାରେ ଦୁଇଜଣ ଲୋକଙ୍କୁ ଦେଖିଛି । ଏହା ସ୍ୱପ୍ନ ନୁହେଁ । ଆଉଦିନ ସହରଯାକ ସନ୍ଧାନ କରାଗଲା, କିନ୍ତୁ କେହି ସେଭଳି ଲୋକଙ୍କୁ ଦେଖିଥିବାର ଜଣାଗଲା ନାହିଁ । ଏହା ଫଳରେ କିଛିଦିନ ପରେ ସମସ୍ତେ ଏ ଘଟଣା ଭୁଲିଯିବାକୁ ଲାଗିଲେ ।

ଟେଟ୍‌ସି ଡକାୟିତରେ ବିଫଳ ହୋଇ ଆସିବା ପରେ ଶାଇକ୍‌ସ ବେମାର ପଡ଼ିଲା । କିଛି ଦିନ ପରେ ତାକୁ ଦେଖିବା ପାଇଁ ଡଜର୍ ଓ ବେଟସଙ୍କୁ ସଙ୍ଗରେ ଘେନି ଫଗିନ୍ ସେଠାକୁ ଆସିଲା ।

ପିଲାଦୁହେଁ କେତେକ ଖାଇବା ଜିନିଷ ଓ ମଦବୋତଲ ଧରିଥିଲେ । ଫଗିନ୍ କହିଲା, "ଆରେ ସାଇକ୍‌ସ, ଦେଖିଲୁ ଆମେ ତୋପାଇଁ କଅଣ ଆଣିଛୁ ? ଯିଏକୁ ଖାଇଲେ ତୁ ତାଜା ହୋଇଯିବୁ ।"

ଶାଇକ୍‌ସ ଆଦୌ ସନ୍ତୁଷ୍ଟ ନ ହୋଇ କହିଲା, "ଆବେ, ମୁଁ ଏଠି ମଲା ମୂଷା ପରି ପଡ଼ିଛି, ତୋର ଦେଖାନାହିଁ ।"

ଫଗିନ୍ ଧୀର ଭାବରେ କହିଲା, "ଆରେ ନାଇଁ, ତୋତେ ଭୁଲି ଯାଇନାହିଁ । କଥା ହଉଛି, ମୁଁ ମୋ କାମରେ ଲଣ୍ଡନ ଛାଡ଼ି ବାହାରକୁ ଚାଲି ଯାଇଥିଲି । ହଉ, ଆମେ ଯାହା ଆଣିଛୁ ତାକୁ ଖାଇ ଟିକିଏ ମଦ ପିଇ ଦେ । ଦେହ ଭଲ ଲାଗିବ ।"

ଶାଇକ୍‌ସ—ହେଲା ଯେ ମୋର ଦରକାର ଟଙ୍କା, ଯେ କୌଣସିମତେ ତୋତେ ଟଙ୍କା ଦେବାକୁ ହେବ । ଏଇ ରାତି ଭିତରେ ନଦେଲେ ଛାଡ଼ିବି ନାହିଁ ।"

ଫଗିନ୍—ମୁଁ ତ କିଛି ହେଲେ ଆଣି ଆସିନାହିଁ ।

ଶାଇକ୍‌ସ—ଏଠି ନଥିଲେ କଅଣ ହେଲା ତୋ ଘରେ ଏତେ ଟଙ୍କା ସୁନା ରହିଛି । ସେଥିରୁ ମୋତେ କିଛି ଦେବାକୁ ହେବ ।

ଫଗିନ୍—ଆରେ ଶାଇକ୍‌ସ, ତୁ ଭାବୁଛୁ, ମୋଠି ବହୁତ ଅଛି; ମାତ୍ର—

ଶାଇକ୍‌ସ—ତୋ ଘରେ ଠିକ୍ କେତେ ଅଛି ମୁଁ କଣ ଜାଣେ ? ତେବେ ମୋର ଅନୁମାନ ଖୁବ୍ ବେଶି ଅଛି; ଯାହାହେଉ

ଆଜି ରାତ୍ରରେ ମୋର କିଛି ଟଙ୍କା ଦରକାର ।

ଫଗିନ୍—ହଉ, ହଉ, ମୁଁ ଯାଇ ଉଜର ହାତରେ କିଛି ପଠାଇଦେବି ।

ଶାଇକ୍ସ—ନା ନା, ସେ ପିଲାଟାଏ ଭୁଲିଯିବ । ନାନ୍ସି ସାଙ୍ଗରେ ଯାଉ, ଟଙ୍କା ଘେନି ଆସିବ । ଏଥିଭିତରେ ମୁଁ ଘଡ଼ିଏ ଶୋଇପଡ଼ିବି ।

ନାନ୍ସି, ବେଟ୍ସ ଓ ଉଜରଙ୍କୁ ସାଙ୍ଗରେ ନେଇ ଫଗିନ୍ ନିଜ ଘରକୁ ଗଲା । ଫଗିନ୍ ଟଙ୍କା ଆଣିବାକୁ ଭିତରକୁ ଯାଉଥିଲା ଏହି ସମୟରେ ବାହାରେ ପାଦ ଶବ୍ଦ ଶୁଣାଗଲା । ସେ କହିଲା, "ମଙ୍କସ ଆସୁଥିବ । ନାନ୍ସି, ତୁ ଟଙ୍କାକଥା ଆଦୌ ଉଠାଇବୁ ନାହିଁ । ସେ ଅଳ୍ପ ସମୟ ରହି ଚାଲିଗଲେ ମୁଁ ତୋ ହାତରେ ଟଙ୍କା ଦେବି ।" ଫଗିନ୍ ଆଲୁଅ ଦେଖାଇଲା । ମଙ୍କ୍ସ ଘର ଭିତରେ ପଶିଗଲା କ୍ଷଣି ନାନ୍ସିକୁ ଦେଖି ଟିକିଏ ପଛେଇ ଗଲା । ଫଗିନ୍ କହିଲା, "ଭିତରକୁ ଆସ, ଏ ହେଉଛି ଆମର ଦଳର ଜଣେ । ତାକୁ ଲୁଚାଇବାର କିଛି ନାହିଁ । ଖବର କଅଣ ?"

ମଙ୍କ୍ସ କହିଲା, "ଖବର ଭଲ, କିନ୍ତୁ ଆଗେ ଚାଲ । ତୁମକୁ ଏକୁଟିଆ କିଛି କହିବାକୁ ଅଛି ।" ଦୁହେଁଯାକ ସେ ଘରୁ ବାହାରି ଉପର ମହଲାକୁ ଚାଲିଗଲେ । ସେମାନେ ଯିବା ସଙ୍ଗେ ସଙ୍ଗେ ନାନ୍ସି ତାର ପାଦରୁ ଜୋତା କାଢ଼ି ସେମାନଙ୍କ ପଛେ ପଛେ ଗଲା ଓ ଦ୍ୱାରମୁହଁରେ ଲୁଚିରହି ସେ ଦୁହିଁଙ୍କର କଥାବାର୍ତ୍ତା ଶୁଣିବାକୁ ଲାଗିଲା । ପ୍ରାୟ ପନ୍ଦର ମିନିଟ ପର୍ଯ୍ୟନ୍ତ ସେମାନଙ୍କ କଥା ଶୁଣି ତଳକୁ ଚାଲିଆସିଲା । କିଛି ସମୟ ପରେ ଫଗିନ୍ ଓ ମଙ୍କ୍ସ ଓହ୍ଲାଇ ଆସିଲେ । ମଙ୍କସ ଚାଲିଗଲା ଓ ଫଗିନ୍ ଟଙ୍କା ବାହାର କରି ନାନ୍ସି ହାତରେ ଦେଲା ।

ନାନ୍‌ସି ଲୁଚି ଯାହା ଶୁଣୁଥିଲା, ସେଥିରେ ସେ ଚିନ୍ତିତ ହୋଇଗଲା । ସେ ଫଗିନ୍ ଘରୁ ବାହାରି ଗୋଟିଏ ଲୋକର ପାହାଚରେ ବସିପଡ଼ିଲା । ସେ ଏକ ବିଚିତ୍ର ଘଟଣା ମଙ୍କସଠାରୁ ଜାଣି ପାରିଥିଲା । ମଙ୍କସ ଅଲିଭର୍‌ର ବାପାମାଆଙ୍କୁ ଚିହ୍ନେ । ତା ପାଖରେ କେତେକ କାଗଜପତ୍ର ଥିଲା । ସେଥିରୁ ପ୍ରମାଣ ମିଳିଥାନ୍ତା ଯେ ଅଲିଭର୍ ଓ ମିସ୍ ରୋଜଙ୍କ ଭିତରେ ଖୁବ୍ ନିକଟସମ୍ପର୍କ ଅଛି । କିନ୍ତୁ ମଙ୍କସ ସେ କାଗଜକୁ ନଷ୍ଟ କରିଦେଇଛି । କାରଣ ସେ ଦୁହିଁଙ୍କର ପରସ୍ପର ନିକଟସମ୍ପର୍କ ଅଛି ବୋଲି କେହି ଜାଣନ୍ତୁ ଏହା ମଙ୍କସର ଇଚ୍ଛା ନୁହେଁ । କୌଣସି କାରଣରୁ ମଙ୍କସ ଅଲିଭର୍‌ର ସର୍ବନାଶ କରିବାକୁ ଇଚ୍ଛା କରେ ।

ମିସ୍ ରୋଜ୍ ଓ ଅଲିଭର୍‌ଙ୍କ ବିଷୟରେ ନାନ୍‌ସି ଏତେ କଥା ଜାଣିପାରିଲା । କିନ୍ତୁ ସେ କଅଣ କରିପାରିବ, ବୁଝିପାରିଲା ନାହିଁ । ଭାବି ଭାବି ସେ ଚାଲିଲା । ଶାଇକ୍‌ସ ଘରେ ପହଞ୍ଚି ତାକୁ ଟଙ୍କା ଦେଲା ।

## କୋଡ଼ିଏ

ଶାଇକ୍‌ସ ଫଗିନ୍ ଆଣିଥିବା ଖାଦ୍ୟ ଖାଇ ଓ ଟଙ୍କା ପାଇ ଖୁବ୍ ଆନନ୍ଦିତ ହେଲା । କିନ୍ତୁ ନାନ୍‌ସିର ଚିନ୍ତାର ସୀମା ନାହିଁ । ପରଦିନଟି ଏହିପରି କଟିଲା । ସନ୍ଧ୍ୟା ହେଲା । ଏବେ ଶାଇକ୍‌ସ ମଦ ପିଇ ପିଇ ଶୋଇବାର କଥା । ନାନ୍‌ସି ତା ପାଖରେ ବସିଥାଏ । ଶାଇକ୍‌ସ କହିଲା ମୋ ଔଷଧଟା ଦେଲୁ ।”

ନାନ୍‌ସି ଶାଇକ୍‌ସ ଆଡ଼କୁ ପଛ କରି ଔଷଧ ବାହାର କଲା ।

ତା ସହିତ ଆଉ କିଛି ମିଶାଇ ଆଣି ଶାଇକ୍‌ସକୁ ପିଇବାକୁ ଦେଲା । ଅଳ୍ପ ସମୟ ଭିତରେ ଶାଇକ୍‌ସ ଗାଢ଼ ନିଦରେ ଶୋଇପଡ଼ିଲା ।

ନାନ୍‌ସି ଭଲ ପୋଷାକ ପିନ୍ଧି ଘରୁ ବାହାରିଗଲା । ସେ ଲଣ୍ଡନର କେତେ ରାସ୍ତାରେ ଯାଇ ଶେଷରେ ଗୋଟିଏ ହୋଟେଲରେ ପହଞ୍ଚିଲା । ଏହି ହୋଟେଲରେ ମିସ୍ ମେଜ୍ ରହୁଛନ୍ତି ବୋଲି ସେ ଫଗିନ୍ ଓ ମଙ୍କସ୍‌ଙ୍କ କଥାବାର୍ତ୍ତାରୁ ଜାଣିପାରିଥିଲା । ହୋଟେଲ ଦ୍ୱାରପାଖରେ ପହଞ୍ଚି ସେ ଭିତରକୁ ପଶିଯାଉଥିଲା; କିନ୍ତୁ ଜଣେ ଚପରାସୀ ତାକୁ ଅଟକାଇ ପଚାରିଲା, "ତୁମେ ଏଠାରେ କାହା ପାଖକୁ ଆସିଛ ? କାହିଁକି ?"

ନାନ୍‌ସି ଡରି ନ ଯାଇ ସାହସ ବାନ୍ଧି କହିଲା, "ଏଠାରେ ମିସ୍ ମେଜ୍ ବୋଲି ଜଣେ ମହିଳା ଅଛନ୍ତି । ମୁଁ ତାଙ୍କ ସାଥିରେ କଥାବାର୍ତ୍ତା ହେବାକୁ ଆସିଛି ।"

ଚପରାସୀ କହିଲା, "ତୁମ ଭଳି ଲୋକ ସହିତ ତାଙ୍କର କଥାବାର୍ତ୍ତା ହୋଇ ନ ପାରେ । ଚାଲିଯାଅ ।"

ଏହି ସମୟରେ ଆଉ ଜଣେ ଚପରାସୀ ଆସି ପଚାରିଲା, "ମିସ୍ ମେଜ୍‌ଙ୍କ ପାଖରେ ଏତେବେଳେ ତୁମର କି କାମ ଅଛି ?"

ନାନ୍‌ସି କହିଲା, "ମୋର ଯାହା କହିବାର କଥା ତାହା କେବଳ ତାଙ୍କୁ କହିବି । ଦୟାକରି ତାଙ୍କୁ ଖବର ଦିଅ ।"

ଶେଷରେ ଚପରାସୀଜଣକ ଭିତରକୁ ଯାଇ ମିସ୍ ମେଜଙ୍କୁ ଏ କଥା ଜଣାଇଲା ।

ମିସ୍ ମେଜ୍ ବିସ୍ମିତ ହୋଇ ସ୍ତ୍ରୀଲୋକଟିକୁ ଡକାଇଲେ । ନାନ୍‌ସି ଚପରାସୀ ସଙ୍ଗରେ ମିସ୍ ମେଜ୍‌ଙ୍କ କୋଠରିକୁ ଗଲା । ସେତେବେଳକୁ ରାତି ଏଗାରଟା ।                    ***

## ଏକୋଇଶି

ମିସ୍ ବ୍ରେଜଙ୍କ କୋଠରିରେ ପ୍ରବେଶ କରି ନାନ୍‌ସି କହିଲା, "ଆପଣଙ୍କ ଚପରାସୀମାନେ ମୋତେ ଭିତରକୁ ଆସିବାକୁ ଦେଉ ନ ଥିଲେ । ମୁଁ ଚାଲିଯାଇଥିଲେ ହୁଏତ ଦିନେ ଆପଣ ଅନୁତାପ କରିଥାନ୍ତେ ?"

ମିସ୍ ବ୍ରେଜ ନାନ୍‌ସିକୁ ଆଶ୍ୱାସନା ଦେଇ କହିଲେ, "ତୁମେ ସ୍ୱଚ୍ଛନ୍ଦରେ ମୋ ପାଖରେ ବସି ଯାହା କହିବାର ଅଛି କହ ।"

ନାନ୍‌ସି ସେହିପରି ଠିଆହୋଇ କହିଲା, "ଆପଣ ମୋତେ ଚିହ୍ନି ନାହାନ୍ତି; ତେଣୁ ମୋତେ ଏପରି କହୁଛନ୍ତି । ମୁଁ ଆପଣଙ୍କ ପାଖରେ ବସିବାର ଯୋଗ୍ୟ ନୁହେଁ । ମୁଁ ଠିଆ ହୋଇ ରହୁଛି, କବାଟଟା ବନ୍ଦ ହୋଇଛି ତ ?"

ଏଭଳି କଥା ଶୁଣି ମିସ୍ ବ୍ରେଜ୍ ଟିକିଏ ଭୟ କରିଗଲେ । ସେ ସାହସ କରି କହିଲେ, "ହଁ, କବାଟ ବନ୍ଦ ଅଛି । ଭୟ ନ କରି ଯାହା କହିବାର କହ ।"

ନାନ୍‌ସି କହିଲା, "ମୋର ଭୟ କରିବାର ଯଥେଷ୍ଟ କାରଣ ଅଛି । ମୁଁ ଆସିଛି, ମୋର ଜୀବନକୁ ଓ ଆଉ କେତେ ଜଣଙ୍କର ଜୀବନକୁ ଆପଣଙ୍କ ହାତରେ ସମର୍ପଣ କରିଦେବା ପାଇଁ । ମିଷ୍ଟର ବ୍ରାଉନ୍‌ଲୋଙ୍କ ଘରୁ ଅଲିଭର୍ ବହି ଓ ଟଙ୍କା ନେଇ ଦୋକାନକୁ ଯାଉଥିବାବେଳେ ଯେଉଁ ସ୍ତ୍ରୀଲୋକ ତାକୁ ଧରିଆଣି ପୁଣି ଫଗିନ୍ ଘରେ ପୁରାଇଥିଲା, ସେ ସ୍ତ୍ରୀ ମୋ ଛଡ଼ା ଆଉ କେହି ନୁହେଁ ।"

ଘୃଣାରେ ମିସ୍ ବ୍ରେଜ ନାନ୍‌ସିଠାରୁ ଦୂରକୁ ଘୁଞ୍ଚିଗଲେ ।

ନାନ୍‌ସି କହିବାକୁ ଲାଗିଲା, "ମୁଁ ହେଉଛି ସେଇ ପାପିଷ୍ଠା । ମୁଁ ଚୋର ଡକାୟତମାନଙ୍କ ଭିତରେ ରହୁଛି । ମୋର ସାରା

ଜୀବନ ପାପମୟ । ମୋଠାରୁ ଆପଣ ଦୂରକୁ ଚାଲିଯିବାରେ ମୁଁ ବିସ୍ମିତ ନୁହେଁ । ବାସ୍ତବରେ ସମସ୍ତେ ମୋତେ ଘୃଣା କରନ୍ତି ଓ ଘୃଣା କରିବାର ଯଥେଷ୍ଟ କାରଣ ମଧ୍ୟ ଅଛି ।"

ମିସ୍ ରୋଜ୍ କହିଲେ, "ତୁମ କଥା ଶୁଣି ମୋ ମନରେ ଯେତିକି ଦୁଃଖ ହେଉଛି, ସେତିକି ତୁମ ଉପରେ ଦୟା ମଧ୍ୟ ଆସୁଛି ।"

ନାନ୍ସି ପୁଣି କହିବାକୁ ଲାଗିଲା, "ମୁଁ ଆପଣଙ୍କର ଦୟାର ପାତ୍ର । କିନ୍ତୁ ମୁଁ ଏଠାକୁ ଆସି ଆପଣଙ୍କୁ ଗୁପ୍ତ ସମ୍ବାଦ ଦେଇଛି ବୋଲି ଜଣାପଡ଼ିଲେ ଆମ ଡକାୟତଦଳ ମୋତେ ହତ୍ୟା କରିବେ । ତେଣୁ ମୁଁ ଯାହା କହିବାକୁ ଅଛି, ଶୀଘ୍ର କହି ପଳାଇଯିବି । ଆପଣ ମଙ୍କ୍ସ ବୋଲି ଜଣେ ଲୋକକୁ ଚିହ୍ନନ୍ତି ?"

ମିସ୍ ରୋଜ୍ କହିଲେ, "ନା, ମୁଁ ଏ ନାମ ମଧ୍ୟ କେବେ ଶୁଣିନାହିଁ ।"

ନାନ୍ସି କହିଲା, "ଆପଣ ତାକୁ ଜାଣନ୍ତି ନାହିଁ; କିନ୍ତୁ ସେ ଆପଣଙ୍କୁ ଚିହ୍ନେ । ସେ ଆମ ଦଳର ଜଣେ ଲୋକକୁ ଆପଣଙ୍କ ବିଷୟ କହୁଥିଲାବେଳେ ମୁଁ ଲୁଚିରହି ଶୁଣିପାରିଥିଲି । ତା ନୋହିଥିଲେ ମୁଁ ଆପଣଙ୍କ ନାମ ଓ ଠିକଣା ପାଇ ପାରି ନ ଥାନ୍ତି । ମୋର ସନ୍ଦେହ, ଲୋକଟାର ପ୍ରକୃତ ନାମ ମଙ୍କ୍ସ ନୁହେଁ । ଯାହାହେଉ, ଏହି ଲୋକଟା ଆପଣଙ୍କ ଘରେ ରହିଥିବା ଅଲିଭର୍‌କୁ ଅନେକ ଦିନ ହେଲା ଖୋଜିବୁଲୁଛି । କାହିଁକି ଖୋଜୁଛି, ତା ମୁଁ କହିପାରିବି ନାହିଁ । ଅଲିଭର୍ ପେଣ୍ଟନଭିଲ୍‌ର ମିଷ୍ଟର ବ୍ରାଉନ୍‌ଲୋଙ୍କ ପାଖରେ ଥିଲାବେଳେ ମଙ୍କ୍ସ କହିଥିଲା ଯେ ତାକୁ ଧରି ଫେରାଇ ଆଣିଲେ ସେ ଫଗିନ୍‌କୁ ଯଥେଷ୍ଟ ଧନ ଦେବ । ପୁଣି ଅଲିଭର୍‌କୁ ଘୋର ଡକାୟତ କରିଦେଲେ ସେ ଆହୁରି ଟଙ୍କା ଦେବ । କାଲି ରାତିରେ ମଙ୍କ୍ସ ଆସିଥିଲା । ସେ କହୁଥିଲା, "ଅଲିଭର୍‌ର ପ୍ରକୃତ

ପରିଚୟ କେତେକ ଅଳଙ୍କାରରୁ ଜଣାପଡ଼ିବ । ସେଗୁଡ଼ିକ ମୁଁ ଅନାଥାଶ୍ରମରୁ ଆଣିଥିଲି । ଅନାଥାଶ୍ରମର କର୍ମଚାରୀମାନେ ସେସବୁ ଜଣେ ସ୍ତ୍ରୀଲୋକଠାରୁ ପାଇଥିଲେ । ସେହି ସ୍ତ୍ରୀଲୋକଟି ଅଲିଭର୍‌ର ମାଆ, ମଲାବେଳେ ତା ପାଖରେ ଥିଲା । ଏବେ ତାକୁ ନଦୀରେ ଫିଙ୍ଗିଦେଇଛୁ । ଫଗିନ୍ ସାଥିରେ କଥାବାର୍ତ୍ତା ହେଲାବେଳେ ମୁଁ ଲୁଚିରହି ମଙ୍କସ ମୁହଁରୁ ଏହା ଶୁଣିଛି । ଆହୁରି ମଧ୍ୟ ମଙ୍କ୍‌ସ କହୁଥିଲା ଯେ ଅଲିଭର୍‌ର ବାପା ତା ନାଆଁରେ ଯେଉଁ ସମ୍ପତ୍ତି ଉଇଲ୍ କରିଯାଇଥିଲେ, ତାକୁ ଏବେ ସେ ପାଇବ । ମଙ୍କ୍‌ସର ଇଚ୍ଛା, ଅଲିଭର୍ କପରି ଗୋଟାଏ କୌଣସି ଅପରାଧର ଦଣ୍ଡସ୍ୱରୂପ ଦେଶରୁ ବିତାଡ଼ିତ ହେଉ । ଫଗିନ୍ ଏହା କରାଇପାରନ୍ତା; କିନ୍ତୁ ସେ ଅଲିଭର୍‌କୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା । ତେଣୁ ମଙ୍କ୍‌ସ କହିଲା, 'ଫଗିନ୍, ମୁଁ ମୋ ଭାଇର ଯେଉଁ ଅନିଷ୍ଟ କରିବାକୁ ସ୍ଥିର କରିଛି, ତୋ ଭଳି ଦୁଷ୍ଟ ଲୋକର ମୁଣ୍ଡରେ ମଧ୍ୟ ତାହା ସ୍ଥାନ ପାଇ ନ ଥିବ ।' ଏଥିରୁ ମୁଁ ବୁଝିଲି, ମଙ୍କ୍‌ସ ହେଉଛି ଅଲିଭର୍‌ର ଭାଇ ।"

ମଙ୍କ୍‌ସ ଅଲିଭର୍‌ର ଭାଇ, ଏହା ଶୁଣିଲାମାତ୍ରେ ମିସ୍ ମେଜ୍ ବିସ୍ମୟରେ ଚମକି ପଡ଼ିଲେ । ନାନ୍‌ସି ପୁଣି କହିବାକୁ ଲାଗିଲା, "ମଙ୍କ୍‌ସ ଜଣେ ଅତି ଖରାପ ଲୋକ । ଜଗତରେ ଏପରି ଖରାପ କାମ ନାହିଁ ଯାହା କି ସେ ନ କରିପାରେ । ଅଲିଭର୍‌ର ଜୀବନ ସଙ୍କଟପୂର୍ଣ୍ଣ । ଏହି କଥା ଜଣାଇଦେବା ପାଇଁ ମୁଁ ଆସିଥିଲି । ଏବେ ମୁଁ ଯାଏ ।"

ମିସ୍ ମେଜ ଏସବୁ ଶୁଣି କହିଲେ, "ତୁମେ ଚାଲିଯିବ ବୋଲି କହୁଛ । ତୁମେ ନ ରହିଲେ ମୁଁ କଣ କରିପାରିବ ? ତୁମେ ଏ ଯେଉଁ ସମ୍ବାଦ ଦେଲ ତାହାଦ୍ୱାରା କି ଲାଭ ହେବ ? ତୁମେ କହୁଛ,

ସେ ଲୋକଗୁଡ଼ାକ ଚୋରର ଡକାୟତ । ଏପରି ଖରାପ ଲୋକଙ୍କ ପାଖକୁ ଫେରିଯିବାକୁ ଚାହୁଁଛ କାହିଁକି ? ଜଣେ ଭଦ୍ରଲୋକଙ୍କ ସଙ୍ଗେ ମୋର ପରିଚୟ ଅଛି । ସେ ତୁମକୁ ନେଇ ନିରାପଦରେ ରଖିପାରିବେ ।”

ନାନ୍‌ସି କହିଲା, “ସେହି ଦଳରେ ଜଣେ ଲୋକ ଅଛି । ସେ ସମସ୍ତଙ୍କଠାରୁ ନିର୍ଦ୍ଦୟ ଓ ଖରାପ । କିନ୍ତୁ ସେହି ଲୋକଟିକୁ ଛାଡ଼ି ମୁଁ ରହିପାରିବି ନାହିଁ । ମୁଁ ଏଠାକୁ ଆସିଥିବାର ଜଣାପଡ଼ିଲେ ସେ ମୋତେ କଅଣ କରିବ କୁହାଯାଇ ନ ପାରେ । କିନ୍ତୁ ମୁଁ ତା ପାଖକୁ ନ ଗଲେ, ତାର ପ୍ରାଣ ରହିବ ନାହିଁ । ମୁଁ କୌଣସି ପ୍ରକାରେ ତାକୁ ମରଣମୁହଁରେ ଛାଡ଼ିଦେଇ ରହିପାରିବି ନାହିଁ ।”

ମିସ୍ ରୋଜ ଏପରି ଅଦ୍ଭୁତ ସ୍ତ୍ରୀଲୋକ କେବେ ଦେଖି ନ ଥିଲେ । ଜଣେ ସ୍ତ୍ରୀର ଚରିତ୍ର ଯେ ଏପରି ହୋଇପାରେ, ତାହା ତାଙ୍କ କଳ୍ପନାର ଅଗୋଚର ଥିଲା । ସେ କହିଲେ, “ମୋ କଥା ଶୁଣ । ଏବେ ମଧ୍ୟ ତୁମକୁ ମୁଁ ତୁମର ପାପ-ଜୀବନରୁ ଉଦ୍ଧାର କରିପାରେ । ମୋ କଥା ମାନ ।”

ନାନ୍‌ସି କହିଲା, “ମୋର ଉଦ୍ଧାର ପାଇବାର ବେଳ ଚାଲିଯାଇଛି । ଆଗରୁ ଯଦି କେହି ମୋତେ ଆପଣଙ୍କ ପରି ସଦୟ ବ୍ୟବହାର ଦେଖାଇଥାନ୍ତା, ତେବେ ମୁଁ ଏପରି ହୋଇ ନ ଥାନ୍ତି । ମୋତେ ବିଦାୟ ଦିଅନ୍ତୁ । ରାତି ଅଧିକ ହେଲାଣି ।”

ମିସ୍ ରୋଜ କହିଲେ, “ତାହା ହେଲେ ତୁମର ଭେଟ କେଉଁଠି କେତେବେଳେ ମିଳିବ, ଅନ୍ତତଃ ସେତିକି ଜାଣିବା ଦରକାର । ଡକାୟତଦଳ କେଉଁଠି ରହନ୍ତି, ତା ଜାଣିବା ମୋର ଦରକାର ନାହିଁ । କେବଳ ତୁମ ସଙ୍ଗେ ଦେଖା ହେବାର ଉପାୟ କୁହ ।”

ନାନ୍‌ସି କହିଲା, "ପ୍ରତି ରବିବାର ରାତି ଏଗାରଟାଠାରୁ ବାରଟା ପର୍ଯ୍ୟନ୍ତ ମୁଁ ଲଣ୍ଡନ ପୋଲ ଉପରେ ବୁଲୁଥିବି—ଅବଶ୍ୟ ମୁଁ ଯଦି ବଞ୍ଚିରହିଥାଏଁ । ସେହିଠାରେ ଏହି ସମୟରେ ମୋର ଦେଖା ମିଳିବ ।"

ମିସ୍ ମେଜ୍ ନାନ୍‌ସିକୁ କିଛି ଟଙ୍କା ଯାଚି କହିଲେ, "ଏତକ ନେଇ ଯାଅ । ତୁମର ଉପକାରରେ ଲାଗିପାରେ ।"

ନାନ୍‌ସି କହିଲା, "ଆପଣଙ୍କ ସାଥିରେ କଥାବାର୍ତ୍ତା ହେବା ପରେ ବୁଝିଛି, ମୋଭଳି ପାପୀ ଜୀବ ପୃଥିବୀରେ ରହିବା ଉଚିତ ନୁହେଁ । ଆପଣ ମୋତେ ପ୍ରାଣରେ ମାରିଦେଲେ ବରଂ ମୋର ଉପକାର ହେବ । ମୋର ଟଙ୍କାର ପ୍ରୟୋଜନ ନାହିଁ । ଈଶ୍ୱର ଆପଣଙ୍କର ମଙ୍ଗଳ କରନ୍ତୁ । ଆପଣଙ୍କ କାର୍ଯ୍ୟରେ ସହାୟ ହୁଅନ୍ତୁ ।"

ନାନ୍‌ସି ଘରୁ ବାହାରି ଚାଲିଗଲା । ***

## ବାଇଶି

ନାନ୍‌ସି ଚାଲିଯିବା ପରେ ମିସ୍ ମେଜ୍ ନିଜର କର୍ତ୍ତବ୍ୟ ବିଷୟରେ ଚିନ୍ତା କରିବାକୁ ଲାଗିଲେ । ଅନେକ ବେଳଯାଏ ଭାବି ଭାବି ସେ ଶୋଇପଡ଼ିଲେ । ସକାଳୁ ଉଠି ସେ ହାରି ମେଲାଇଙ୍କ ପାଖକୁ ପରାମର୍ଶ ପାଇଁ ଚିଠି ଲେଖିବାକୁ ବସିଛନ୍ତି, ଏହି ସମୟରେ ଅଲିଭର ଘରକୁ ପଶିଯାଇ କହିଲା, "ମୁଁ ମିଷ୍ଟର ବ୍ରାଉନ୍‌ଲୋଙ୍କୁ ଦେଖିଲି । ସେ ଗୋଟାଏ ଗାଡ଼ିରେ ଓହ୍ଲାଇ ଘର ଭିତରକୁ ଗଲେ । ସେ ଘରଟାକୁ ମୁଁ ଚିହ୍ନି ରଖିଛି । ମୁଁ ତାଙ୍କ ପାଖକୁ ଯିବି କି ?"

ମିସ୍ ବେଜ୍ କହିଲେ, "ନିଶ୍ଚୟ, ଶୀଘ୍ର ଯିବା ଉଚିତ। ମାଉସୀଙ୍କୁ କହି ମୁଁ ତୁମକୁ ଗାଡ଼ିରେ ନେଇ ସେଠାରେ ପହଞ୍ଚାଇ ଦେବି। ତୁମେ ପୋଷାକ ପିନ୍ଧି ଆସ।"

ଗାଡ଼ିରେ ମିସ୍ ବେଜ୍ ଓ ଅଲଭର୍ ବସି ସେ ଘର ପାଖରେ ପହଞ୍ଚିଲେ। ଅଲଭର୍ ଗାଡ଼ି ଭିତରେ ବସିରହିଲା। ମିସ୍ ବେଜ୍ ଖବର ଦେବାକୁ ଘର ଭିତରକୁ ଗଲେ। ସେତେବେଳକୁ ମିଷ୍ଟର ବ୍ରାଉନ୍‌ଲୋ ଓ ମିଷ୍ଟର ଗ୍ରିମଉଇଗ ଏକାଠି ବସି ଗଳ୍ପ କରୁଥିଲେ।

ଦୁହିଁଙ୍କ ମଧ୍ୟରୁ ଡେଙ୍ଗା ଭଦ୍ରଲୋକଙ୍କୁ ଲକ୍ଷ୍ୟ କରି ମିସ୍ ବେଜ୍ କହିଲେ, "ଆପଣ ବୋଧହୁଏ ମିଷ୍ଟର ବ୍ରାଉନ୍‌ଲୋ।" ସେ ସଙ୍ଗେ ସଙ୍ଗେ ଉତ୍ତର କଲେ, "ହଁ, ମୋର ନାମ ବ୍ରାଉନ୍‌ଲୋ; ଆଉ ଏ ହେଉଛନ୍ତି ମୋର ବନ୍ଧୁ ମିଷ୍ଟର ଗ୍ରିମଉଇଗ।" ମିସ୍ ବେଜ୍ ଉଭୟଙ୍କୁ ଯଥାବିଧି ନମସ୍କାର ଜଣାଇ କହିଲେ, "ମୋର ବନ୍ଧୁ ଅଲଭର୍‌ଙ୍କଠାରୁ ଆପଣମାନଙ୍କ କଥା ଶୁଣିଛି। ମୁଁ ସେହି ଅଲଭର୍‌ଙ୍କ ବିଷୟରେ କିଛି କହିବାକୁ ଆସିଛି।"

ମିଷ୍ଟର ବ୍ରାଉନ୍‌ଲୋ ବିସ୍ମିତ ହୋଇ କହିଲେ, "ସତେ! ବୁଝିଲ, ମୁଁ ତା ବିଷୟରେ ଗୋଟାଏ ମନ୍ଦ ଧାରଣା ରଖିଛି। ତମ କଥାରେ ଯଦି ମୋର ସେ ଧାରଣା ପରିବର୍ତ୍ତିତ ହୁଏ, ତେବେ ଈଶ୍ୱରଙ୍କୁ ଧନ୍ୟବାଦ ଦେବି।"

ଏହି ସମୟରେ ମିଷ୍ଟର ଗ୍ରିମଉଇଗ କହିଲେ, "ତାର ସ୍ୱଭାବ ଯେ ଖରାପ, ଏଥିରେ ସନ୍ଦେହ ନାହିଁ।"

ମିସ୍ ବେଜ୍ ତାଙ୍କୁ ବାଧା ଦେଇ କହିଲେ, "ନା ନା, ଆପଣମାନେ ଭୁଲ ବୁଝିଛନ୍ତି। ଅଲଭର୍ ଟୁଇଷ୍ଟ ଭଲ ସାଧୁ, ସରଳ ଓ ସଚ୍ଚରିତ୍ର ବାଳକ ପରି ଦେଖାଯାନ୍ତି।"

ମିଷ୍ଟର ବ୍ରାଉନ୍‌ଲୋ କହିଲେ, ମୋର ବନ୍ଧୁ ଯାହା କହିଲେ ତାହା ସତ୍ୟ ମନେ କର ନାହିଁ । ମନରେ ସେ ଯାହା ଭାବନ୍ତି, କଥାରେ ତାର ବିପରୀତ କହନ୍ତି । ଏଇଟା ତାଙ୍କର ସ୍ୱଭାବ । ଏବେ ଅଲିଭର୍ ବିଷୟରେ କଅଣ କହିବ, କହ ।"

ମିଷ୍ଟର ବ୍ରାଉନଲୋଙ୍କ ଘରୁ ଯିବା ପରେ ଅଲିଭର୍‌ର ଜୀବନରେ ଯାହା ସବୁ ଘଟିଥିଲା ମିସ୍ ମେଲ୍ ସେ ସବୁ ବର୍ଣ୍ଣନା କରିଗଲେ; କିନ୍ତୁ ନାନ୍‌ସିଠାରୁ ସେ ଯାହା ଶୁଣିଥିଲେ ତାହା କହିଲେ ନାହିଁ । ପରିଶେଷରେ ସେ କହିଲେ, "ଅଲିଭର୍‌ଙ୍କର ମନରେ ଦୁଃଖ ଯେ ଆପଣମାନଙ୍କର ତା ପ୍ରତି ଦୟା ନିମନ୍ତେ ସେ ଧନ୍ୟବାଦ ପ୍ରକାଶ କରିପାରିନାହାନ୍ତି ।

ମିଷ୍ଟର ବ୍ରାଉନ୍‌ଲୋ କହିଲେ, "ଏହା ଶୁଣି ମୁଁ ଆନନ୍ଦିତ; କିନ୍ତୁ ଅଲିଭର୍ ବର୍ତ୍ତମାନ କେଉଁଠି, ସେ କଥା ତ କହିଲ ନାହିଁ । ତାକୁ ସଙ୍ଗରେ ନେଇ ଆସିଲ ନାହିଁ କାହିଁକି ?"

ମିସ୍ ମେଲି—ସେ ଗାଡ଼ି ଭିତରେ ଅପେକ୍ଷା କରି ରହିଛନ୍ତି ।

"ଆମରି ଦୁଆରମୁହଁରେ ?" ଏତିକି କହି ମିଷ୍ଟର ବ୍ରାଉନ୍‌ଲୋ ଓହ୍ଲାଇ ଯାଇ ଗାଡ଼ିଭିତରେ ପଶିଗଲେ ଓ ଅଲିଭର୍‌କୁ ସଙ୍ଗରେ ନେଇ ଘରଭିତରକୁ ଫେରିଆସିଲେ । ସଙ୍ଗେ ସଙ୍ଗେ ସେ ଚାକରକୁ କହିଲେ, "ଯାଅ, ମିସେସ୍ ବେଡୁଇନ୍‌ଙ୍କୁ ଏଠାକୁ ପଠାଇଦିଅ ।"

ମିସେସ୍ ବେଡୁଇନ୍ ଆସି ଛିଡ଼ାହେଲେ । ମିଷ୍ଟର ବ୍ରାଉନ୍‌ଲୋ କିଛି ନ କହିବାରୁ, ପଚାରିଲେ, "ମୋତେ କାହିଁକି ଡକାଇଥିଲେ ?"

ମିଷ୍ଟର ବ୍ରାଉନ୍‌ଲୋ—ମୁଁ ଦେଖୁଛି, ଦିନକୁ ଦିନ ତୁମର ଆଖି ବେଶି ଖରାପ ହେଲାଣି । କିଛି ଦେଖିପାରୁନାହଁ ?

ମିସେସ୍ ବେଡୁଇନ୍—ମୋର ବୟସ ହେଲାଣି ସତୁରି । ଏ ବୟସରେ ଆଖିକି ଦେଖା ନ ଯିବାର କଥା ।

ମିଷ୍ଟର ବ୍ରାଉନ୍‌ଲୋ—ତାହା ହେଲେ ଆଖିରେ ଚଷମା ଦେଇ ଭଲକରି ଦେଖ; ଜାଣିପାରିବ, କଅଣ ଦେଖିବାକୁ ଡାକିଥିଲି ।

ମିସେସ୍ ବେଡୁଇନ୍ ଚଷମା ପିନ୍ଧିବାକୁ ଯାଉଥିଲେ । କିନ୍ତୁ ଅଲିଭର୍ ଆଉ ଧୈର୍ଯ୍ୟ ଧରି ନ ପାରି ତାଙ୍କୁ କୁଣ୍ଢାଇ ପକାଇ କହିଲା, "ଧାଈମା, ତୁମେ ମୋର ଜୀବନ ରଖିଛ ।"

ମିସେସ୍ ବେଡୁଇନ୍‌ଙ୍କ ପକ୍ଷରେ ଅଲିଭର୍‌କୁ ଚିହ୍ନିବା ପାଇଁ ମୁହୂର୍ତ୍ତେ ସୁଦ୍ଧା ଲାଗିଲା ନାହିଁ । ସେ ତାକୁ ଆଲିଙ୍ଗନ କରି କହିଲେ, "ମୁଁ ବରାବର କହିଆସୁଛି, ଅଲିଭର୍ ଫେରିଆସିବ । କେଡ଼େ ସୁନ୍ଦର ହୋଇଗଲାଣି ! କି ସୁନ୍ଦର ପୋଷାକ ପିନ୍ଧିଛୁ ! ଅଲିଭର୍, ତୁ ଆଜିଯାଏ କେଉଁଠି ରହିଥିଲୁ ?"

ମିସେସ୍ ବେଡୁଇନ୍ ଓ ଅଲିଭର ସେଇ ଘରେ ବସି କଥାବାର୍ତ୍ତା ହେବାକୁ ଲାଗିଲେ । ମିଷ୍ଟର ବ୍ରାଉନଲୋ ଉପର ମହଲାର ଏକ କୋଠରିକୁ ଯାଇ ରୋଜ୍‌ଙ୍କ ସହିତ ଅଲିଭର୍ ବିଷୟରେ ଆଲୋଚନା କଲେ । ମିସ୍ ରୋଜ୍ ନାନ୍‌ସି ତାଙ୍କୁ କହିଥିବା ବିଷୟ କହିଗଲେ । ଦୁହିଁଙ୍କ ଭିତରେ ସ୍ଥିର ହେଲା, ଏସବୁ କଥା ମିସେସ୍ ମେଲିଇଙ୍କୁ ଜଣାଇଦେବା ଉଚିତ । ଗୋଟିଏ ଗୁପ୍ତ କମିଟି ଗଢ଼ାଯିବ । ସେଥିରେ ମିସ୍ ରୋଜ୍ ଓ ମିଷ୍ଟର ବ୍ରାଉନ୍‌ଲୋଙ୍କ ଛଡ଼ା ଡାକ୍ତର ଲସବର୍ଣ୍ଣ, ହାରି ମେଲିଇ ରହିବେ । ମିଷ୍ଟର ଗ୍ରିମ୍-ୱିଗ ଜଣେ ଓକିଲ ହୋଇଥିବାରୁ ସେ ମଧ୍ୟ କମିଟିରେ ରହିବେ । ଏହି କମିଟି ଅନୁସନ୍ଧାନ କରି ଅଲିଭର୍‌ର ପିତାମାତା ଓ ତାଙ୍କ ପରିଚୟ ବାହାର କରିବ ଓ ଅଲିଭର୍ କପରି ତାର ସମ୍ପତ୍ତି ପାଇବ ତାହାର ଉପାୟ ସ୍ଥିର କରିବ । ମିସ୍ ରୋଜ୍ ଓ ମିଷ୍ଟର ବ୍ରାଉନ୍‌ଲୋ ନାନ୍‌ସି ସହିତ କଥାବାର୍ତ୍ତା ହେବାକୁ ଚେଷ୍ଟା କରିବେ । ଏମାନେ

ସବୁ କାର୍ଯ୍ୟ ଗୋପନରେ କରିବେ । ବର୍ତ୍ତମାନ ଅଲଭର୍‌କୁ କିଛି ଜାଣିବାକୁ ଦିଆଯିବ ନାହିଁ ।

ଏହିପରି ପରାମର୍ଶ ସ୍ଥିର କରି ସେ ଦୁହେଁ ବାହାର ଘରକୁ ଆସିଲେ । ଖାଦ୍ୟ ପ୍ରସ୍ତୁତ ଥିଲା । ସମସ୍ତେ ଖାଇ ନିଜ ନିଜ ସ୍ଥାନକୁ ଚାଲିଗଲେ । ***

## ତେଇଶି

ଶାଇକସ ନାନ୍‌ସିର ପରିବର୍ତ୍ତନ ଲକ୍ଷ୍ୟ କରିପାରିଲା । ରବିବାର ରାତି ଦଶଟାବେଳେ ଫଗିନ୍ ଶାଇକ୍‌ସ ଘରେ ବସି ତାହା ସହିତ କଥାବାର୍ତ୍ତା ହେଉଥିଲା । ଏହି ସମୟରେ ନାନ୍‌ସି ଟୋପିଟିଏ ପିନ୍ଧି ବାହାରକୁ ଯିବାକୁ ବସିଲା । ଫଗିନ୍ ନିଜେ କିଛି ନ କହି ଶାଇକ୍‌ସକୁ ଠାରିଦେଲା । ତହୁଁ ଶାଇକ୍‌ସ ନାନସିକୁ ପଚାରିଲା, "କିଲୋ, ଏତେ ରାତିରେ ତୁ କୁଆଡ଼େ ବାହାରିଛୁ ?"

ନାନସି—ଏଇ, ପାଖକୁ ଯାଉଛି ।

ଶାଇକ୍‌ସ—ମୁଁ ପଚାରୁଛି, କୁଆଡ଼େ ? କେଉଁଠାକୁ ?

ନାନସି—କୁଆଡ଼େ ଯାଉଛି, ମୁଁ ଜାଣେ ନାହିଁ ।

ଶାଇକ୍‌ସ—ହଁ, ତୁ ଜାଣୁନା, କିନ୍ତୁ ମୁଁ ଜାଣିଛି । କେଉଁଠିକି ଯିବା ଦରକାର ନାହିଁ । ଆ, ବସ୍ ।

ଏହା କହି ସେ ନାନ୍‌ସି ହାତରୁ ଟୋପିଟା ଛଡ଼ାଇ ନେଇ ତଳେ ଫିଙ୍ଗିଦେଲା ।

ନାନ୍‌ସି କାତର ସ୍ୱରରେ କହିଲା, "ଶାଇକ୍‌ସ, ମୋତେ ଛାଡ଼ିଦେ । ତୁ କଅଣ କରୁଛୁ ବୁଝି ପାରୁନାହୁଁ । ମୋର ଦେହ ଭଲ ନାହିଁ । ଘଣ୍ଟାଏ ଖଣ୍ଡେ ବାହାରେ ବୁଲିଆସିବି । ମୋତେ ଛାଡ଼ିଦେ ।"

ଶାଇକ୍‌ସ ରଗିଯାଇ ଗାଳିଦେଲା । ଏହି ସମୟରେ ଘଣ୍ଟାରେ ବାରଟା ବାଜିବାର ଶୁଣି ନାନ୍‌ସି ବୁଝିଲା ଯେ ବେଳ ଗଡ଼ିଗଲାଣି; ଆଉ ଯିବାର ଫଳ ନାହିଁ । ସେ ଚୁପ୍‌କରି ବସିରହିଲା ।

ଶାଇକ୍‌ସ ଫେରି ଆସି ପୁଣି ଫଗିନ୍ ସଙ୍ଗେ କଥାବାର୍ତ୍ତା ହେଲା । ସେ ଫଗିନ୍‌କୁ ପଚାରିଲା, "ଆଜି ନାନ୍‌ସି ଏତେ ରାତିରେ କୁଆଡ଼େ ଯିବ ବୋଲି ଉଛନ୍ନ ହେଉଥିଲା କାହିଁକି ? ତୁ ତାକୁ ମୋ'ଠୁ ବେଶି ଜାଣୁ । କାହିଁକି ସେ ଏପରି ହେଉଥିଲା କହିଲୁ ?"

ଫଗିନ୍ ଉତ୍ତର କଲା, "ମୁଁ ଜାଣିବି କିପରି ? ତେବେ ସେ ଆଗେ ଏମିତି ଜିଦ୍‌ଖୋର ନ ଥିଲା ।"

କିଛି ସମୟ ପରେ ନାନ୍‌ସି ସେ କୋଠରିକୁ ଆସିଲା । କାନ୍ଦି କାନ୍ଦି ତାର ଆଖି ଲାଲ ପଡ଼ିଯାଇଥିଲା । ତୁନି ହୋଇ ସେ ବସିଗଲା ।

ଫଗିନ୍ ଯିବାକୁ ବାହାରିବାରୁ ଶାଇକ୍‌ସ ନାନ୍‌ସିକୁ କହିଲା, "ଦୀପ ନେଇ ଯାଆ; ପାହାଚରେ ଗଲାବେଳେ ତାଙ୍କୁ ଆଲୁଅ ଦେଖାଇବୁ ।" ନାନ୍‌ସି ଦୀପ ଧରି ଗଲା । ଦ୍ୱାରପାଖରେ ହେଲାବେଳକୁ ଫଗିନ ଚୁପ୍ ଚୁପ୍ କରି ପଚାରିଲା, "ତୋର କଅଣ ହୋଇଛି କହିଲୁ ? ସେ ତ ଗୋଟାଏ ଜନ୍ତୁ । ତୋତେ କଅଣ ମାରଧର କରୁଛି ?"

ନାନ୍‌ସି କଅଣ କହିଆସୁଥିଲା; କିନ୍ତୁ ରହିଗଲା । ଫଗିନ୍ କହିଲା, "ଥାଉ ଥାଉ, ଏ ବିଷୟରେ ଆମେ ପରେ କଥାବାର୍ତ୍ତା ହେବା । ଗୋଟିଏ କଥା ମନେରଖିଥା । ତୁ ଯେବେ କାହା ଉପରେ ପ୍ରତିଶୋଧ ନେବାକୁ ଚାହିଁବୁ ତ ମୋ ପାଖକୁ ଆସିବୁ । ତୁ ତ ମୋତେ ଭଲକରି ଜାଣୁ ।"

ନାନ୍‌ସି କହିଲା, "ନିଶ୍ଚୟ, ଭଲକରି ଜାଣେ ।"

ଫଗିନ୍ ଚାଲିଯିବା ପରେ ନାନ୍‌ସି କବାଟ ବନ୍ଦ କରି ଘର ଭିତରକୁ ଫେରିଆସିଲା ।

ନିଜ ଘରକୁ ଯାଇ ଫଗିନ୍ ଗୋଟାଏ ଉପାୟ ପାଞ୍ଚିଲା । ସେ ଭାବିଲା—ନାନ୍‌ସି ଆଉ ଶାଇକ୍‌ସକୁ ଭଲ ପାଉନାହିଁ । ଏଥି-ଭିତରେ ଅନ୍ୟ କୌଣସି ଲୋକ ସାଥିରେ ଭାବ ହୋଇଛି । ନାନ୍‌ସି ସେଇ ଲୋକପାଖକୁ ଯିବ ବୋଲି ସଜ ହୋଇ ବାହାରିଥିଲା । ସେଇ ଲୋକଟାକୁ ଦଳ ଭିତରେ ପୂରାଇଲେ ଭଲ ହେବ । କିନ୍ତୁ ଲୋକଟା କିଏ, ଆଗ ଜାଣିବା ଦରକାର ।

ଅନେକ ଦିନ ହେଲା ଫଗିନ୍ ଶାଇକ୍‌ସକୁ ଘୃଣା କରୁଥିଲେ ହେଁ ତାକୁ ଭୟ କରୁଥିଲା । ଲୋକଟା ବଡ଼ ଦୁର୍ଦ୍ଦାନ୍ତ; କାଳେ କଅଣ କରିପକାଇବ ! ତାକୁ କୌଣସିମତେ ଶେଷ କରିଦେବା ଫଗିନ୍‌ର ଇଚ୍ଛା । ସେ ସ୍ଥିର କଲା, ନାନ୍‌ସି ହାତରେ ବିଷ ଦେଇ ତାକୁ ଚିରଦିନ ପାଇଁ ବିଦାୟ ଦେବ । ସେ ଗଲେ ନାନ୍‌ସିର ନୂଆ ବନ୍ଧୁଟି ଦଳରେ ତାର ସ୍ଥାନ ଅଧିକାର କରିବ ।

ଫଗିନ୍ ସ୍ଥିର କଲା—ସେ ଲୋକଟିର ସନ୍ଧାନ ନେଇ ଶାଇକ୍‌ସକୁ କହିବ ଯେ ତା'ଠାରେ ଆଉ ନାନ୍‌ସିର ସ୍ନେହ ନାହିଁ । ଶାଇକ୍‌ସ ଅବଶ୍ୟ ରାଗିଉଠିବ । ଏଣେ ନାନ୍‌ସିକୁ କହିବ, ଏ ଦୁଷ୍ଟଠାରୁ ରକ୍ଷାପାଇବାର ଉପାୟ ହେଉଛି, ତାକୁ ବିଷ ଦେଇ ଶେଷ କରିଦେବା । ନାନ୍‌ସି ନିଶ୍ଚୟ ମୋ କଥା ମାନିବ; ନ ମାନିବାକୁ ତାର ଚାରା ନାହିଁ ।

ନାନ୍‌ସିର ଗତିବିଧି ଜାଣିବା ପାଇଁ ଫଗିନ୍ କ୍ଲେପୋଲ୍‌କୁ ନିଯୁକ୍ତ କଲା ।

***

## ଚବଶ

କ୍ଲେପୋଲ ଏକସମୟରେ ସାଓରବେରଙ୍କ ଘରେ କାମ କରୁଥିଲା । ଅଲିଭର୍ ମଧ୍ୟ ସେଠାରେ କାମ କରିବାକୁ ପରେ ଯାଉଥିଲା । ସେ ଦୁହିଁଙ୍କ ଭିତରେ କପରି କଳି ଲଗିଥିଲା, ସେ କଥା ଆଗରୁ କୁହାଯାଇଅଛି । ଏଥିମଧ୍ୟରେ କ୍ଲେପୋଲ ଲଣ୍ଡନକୁ ଆସି ଚୋରମାନଙ୍କ ଦଳରେ ମିଶିଥିଲା । ଲଣ୍ଡନକୁ ଆସିଲାବେଳେ ସେ ସାଓରବେରଙ୍କର ଟଙ୍କାପଇସା ଚୋରାଇ ଆଣିଥିଲା ଓ ଚାର୍ଲୋଟକୁ ମଧ୍ୟ ଶିକ୍ଷା ଦେଇ ତାକୁ ସାଥିରେ ନେଇ ଆସିଥିଲା ।

ନାନ୍‌ସି କେଉଁ ଲୋକ ପାଖକୁ ଯାଏ, କେଉଁଠାରେ ଭେଟ ହୁଏ, ଦୁହେଁ କଅଣ କଥାବାର୍ତ୍ତା ହୁଅନ୍ତି, ଏସବୁ ବୁଝିବା ପାଇଁ କ୍ଲେପୋଲ ଉପରେ ଭାର ରହିଲା । ସେ ପୂର୍ବରୁ ନାନ୍‌ସିକୁ ଚହ୍ନି ନ ଥିବାରୁ ଫଗିନ୍ କୌଶଳରେ ତାକୁ ଚହ୍ନାଇଦେଲା ।

ଆସନ୍ତା ରବିବାର ଦିନ ଦୈବାତ୍ ଶାଇକ୍‌ସ ଘରେ ନ ଥିଲା । ତେଣୁ ନାନ୍‌ସି ଘରୁ ବାହାରି ଥରେ ଚାରିଆଡ଼କୁ ଚାହିଁଗଲା । ତାହା ପରେ ସିଧା ଲଣ୍ଡନ ପୋଲ ଉପରକୁ ଗଲା; କିନ୍ତୁ କାହାକୁ ଦେଖିଲା ନାହିଁ । କ୍ଲେପୋଲ ନାନ୍‌ସିର ଅଜାଣତରେ କିଛି ଦୂରରେ ତା ପଛେ ପଛେ ରହି ସବୁ ଦେଖୁଥାଏ । ଠିକ୍ ରାତି ବାରଟା, ଗୋଟିଏ ଗାଡ଼ି ଦେଖାଗଲା । ସେଥିରୁ ଜଣେ ଯୁବତୀ ଓ ଜଣେ ବୃଦ୍ଧ ଓହ୍ଲାଇପଡ଼ିଲେ । ଗାଡ଼ି ଫେରିଗଲା । ନାନ୍‌ସି ସେମାନଙ୍କ ପାଖକୁ ଯାଇ କହିଲା, "ଏଠାରେ ସୁବିଧା ହେବ ନାହିଁ । ଆସନ୍ତୁ, ନଈଘାଟର ସେ ପାହାଚରେ ବସି କଥାବାର୍ତ୍ତା ହେବା ।" ଏହା କହି ସେ ପାହାଚ ଆଡ଼କୁ ହାତ ଦେଖାଇଲା । ସେମାନେ ଯିବା ପୂର୍ବରୁ କ୍ଲେପୋଲ ଆଗ ଯାଇ ସବା ତଳ

ପାହାଚରେ ଲୁଚିବସିଲା । ନାନ୍‌ସି ସେମାନଙ୍କ ସଙ୍ଗେ ଯାହା କଥାବାର୍ତ୍ତା ହେଉଥିଲା ସେ ଶୁଣିପାରୁଥିଲା ।

ବୃଦ୍ଧ କହିଲେ, "ତୁମେ ଗଲା ରବିବାର ରାତିରେ ଆସି ନ ଥିଲ କାହିଁକି ?"

ନାନ୍‌ସି ଉତ୍ତର କଲା, "ମୁଁ ଯେଉଁ ଲୋକଟି କଥା କହୁଥିଲି, ସେ ମୋତେ ଜୋର୍ କରି ଅଟକାଇ ରଖିଲା ।"

ବୃଦ୍ଧ—ଆଜି ଆସିବା କଥା ସେ ଜାଣେ ?

ନାନ୍‌ସି—ନା, କେହି ଜାଣନ୍ତି ନାହିଁ । ଏତେବେଳଯାଏ କେହି ମୋତେ ସନ୍ଦେହ କରିନାହାନ୍ତି ।

ବୃଦ୍ଧ—ବେଶ୍, ଭଲ କଥା । ଏବେ ଶୁଣ । ତୁମେ ଏହି ଝିଅଙ୍କୁ ଯାହାସବୁ କହିଥିଲ, ସେ ସେସବୁ ମୋତେ ଓ ଆଉ କେତେ ଜଣ ବିଶ୍ୱାସୀ ଲୋକଙ୍କୁ କହିଛନ୍ତି । ପ୍ରଥମେ ମୁଁ ତମ କଥାକୁ ମିଛ ମଣିଥିଲି; କିନ୍ତୁ ଏବେ ତୁମ କଥାରେ ମୋର ପୂର୍ଣ୍ଣ ବିଶ୍ୱାସ ଆସିଛି । ଆମେ ମଙ୍କ୍‌ସଠାରୁ ଯେପରି ହେଉ ସବୁ ରହସ୍ୟ ବାହାର କରିବୁ । ତୁମେ ତାକୁ ଆମ ପାଖକୁ ଅଣାଅ । ତା କରି ନ ପାରିଲେ ଫଗିନ୍‌କୁ ଅଣାଅ ।

ନାନ୍‌ସି—ନା ନା, ଫଗିନ୍‌କୁ ଧରାଇ ଦେଇ ପାରିବି ନାହିଁ । ସେ ଗୋଟାଏ ରାକ୍ଷସ ସତ; ତଥାପି ତାକୁ ଧରାଇ ଦେଇ ପାରିବି ନାହିଁ ।

ବୃଦ୍ଧ—କାହିଁକି ?

ନାନ୍‌ସି—ହଁ, କେତେକ କାରଣ ଅଛି । ସବୁ କାରଣ ମୁଁ ପ୍ରକାଶ କରିପାରିବି ନାହିଁ । ତେବେ ଗୋଟିଏ କାରଣ ହେଉଛି, ମୁଁ ଏତେ ବର୍ଷ ହେଲା ଫଗିନ୍‌ର ଦଳରେ ରହିଆସିଛି । ସେ ମୋର ସବୁ କୁକର୍ମ ଜାଣେ । ସେ ଇଚ୍ଛା କଲେ ମୋତେ ପୁଲିସ

ହାତରେ ଧରାଇ ଯେକୌଣସି ମୁହୂର୍ତ୍ତରେ ଦଣ୍ଡ ଦିଆଇପାରେ । ଏପରି କି ମୋର ଫାଶୀ ହୋଇପାରେ ।

ବୃଦ୍ଧ—ତାହାହେଲେ ମଙ୍କ୍‌ସକୁ ଆମ ହାତରେ ଧରାଇ ଦେଲେ ହେବ । ତେଣିକି ଯାହା କରିବାର କଥା ଆମେ କରିବୁ ।

ଏହାପରେ ନାନ୍‌ସି ମଙ୍କ୍‌ସ ବିଷୟରେ ଯାହା ସବୁ ଜାଣିଥିଲା, କହିଗଲା । ତାହାର ରହିବା ସ୍ଥାନ ଓ ଗତିବିଧି ବର୍ଣ୍ଣନା କରିଗଲା । ବୃଦ୍ଧ କହିଲେ, "ଏବେ ମଙ୍କ୍‌ସକୁ କରଗତ କରିବା ଆମ ପକ୍ଷରେ କଷ୍ଟ ହେବ ନାହିଁ । ଆଚ୍ଛା ନାନ୍‌ସି, ତୁମେ ଆମର ଏତେ ଉପକାର କଲ । ମୁଁ ତୁମର ଗୋଟିଏ ଉପକାର କରିବାକୁ ଚାହେଁ । ଏ ଚୋର ଡକାୟତଙ୍କ ସଙ୍ଗ ଛାଡ଼ିଦିଅ । ମୁଁ ତୁମକୁ ଚଳିବା ପାଇଁ ଯଥେଷ୍ଟ ଟଙ୍କା ଦେବି । ତା ନ ଦେଲେ ବିଦେଶକୁ ଚାଲିଯାଅ । ସେଠାକୁ ଯିବା ଓ ସେଠାରେ ରହିବାର ଖର୍ଚ୍ଚ ମୁଁ ଦେବି ।"

ନାନ୍‌ସି କହିଲା, "ଆପଣଙ୍କର ମୋ ପ୍ରତି ଖୁବ୍ ଦୟା; ମାତ୍ର ମୁଁ ସେ ଦୟାର ପାତ୍ରୀ ନୁହେଁ । ମୁଁ ଯେଉଁ ଜୀବନ କଟାଉଛି, ତାକୁ ବଦଳାଇବାର ଉପାୟ ନାହିଁ । ମୋତେ ବିଦାୟ ଦିଅନ୍ତୁ । ଡେରି ହେଲେ ବିପଦ ଘଟିପାରେ ।"

ନାନ୍‌ସି ଯିବା ବେଳକୁ ମିସ୍ ମେଲି କିଛି ଟଙ୍କା ଯାଚିଲେ । କିନ୍ତୁ ସେ ତାହା ନ ନେଇ କହିଲା, "ମୋର ଟଙ୍କା ଦରକାର ନାହିଁ । ଆପଣଙ୍କ ଦୟାର ଚିହ୍ନସ୍ୱରୂପ ଆପଣଙ୍କର ଯେ କୌଣସି ବ୍ୟବହାର୍ଯ୍ୟ ଜିନିଷ ଦେଲେ ମୁଁ କୃତକୃତ୍ୟ ହେବି ।"

ମିସ୍ ମେଲି ନିଜର ରୁମାଲଟି ନାନ୍‌ସିର ହାତକୁ ବଢ଼ାଇ ଦେଲେ ।

ନାନ୍‌ସି ଶାଇକ୍‌ସ ଘରକୁ ଗଲା । କିନ୍ତୁ ତା ପୂର୍ବରୁ କ୍ଲେପୋଲ ଚାଲିଯାଇ ସବୁ କଥା ଫଗିନ୍‌କୁ ଜଣାଇଥିଲା ।

ଫଗିନ ଦେଖିଲା, ତାର ସବୁ ଚେଷ୍ଟା ପଣ୍ଡ ହୋଇଯାଇଛି । ଶାଇକ୍‌ସକୁ ଅପେକ୍ଷା କରି ରହିଲା । ଏହି ସମୟରେ ଶାଇକ୍‌ସ ଫଗିନ୍‌ର ଘର ଭିତରକୁ ପଶିଆସି ଟେବୁଲ ଉପରେ କେତେକ କାଗଜ ପକାଇଦେଇ କହିଲା, "ଏଇ ନେ । ବହୁ କଷ୍ଟରେ ଏହାକୁ ଆଣିଛି । ଏଣିକି ତାକୁ କିପରି ବ୍ୟବହାର କରିବାକୁ ହେବ, ତୁ ସ୍ଥିର କର ।"

ଫଗିନ୍ କାଗଜତକ ପକେଟରେ ରଖିଲା ଓ ଶାଇକ୍‌ସକୁ କହିଲା, "ଏ କ୍ଲେପୋଲ କଅଣ ସବୁ ଶୁଣି ଆସିଛି, ତାର ତୁଣ୍ଡରୁ ଶୁଣ ।"

କ୍ଲେପୋଲ ଲଣ୍ଡନ ପୋଲର ଘଟଣା ଠିକ୍‌ଠିକ୍ କରି ବର୍ଣ୍ଣନା କରିଗଲା । ଶେଷରେ ସେ କହିଲା, "ନାନ୍‌ସି କହୁଥିଲା, ସେ ପ୍ରଥମ ଥର ସେ ମହିଳାଙ୍କ ପାଖକୁ ଯିବାଦିନ ତୁମକୁ ମଦ ସାଥିରେ ଗୋଟାଏ ଔଷଧ ମିଶାଇ ଦେଇଥିଲା । ସେଥିପାଇଁ ତୁମେ ମଲା ପରି ପଡ଼ିରହିଥିଲ ।"

ଏସବୁ ଶୁଣିଲା ପରେ ଶାଇକ୍‌ସ ଆଉ ଧୈର୍ଯ୍ୟ ଧରି ରହି ପାରିଲା ନାହିଁ । ସେ ନିଜ ଘରକୁ ଦୌଡ଼ିଲା । ***

## ପଚାଶ

ପାଗଳ ପରି ଶାଇକ୍‌ସ ଘରକୁ ଦୌଡ଼ିଲା । କବାଟ ଫିଟାଇ ସିଡ଼ି ଉପରେ ଉଠି ନିଜ କୋଠରି ଭିତରେ ପଶି ଆଗେ କବାଟରେ ଗୋଟାଏ ତାଲା ପକାଇଦେଲା । ଗୋଟାଏ ଟେବୁଲ

ଟାଣିଆଣି କବାଟରେ ଲଗାଇଦେଲା । ନାନ୍‌ସି ବିଛଣା ଉପରେ ଶୋଇଥିଲା । ଶାଇକ୍‌ସ ତାକୁ ଟାଣି ନିଦରୁ ଉଠାଇଦେଲା । ତାର ଚେହେରା ଦେଖି ନାନ୍‌ସିର ଭୟ ହେଲା ।

ଶାଇକ୍‌ସ କହିଲା, "କିଲୋ, ଉଠୁ ଛୁ ନା ଦେଖିବୁ ?"

ନାନ୍‌ସି ଟିକିଏ ହସି କହିଲା, "କିଏ ଶାଇକ୍‌ସ ! ତମେ କେତେବେଳେ ଆସିବ ବୋଲି ମୋର ବଡ଼ ଚିନ୍ତା ଥିଲା ।"

ଶାଇକ୍‌ସ କ୍ରୁଦ୍ଧ ସ୍ୱରରେ କହିଲା, "ହଁ, ମୁଁ ବିଲ୍ ଶାଇକ୍‌ସ । କଅଣ ଚିହ୍ନି ପାରୁନୁ; ଉଠିଲୁ ।"

ଘରଭିତରେ ଗୋଟାଏ ବତି ଜଳୁଥିଲା । ଶାଇକ୍‌ସ ତାକୁ ନେଇ ଚୁଲିରେ ଫିଙ୍ଗିଦେଲା । ପାହାନ୍ତିଆ ସମୟ । ପୁରା ଆଲୁଅ ହୋଇ ନ ଥାଏ । ନାନ୍‌ସି ଉଠି ଝରକାର ପରଦା ଖୋଲି ଦେବାକୁ ଯାଉଥିଲା; କିନ୍ତୁ ଶାଇକ୍‌ସ ତାକୁ ଯିବାକୁ ନ ଦେଇ କହିଲା, "ପରଦା ଖୋଲିବା ଦରକାର ନାହିଁ । ଯେତିକି ଆଲୁଅ ଅଛି, ସେତିକିରେ ମୋର କାମ ବେଶ୍ କରିପାରିବି ।"

ନାନ୍‌ସିର ଭୟ ଆହୁରି ବଢ଼ିଗଲା । ସେ କହିଲା, "ଶାଇକ୍‌ସ, ତୁ ମୋତେ ଆଜି ଏପରି ଚାହିଁଛୁ କାହିଁକି ?"

ଶାଇକ୍‌ସ କିଛି ଉତ୍ତର ନ ଦେଇ ଏକ ଆଖିରେ ତାକୁ କିଛି ସମୟ ଚାହିଁ ରହିଲା । ତା'ପରେ ହଠାତ୍ ଉଠିପଡ଼ି ତାର ଗଳାକୁ ଗୋଟାଏ ହାତରେ ଚିପିଧରି ତାକୁ ଘର ମଝିକି ଟାଣି ଆଣିଲା । ତାକୁ ତଳେ ପକାଇ ଗୋଟାଏ ହାତରେ ତା ମୁହଁକୁ ମାଡ଼ି ବସିଲା ।

ବହୁ କଷ୍ଟରେ ନାନ୍‌ସି କହିଲା—ମୋର ଦୋଷ କଅଣ ? ମୁଁ କଅଣ କଲି ଯେ ଏପରି ମୋତେ ଦଣ୍ଡ ଦେଉଛୁ ?

ଶାଇକ୍‌ସ—କଅଣ କରିଛୁ, ତୁ ଜାଣୁ ନା ? ପିଶାଚୀ, ତୁ ନିଜକୁ ଘର ଗୁଲଖ ମନେ କରିଛୁ ! କାଲି ରାତିରେ ତୁ ଯାହା ଯାହା କହିଛୁ ମୁଁ ସବୁ ଜାଣେ । ସେଥିପାଇଁ ମୁଁ ଲୋକ ରଖିଥିଲି ।

ନାନ୍‌ସି ଦେଖିଲା ତାର ରକ୍ଷା ନାହିଁ । ସେ ବିକଳ ହୋଇ କହିଲା, "ତୁ ମୋର ଜୀବନ ରକ୍ଷାକର । ମୁଁ ତୋର ଜୀବନ ରକ୍ଷା କରିଛି । ମୋତେ ମାରିଦିଅନା । ତୋ ଗୋଡ଼ତଳେ ପଡ଼ି ଏତିକି ମାଗୁଛି ।"

ଶାଇକ୍‌ସର ମୁହଁରେ କିଛି ପରିବର୍ତ୍ତନ ନ ଦେଖି ନାନ୍‌ସି ପୁଣି କହିଲା, "ମୁଁ ଜୀବନରେ ଯାହା କିଛି କରିଥାଏଁ ପଛକେ ତୋର ଅନିଷ୍ଟ କରୁନାହିଁ । ମୋର ଜୀବନ ରକ୍ଷାକର ।"

କିନ୍ତୁ ଶାଇକ୍‌ସ କୌଣସି ଯୁକ୍ତି ବା ଅନୁରୋଧ ଶୁଣିବା ଅବସ୍ଥାରେ ନ ଥିଲା । ସେ ଗୋଟିଏ ହାତରେ ପକେଟରୁ ପିସ୍ତଲ ବାହାରକଲା; କିନ୍ତୁ ତାର ମନେପଡ଼ିଗଲା—ଗୁଳିର ଶବ୍ଦ ଶୁଣାଗଲେ ସେ ଧରାପଡ଼ିଯିବ । ସେ ପିସ୍ତଲ ରଖିଦେଇ ନାନ୍‌ସିର ମୁହଁ ଉପରେ ବିଧା ଉପରେ ବିଧା ମାରିବାକୁ ଲଗିଲା । ତା ମୁହଁରୁ ରକ୍ତ ବାହାରିଲା । କିଛି ସମୟ ପରେ ନାନ୍‌ସିର ପ୍ରାଣବାୟୁ ବାହାରିଗଲା ।

***

## ଛବିଶ

ଦିନର ଆଲୁଅ ଉଜ୍ଜ୍ୱଳ ହୋଇଆସିଲା । ନାନ୍‌ସିର ଶବ ଖିଷଣ ଦେଖାଯାଉଥିଲା । ତାକୁ ଚାହିଁବାକୁ ଶାଇକସ୍‌ର ସାହସ ହେଲା ନାହିଁ । କିଛି ସମୟ ପରେ ସେ କୁକୁର ସହିତ ଘରୁ ବାହାରି

ପଳାଇଲା । ଦୁଇଦିନ ଯାଏ ସେ ଏଣେତେଣେ ବୁଲିଲା । ସନ୍ଧ୍ୟା-
ବେଳକୁ ସହରଠାରୁ ଖୁବ ଦୂରରେ ଗୋଟିଏ ଗ୍ରେଟ ହୋଟେଲରେ
କିଛି ଖାଇବସିଛି, ଏହି ସମୟରେ କେହି ଜଣେ ତାର ଟୋପିରେ
ରକ୍ତ ଲଗିଥିବାର ଦେଖିପାରିଲା । ଏହା ଜାଣିପାରି ଶାଇକ୍ସ
ଧରାପଡ଼ିବା ଭୟରେ ନ ଖାଇ ପଳାଇଲା । ରାତିରେ ତାକୁ ନିଦ
ହେଲା ନାହିଁ । ନାନ୍ସିର ମୁହଁଟା ସବୁବେଳେ ତାକୁ ଦେଖାଗଲା ।

ବୁଲୁ ବୁଲୁ ଗୋଟାଏ ଜାଗାରେ ଘର ପୋଡ଼ିଯାଉଥିବାର
ଦେଖି ସେ ନିଆଁ ଲିଭାଇବାରେ ଖୁବ୍ ସାହାଯ୍ୟ କଲା । ଲୋକେ
ତାକୁ ପ୍ରଶଂସା କଲେ ଓ ଖାଇବାକୁ ଦେଲେ । ସେମାନେ ଗପ
କରୁ କରୁ ଜଣେ କହିଲା, "ସେ ସ୍ତ୍ରୀଲୋକକୁ ଯିଏ ମାରିଛି, ସେ
ଖୁବ୍ ଦୂରକୁ ପଳାଇଛି ବୋଲି ଶୁଣାଯାଉଛି । ହେଲେ ପୁଲିସ
ତାକୁ ନିଶ୍ଚୟ ଧରିବ । ତା ନାଆଁରେ ହୁଲିଆ ଜାରି ହୋଇଛି ।
ସାରା ଦେଶଯାକ ଖୋଜାପଡ଼ୁଛି ।"

ଏହା ଶୁଣି ଶାଇକ୍ସ ସେଠାରେ ଆଉ ରହିପାରିଲା ନାହିଁ ।
ସେ ଲଣ୍ଡନକୁ ଫେରଆସିବାକୁ ସ୍ଥିର କଲା । ମଫସଲ ଅପେକ୍ଷା
ବଡ଼ ସହରରେ ଲୁଚି ରହିବା ସୁବିଧା । ସେ ଭାବିଲା, ପୁଲିସ ନିଶ୍ଚୟ
ଖବର ପାଇଥିବ ଯେ ମୋ ସାଥିରେ ସବୁବେଳେ ଗୋଟାଏ
ଧଳା କୁକୁର ଥାଏ । ତେଣୁ କୁକୁରଟାକୁ ନେଇ ଲଣ୍ଡନରେ
ଲୁଚି ରହିବା ସହଜ ହେବ ନାହିଁ । ତେଣୁ ସେ କୁକୁର
ବେକରେ ଗୋଟାଏ ପଥର ବାନ୍ଧି ପୋଖରୀ ଭିତରକୁ ଫିଙ୍ଗି
ମାରିଦେବାକୁ ଚେଷ୍ଟା କଲା । କିନ୍ତୁ କୁକୁର ବେକରେ ପଥର
ବାନ୍ଧିବାକୁ ଦେଲା ନାହିଁ । ସେ ତା ପାଖରୁ ପଳାଇଗଲା ।

ଏଥି ମଧ୍ୟରେ ମିଷ୍ଟର ବ୍ରାଉନ୍‌ଲୋ ପୁଲିସକୁ ଫଗିନ୍‌ର
ଆଡ୍ଡା ଓ ତାର ସଙ୍ଗୀମାନଙ୍କ ବିଷୟରେ ଖବର ଦେଇଥିଲେ ।

ପୁଲିସ ସେମାନଙ୍କ ବିରୁଦ୍ଧରେ ନାନା ଅଭିଯୋଗ ଆଣି ଫଗିନ୍‌କୁ ଗିରଫ କଲେ । ଶାଇକ୍‌ସକୁ ନାନ୍‌ସିର ହତ୍ୟା ଅପରାଧରେ ପୁଲିସ ଖୋଜିବାରେ ଲାଗିଲେ । ଟବିକୁ ମଧ୍ୟ ଖୋଜା ଲାଗିଲା ।

ଟେମସ ନଦୀର ଠିକ୍ ଦକ୍ଷିଣକୂଳରେ ଗୋଟିଏ ଘରେ ଫଗିନ ଦଳର ତିନିଜଣ ବସି କଥାବାର୍ତ୍ତା ହେଉଥିଲେ । ସେମାନଙ୍କ ଭିତରୁ ଜଣେ କହିଲା—"ଆଜି ଦିନ ଦୁଇଟାବେଳେ ଫଗିନକୁ ଗିରଫ କରାଗଲା । ମୁଁ ସେଠି ଥିଲି । ଲୋକେ ଫଗିନ୍‌କୁ ମାରି ପକାଇଥାନ୍ତେ । ପୁଲିସ ତାକୁ ରକ୍ଷା କଲେ ।" ଏହି ସମୟରେ ଶାଇକ୍‌ସର କୁକୁର 'ବୁଲ୍' କବାଟ ଠେଲି ଘର ଭିତରେ ପଶିଗଲା । ସେମାନେ ଜାଣନ୍ତି, ଶାଇକ୍‌ସଠାରୁ ବୁଲ୍ କେବେ ଅଲଗା ରହେ ନାହିଁ । କୁକୁର ଯେବେ ଆସିଲା ଶାଇକସ ଗଲା କୁଆଡ଼େ । ସେମାନେ ଅନୁମାନ କଲେ, ସେ କୁକୁରକୁ ଛାଡ଼ି ବିଦେଶକୁ ପଳାଇଯାଇଛି । କିନ୍ତୁ ସେମାନଙ୍କ ଅନୁମାନ ଭୁଲ ବୋଲି ପ୍ରମାଣିତ ହେଲା । କିଛି ସମୟ ପରେ ଶାଇକ୍‌ସ ଆସି ପହଞ୍ଚିଲା । ତା ପରେ ପରେ ବେଟ୍‌ସ ମଧ୍ୟ ପହଞ୍ଚି-ଗଲା । ସମସ୍ତେ ସ୍ଥିର କଲେ, ଶାଇକ୍‌ସ ନରହତ୍ୟାରେ ଅପରାଧୀ । ତାକୁ ସେଠାରେ ରଖିଲେ ସମସ୍ତେ ବିପଦରେ ପଡ଼ିବେ । ସବୁଠାରୁ ବେଶି ଆପତ୍ତି ହେଲା ବେଟ୍‌ସର । ତହୁଁ ଶାଇକ୍‌ସ ତାକୁ ମାରିବାକୁ ବସିଲା । ସେ ପାଟିକଲା—"ମତେ ମାରିପକାଇଲା । ଧାଇଁ ଆସ । ଶାଇକ୍‌ସ ଏଠି ରହିଛି । ତାକୁ ଧର ।"

ରାସ୍ତା ଉପରେ ଲୋକେ ଜମିଗଲେ । ଏଥିମଧ୍ୟରେ ଶାଇକ୍‌ସ ବେଟ୍‌ସକୁ ନେଇ ଗୋଟାଏ ଘରେ ବନ୍ଦ କରିଦେଲା । କବାଟ ବନ୍ଦ ଥିବାର ଦେଖି କେତେ ଲୋକ ପାଟିକଲେ—କବାଟକୁ ଭାଙ୍ଗି ଦିଅ । ଆଉ କେତେ ଲୋକ କହିଲେ ଘରେ ନିଆଁ ଲଗାଇଦିଅ ।

ଶାଇକ୍‌ସ ଦେଖିଲା—ସମସ୍ତେ ତା’ ବିରୁଦ୍ଧରେ । ଏପରି କି ତାର ସାଥିମାନେ ତାକୁ ରଖିବାକୁ ଚାହାଁନ୍ତି ନାହିଁ । ସେ ଗୋଟାଏ ଦଉଡ଼ି ନେଇ ଘରର ଛାତ ଉପରକୁ ଉଠିଗଲା । ସେ ସ୍ଥିର କଲା ଯେ ଦଉଡ଼ି ସାହାଯ୍ୟରେ ସେ ଛାତ ଉପରୁ ନଈକୁ ଡେଇଁ ପଡ଼ିବ ଓ ପହଁରି ପଳାଇଯିବ । କିନ୍ତୁ ତା ମଧ୍ୟ ହୋଇ ପାରିଲା ନାହିଁ । ଦଉଡ଼ିର ଗୋଟାଏ ମୁଣ୍ଡ ଧୂଆଁ ନଳରେ ବାନ୍ଧି ଅନ୍ୟ ମୁଣ୍ଡଟିରେ ଫାଶ ପକାଇ ନିଜ ଦେହରେ ଗଳାଇଲା । ଫାଶଟି ବେକଯାଏ ଗଳାଇଛି ଏହି ସମୟରେ ଲୋକଙ୍କ ପାଟି ଶୁଣି ଓ ନାନ୍‌ସିର ମୁହଁ ମନେପକାଇ ଭୟରେ ତଳକୁ ଖସିପଡ଼ିଲା । ଫାଶରେ ବେକ ଚିପି-ହୋଇ ତାର ପ୍ରାଣ ବାହାରିଗଲା । ପାଣିଉପରେ ତାର ଶବ ଝୁଲିରହିଲା । ***

## ସତାଇଶ

ମିଷ୍ଟର ବ୍ରାଉନ୍‌ଲୋ କେତେକ ଲୋକଙ୍କୁ ଲଗାଇ ମଙ୍କ୍‌ସକୁ ଧରାଇଆଣିଲେ । ସେ ବାଧ୍ୟ ହୋଇ ସମସ୍ତ ଅପରାଧ ସ୍ୱୀକାର କରି ଲେଖିଦେଲା । ତାର ସ୍ୱୀକାରୋକ୍ତି ହେଉଛି ଏହିପରି—

"ମୋର ନାମ ମଙ୍କ୍‌ସ ନୁହେଁ । ମୋର ପ୍ରକୃତ ନାମ ହେଉଛି ଏଡ୍‌ୱାର୍ଡ଼ ଲିଫୋର୍ଡ଼ । ମୋର ବାପାଙ୍କ ନାମ ଏଡ୍‌ଉଇନ୍ ଲିଫୋର୍ଡ଼ । ମୋର ବାପା ପାରିବାରିକ କାରଣରୁ ଜଣକୁ ବିବାହ କରିବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ସେ ଦୁହିଁଙ୍କର ମନ ମିଳୁ ନ ଥିଲା । ମୁଁ ଜନ୍ମ ହେବା ପରେ ସେ ଦୁହେଁ ଅଲଗା ଅଲଗା ରହିଲେ । ମାଆ ମୋତେ ନେଇ ପାଖରେ ରଖିଲେ । ବାପାଙ୍କର

ଫ୍ଲେମିଙ୍ଗ ବୋଲି ଜଣେ ନୌବିଭାଗର ଅଫିସର୍‌ଙ୍କ ସଙ୍ଗେ ଭାବ ଥିଲା । ମିଷ୍ଟର ଫ୍ଲେମିଙ୍ଗଙ୍କର ଅଗ୍ନିସ ଓ ରୋଜ୍ ବୋଲି ଦୁଇଟି ଝିଅ ଥିଲେ । ବାପା ଆଗ୍ନିସଙ୍କୁ ଭଲ ପାଇଲେ; କିନ୍ତୁ ସେ ବିବାହ କରିଛନ୍ତି ବୋଲି ଲୁଚାଇ ରଖିଲେ । ଦୁହିଁଙ୍କର ଅବାଧ ମିଳାମିଶା ଚାଲିଲା । ଅଗ୍ନିସ ଗର୍ଭବତୀ ଥିବା ଅବସ୍ଥାରେ ବାପା ଗୋଟିଏ ଜରୁରୀ କାର୍ଯ୍ୟରେ ରୋମ ଚାଲିଗଲେ । ଅଲିଭର୍ ହେଉଛି ଅଗ୍ନିସଙ୍କର ସେହି ଗର୍ଭଜାତ ସନ୍ତାନ । ରୋମ୍‌ରେ ବାପା ଭୀଷଣ ରୋଗରେ ପଡ଼ିବାରୁ ସେ ଗୋଟିଏ ଉଇଲ୍ କରିଦେଲେ ଯେ ତାଙ୍କର ସ୍ତ୍ରୀ ତାଙ୍କ ସମ୍ପତ୍ତିରୁ କିଛି ଅଂଶ ପାଇବେ; କିନ୍ତୁ ଅବଶିଷ୍ଟ ବଡ଼ ଅଂଶଟି ଆଗ୍ନିସ ଓ ତାର ସନ୍ତାନ ପାଇବେ । ଏହା ପରେ ବାପାଙ୍କର ମୃତ୍ୟୁ ହେଲା । ମାଆ କୌଣସିମତେ ଉଇଲ୍‌ଟିକୁ ହସ୍ତଗତ କରି ନଷ୍ଟ କରିଦେଲେ । ମାଆଙ୍କ ଶିକ୍ଷାରେ ମୁଁ ଏହି ଅଗ୍ନିସଙ୍କୁ କେବେ ଦେଖି ନ ଥିଲେହେଁ ତାଙ୍କୁ ଘୃଣା କରିବାକୁ ଲାଗିଲି । ମୋର ସ୍ୱଭାବ ଖରାପ ହୋଇଗଲା । ଦୁଷ୍ଟ ଲୋକଙ୍କ ସାଥିରେ ମିଶି ଚୋରି ଡକାୟତି କଲି । ସନ୍ଧାନ ନେଇ ବୁଝିଲି ଯେ ଅଗ୍ନିସ ଅନାଥାଶ୍ରମ ପାଖରେ ପୁଅଟିଏ ଜନ୍ମ କରି ମରିଯାଇଛନ୍ତି । ଅଲିଭର୍ ହେଉଛି ତାର ପୁଅ । ଅଲିଭର୍‌କୁ ଖୋଜି ଖୋଜି ଲଣ୍ଡନକୁ ଆସିଲି । ସେଠାରେ ମୋର ଫଗିନ୍ ସାଥିରେ ଭେଟ ହେଲା । ମୋର ଚେଷ୍ଟା ହେଲା କପରି ଅଲିଭର୍ ବଡ଼ ଅପରାଧ କରି ଜେଲ୍ ଯାଉ ବା ଦେଶରୁ ବିତାଡ଼ିତ ହେଉ । ତାହାହେଲେ ସେ ନିଜେ ଏଡ଼ୱାଇନ୍ ଲିଫୋର୍ଡ଼ଙ୍କର ସମସ୍ତ ସମ୍ପତ୍ତି ପାଇବାରେ କିଛି ବାଧା ରହିବ ନାହିଁ ।

ମିଷ୍ଟର ବ୍ରାଉନ୍‌ଲୋଙ୍କ ଘରେ ଯେଉଁ ସ୍ତ୍ରୀର ଛବିଟି ଝୁଲୁଥିଲା, ତାହା ସହିତ ଅଲିଭର ର ଚେହେରା ମିଳି ଯାଉଥିବାର ଦେଖି ସେ ବିସ୍ମିତ ହୋଇଯାଇଥିଲେ । ଏବେ ଅଲିଭର୍‌ର

ପ୍ରକୃତ ପରିଚୟ ପାଇବାରୁ ସେ ଏହାର କାରଣ ବୁଝି ପାରିଲେ । ଏହି ଛବିଟି ହେଉଛି ଆଗ୍ନିସଙ୍କର । ମାଆପୁଅଙ୍କର ଚେହେରାରେ ମେଳ ରହିବା ସାଧାରଣ କଥା । ଏଡ଼୍‌ୱିଇନଙ୍କ ସଙ୍ଗେ ମିଷ୍ଟର ବ୍ରାଉନଲୋଙ୍କର ବନ୍ଧୁତା ଥିଲା । ଥରେ ଦୂରକୁ ଯିବାବେଳେ ସେ ତାଙ୍କର ଜିନଷପତ୍ର ବ୍ରାଉନ୍‌ଲୋଙ୍କ ଘରେ ରଖିଯାଇଥିଲେ । ଏ ଛବିଟି ସେଥିରେ ଥିଲା ।

ଫଗିନ୍ ଧରାପଡ଼ି ବିଚାରରେ ଫାଶୀଦଣ୍ଡ ପାଇଲା । କ୍ଲେପୋଲ ସମସ୍ତ ସତ୍ୟ କଥା ପ୍ରକାଶ କରି ସରକାରୀ ସାକ୍ଷୀ ହେବାରୁ ଦଣ୍ଡରୁ ମୁକ୍ତ ପାଇଲା । ଡାକର୍ ଦୋଷୀ ସାବ୍ୟସ୍ତ ହୋଇ ଦେଶରୁ ବିତାଡ଼ିତ ହେଲା । ବେଟ୍‌ସର ମନ ପରିବର୍ତ୍ତନ ହୋଇ-ଯାଇଥିଲା । ସେ ସାଧୁଭାବରେ ଜୀବନଯାପନ କରିବାକୁ ଲାଗିଲା ।

ମଙ୍କ୍‌ସ ଅର୍ଥାତ୍ ଏଡ଼୍‌ୱାର୍ଡ଼ ଲିଫୋର୍ଡ଼ ବିଦେଶକୁ ପଳାଇ ଦଣ୍ଡରୁ ରକ୍ଷା ପାଇଗଲା ସତ; ମାତ୍ର ସେଠାରେ ମଧ୍ୟ ନାନା କୁକାର୍ଯ୍ୟରେ ଲିପ୍ତ ହୋଇ କାରାଦଣ୍ଡ ଭୋଗି ଜେଲ୍‌ରେ ପ୍ରାଣତ୍ୟାଗ କଲା । ମିସ୍ ରୋଜ୍‌ଙ୍କର ପ୍ରକୃତ ପରିଚୟ ମିଳିବା ପରେ ହାରି ମେଲିଇଙ୍କ ସଙ୍ଗେ ତାଙ୍କର ବିବାହ ହୋଇଗଲା । ମିଷ୍ଟର ବ୍ରାଉନ୍‌ଲୋ ଅଲିଭର୍‌କୁ ନିଜର ପୋଷ୍ୟପୁତ୍ର କରିରଖିଥିଲେ । ହାରି ଗୋଟିଏ ଗ୍ରାମର ଧର୍ମଯାଜକ ରୂପେ ରହିଲେ । ହାରି ଓ ରୋଜ୍‌ଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଲା । ମିସେସ୍ ମେଲିଇ ପୁଅବୋହୂଙ୍କ ପାଖରେ ଶେଷ ଜୀବନ କଟାଇଲେ । ସେହି ଗ୍ରାମର ଗୀର୍ଜାରେ ମାର୍ବଲ ପଥରରେ ଗୋଟିଏ ମାତ୍ର ଶବ୍ଦ ଲେଖା ହୋଇ ରହିଥିଲା—'ଅଗ୍ନିସ' । ରୋଜ୍ ଓ ଅଲିଭର୍ ଏହି ଶବ୍ଦଟିକୁ ଚାହିଁ ପ୍ରତିଦିନ ପ୍ରାର୍ଥନା କରୁଥିଲେ ।                ***